

ତୀରନ୍ଦାଜି ବିଶ୍ୱକପ ଫାଇନାଲରେ ୫ମ ରୌପ୍ୟ ପଦ ହାସଲ କଲେ ଦୀପିକା ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 208 | ଭାଗ ୩୨ | ସଂଖ୍ୟା୨୦୮ | Bhubaneswar | Tuesday 22 October 2024 | Page 8 Rs. 4.00 | ଭୁବନେଶ୍ୱର | ମଙ୍ଗଳବାର ୨୨ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଜିରୋ କାଜୁଆଲଟି ମିଶନରେ ଟିମ୍ ମୋହନ

## ୱାର୍ ରୁମ୍‌ରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି 'ଜିରୋ କାଜୁଆଲ୍‌ଟି' ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ସହିତ ସମସ୍ତ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳକୁ ଚିହ୍ନଟ କରି ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ଶତପ୍ରତିଶତ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

- ଶତପ୍ରତିଶତ ସ୍ଥାନାନ୍ତରକୁ ଗୁରୁତ୍ୱ
- ବାତ୍ୟା ପରେ ଜରୁରୀକାଳୀନ ସେବା ତୁରନ୍ତ ପୁନଃକ୍ଷମ କରାଯିବ
- କଳାବଜାରୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ଅକ୍ଟୋବର ୨୪ ତାରିଖ ସକାଳ ସୁଦ୍ଧା ପୁରୀ ଓ ସାଗରଦ୍ୱୀପ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ଅଛି। ୧୦୦ରୁ ୧୧୦ କିଲୋମିଟର ବେଗରେ ପୃଷ୍ଠା-୬

## ଭୟଙ୍କର ହେଉଛି 'ଦାନା'

- ପ୍ରଭାବିତ ହେବ ଅଧା ଓଡ଼ିଶା
- ଆଲର୍ଟ ଜାରି କଲା ଆଇଏମ୍‌ଡି
- ପୁରୀ-ସାଗର ଦ୍ୱୀପ ମଧ୍ୟରେ ଲ୍ୟାଣ୍ଡଫଲ୍
- ୧୦୦ରୁ ୧୨୦ କିମି ବେଗରେ ପବନ
- ଭଦ୍ରକ, ବାଲେଶ୍ୱର ସମେତ ୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା




ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ସକାଳ ୫.୩୦ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଏହା ପଶ୍ଚିମ-ଉତ୍ତର ପଶ୍ଚିମକୁ ଗତି କରି ଅଧିକ ଘନୀଭୂତ ହୋଇ ୨୨ ତାରିଖ ସୁଦ୍ଧା ଅବପାତ ଓ ୨୩ ତାରିଖରେ ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ। ଏକ ସିଭିୟର ସାଇକ୍ଲୋନିକ ଷ୍ଟର୍ମ ଭାବେ ଏହା ୨୪ ତାରିଖ ସକାଳେ ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବା ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୪ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ ପୁରୀ ଓ ପଶ୍ଚିମବଙ୍ଗର ସାଗର ଦୀପ ମଧ୍ୟରେ ଉପକୂଳକୁ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା 'ଦାନା' ଉପରେ ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି, ୨୪ ଓ ୨୫ ତାରିଖ ଅଧିକ ଗୁରୁତ୍ୱପୂର୍ଣ୍ଣ। ବାତ୍ୟା ଉପକୂଳ ଅତିକ୍ରମ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିଲୋମିଟର ରହିବାର ସମ୍ଭାବନା ରହିଛି। ୨୫ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ। ଏହି ସମୟରେ ପବନ, ଓ ସମୁଦ୍ରରେ ଉଚ୍ଚ ଜୁଆର ଆସିବ ବୋଲି ବି ଚେତାଇ ଦେଇଛନ୍ତି ଡ. ମହାପାତ୍ର। ବାତ୍ୟା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ସହିତ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଅଳ୍ପ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହୋଇପାରେ। ଓଡ଼ିଶା ଉପକୂଳରେ ୨୩ ତାରିଖରୁ ବର୍ଷା ଆରମ୍ଭ ହୋଇ ୨୪ ଓ ୨୫ ତାରିଖରେ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅତି ଭୀଷଣ ବର୍ଷାର ପୂର୍ବାନୁମାନ କରାଯାଉଛି। ପୁରୀ, ଖୋର୍ଦ୍ଧା (ଭୁବନେଶ୍ୱର ସମେତ), ଜଗତସିଂହପୁର, କେନ୍ଦ୍ରାପଡ଼ା,




ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାଗୁଡ଼ିକରେ ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆଉ ଅଳ୍ପ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୫ ତାରିଖରେ ମଧ୍ୟ ଏହି ସବୁ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ପୃଷ୍ଠା-୬

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ ତାରିଖରେ ଓଡ଼ିଶା ଆସିବେ ନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କ ତିନିଦିନିଆ ଓଡ଼ିଶା ଗସ୍ତ ସ୍ଥଗିତ ରଖାଯାଇଛି। ଏନେଇ ମୟୂରଭଂଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ ତାରିଖରୁ ୨୫ ପର୍ଯ୍ୟନ୍ତ ୩ଦିନିଆ ଗସ୍ତ କରିବାର ଥିଲା। ଗସ୍ତକାଳରେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି, ଉପରବେଡ଼ା, ରାଇରଂଗପୁର ସହ ପୁରୀ ଓ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥାନ୍ତେ।

## ସମୁଦ୍ର କୂଳରେ ଲାଗିଲା ନାଲି ପତାକା



ପୁରୀ, ୨୧।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଦାନା'କୁ ନେଇ ଆଶା ଆଶଙ୍କାରେ ଏବେ ଉପକୂଳ ବାସିନ୍ଦା। ବାତ୍ୟାର ପ୍ରଭାବ କେତେ ରହିବ ସେ ନେଇ ଉପକୂଳ ବାସିନ୍ଦାଙ୍କ ମନରେ ଆତଙ୍କ ସୃଷ୍ଟି କରିଛି। ବାତ୍ୟା ପ୍ରଭାବରେ ଅଧିକ ଉଚ୍ଚର ଜୁଆର ଉଠିବା ସମ୍ଭାବନା ଥିବାରୁ ଉପକୂଳ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସଜାଗ ରହିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୁରୀ ଓ ଅନ୍ୟାନ୍ୟ ଉପକୂଳ ଜିଲ୍ଲାରେ ସମୁଦ୍ର କୂଳରେ ନାଲି ପତକା ଲଗାଯାଇ ଲୋକଙ୍କୁ ସତର୍କ ସୂଚନା ଦିଆଯାଇଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ଥିବାରୁ କୌଣସି ଅଘଟଣ ଯେଭଳି ନ ପୃଷ୍ଠା-୬

## ବୃତ୍ତି ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ବାତ୍ୟା ଦାନାର ଆତଙ୍କ ସୃଷ୍ଟି ହୋଇଛି। ଦାନା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ପରିସ୍ଥିତିକୁ ଦେଖି ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ନିଷ୍ପତ୍ତି ଜିଲ୍ଲାପାଳଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅକ୍ଟୋବର ୨୩ ତାରିଖରେ ଏନ୍‌ଆର୍‌ଟିଏସ୍ ଏବଂ ୨୫ ତାରିଖରେ ପ୍ରାଥମିକ ବୃତ୍ତି ପରୀକ୍ଷା କରିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। କିନ୍ତୁ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପରୀକ୍ଷା ସ୍ଥଗିତ ରଖାଯାଇଛି। ପରୀକ୍ଷା ପୁଣି କେବେ ହେବ, ସେ ସଂପର୍କରେ ପରେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ୧୪ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ପାଇଁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ବାତ୍ୟା ଯୋଗୁଁ ପ୍ରଭାବିତ ହେବାକୁ ଉପକୂଳ ଓଡ଼ିଶା ଏବଂ ଉତ୍ତର ଓଡ଼ିଶାର ୧୪ ଜିଲ୍ଲାରେ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ହେବ ବୋଲି ସ୍ୱତନ୍ତ୍ର ରିଲିଫ କମିସନର (ଏସ୍‌ଆରସି) ଦେଓ ରଂଜନ ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏସ୍‌ଆରସି କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ତିନିଦିନ ୧୪ ଜିଲ୍ଲାର ସ୍କୁଲ ଛୁଟି ରହିବ। ଗଂଜାମ, ପୁରୀ, ଜଗତସିଂହପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ମୟୂରଭଂଜ, ଢେଙ୍କାନାଳ, ଯାଜପୁର, ଅନୁଗୁଳ, ଖୋର୍ଦ୍ଧା, ନୟାଗଡ଼, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟାର ପ୍ରଭାବ ଅଧିକ ରହୁଥିବା ନେଇ ପୂର୍ବାନୁମାନ କରାଯାଇଥିବାରୁ ସ୍କୁଲଗୁଡ଼ିକ ଛୁଟି ଘୋଷଣା ପୃଷ୍ଠା-୬

## ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ସବୁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ସହ ହେଡକ୍ୱାର୍ଟର୍ସରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ ସୋମବାର ସମସ୍ତ ବିଭାଗକୁ ଚିଠି ଲେଖି କର୍ମଚାରୀଙ୍କ ଛୁଟି ବାତିଲ ନିଷ୍ପତ୍ତି ବିଷୟରେ ଅବଗତ କରିଛନ୍ତି। ଯେକୌଣସି ଅଭାବନୀୟ ପରିସ୍ଥିତିର ମୁକାବିଲା ପାଇଁ ସରକାରୀ କର୍ମଚାରୀଙ୍କ ଛୁଟି ୩ଦିନ ପାଇଁ ବାତିଲ ହୋଇଛି। ସମସ୍ତ କର୍ମଚାରୀ ହେଡକ୍ୱାର୍ଟର୍ସରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଖାଇବା ଅଧାରୁ ଉଠିଗଲେ



ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ପ୍ରଶାସନରେ ଏଭଳି କର୍ମ ନିଷ୍ଠା ବିରଳ। ଓଡ଼ିଶାକୁ ବାତ୍ୟା ଭୟ ସୃଷ୍ଟି ହେବା ଖବର ଶୁଣି ଖାଇବା ଅଧାରୁ ଉଠିପଡିଲେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ। ଘଟଣାଟି ଥିଲା ଏମିତି- ଗତକାଲି ରାତି ପ୍ରାୟ ସାଢେ ନଅଟା ହେବ। ବାତ୍ୟା ଦାନା ଓଡ଼ିଶାକୁ ହିଟ୍ କରିବାର ସମ୍ଭାବନା ଅଧିକ ଥିବା ଖବର ଆସିଲା। ସେ ସମୟରେ ନିକୁଞ୍ଜ ବିହାରୀ ଧଳ ଡିନର କରୁଥିଲେ। ଖବର ଶୁଣୁଶୁଣୁ ଅଧାରୁ ଖାଇବା ଛାଡି ଉଠିଗଲେ। ଆଉ ସଙ୍ଗେ ସଙ୍ଗେ କୃଷି, ଶକ୍ତି, ପଂଚାୟତିରାଜ, ସ୍ୱାସ୍ଥ୍ୟ ସଚିବଙ୍କୁ ଟେଲିଫୋନ କଲେ ଆଉ ଆଜି ସକାଳ ୯ଟା ସୁଦ୍ଧା ଅପଡେଟ ଜଣାଇବାକୁ ନିର୍ଦ୍ଦେଶ ଦେଲେ। ତାପରେ ସ୍ୱତନ୍ତ୍ର ରିଲିଫ କମିଶନର ଓ ମୁଖ୍ୟ ଶାସନ ସଚିବଙ୍କ ସହ ବାତ୍ୟା ମୁକାବିଲା ନେଇ ଆରମ୍ଭ ହୋଇଗଲା ଟେଲିଫୋନରେ ଆଲୋଚନା। ଏକାଧିକ ସଚିବଙ୍କୁ କନଫରେନ୍ସରେ ନେଇ କଥା ହେଲେ। ଯାରିଭିତରେ ରାତି ସାଢେ ଗୋଟାଏ ବାଜିଲା, ଆଉ ସେ ଶୋଇବାକୁ ଗଲେ। ଆଜି ସକାଳ ୭ଟାରୁ ଆସି ଲୋକସେବା ଭବନରେ ହାଜିର। ୨୦୨୩ରେ ସ୍ୱତନ୍ତ୍ର ରିଲିଫ କମିଶନର ଥିବା ବେଳେ ନିଜର ପୂର୍ବ ଅଭିଜ୍ଞତାକୁ ନେଇ ଆରମ୍ଭ କରିଦେଲେ ଅପରେସନ। ଗୋଟି ଗୋଟି କରି ପ୍ରଥମେ ସବୁଠୁ ଅଧିକ ପ୍ରଭାବିତ ହେବାକୁ ଥିବା ସାତ ଜିଲ୍ଲା ଆଉ ପରେ ଆଉ ସାତଟି ଏମିତି ୧୪ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କ ସହ କଥା ହେଲେ। ଏଭିତରେ ଘରୁ ମ୍ୟାଡମ ଦୁଇ ତିନି ଥର କଲ କରିଛନ୍ତି କିନ୍ତୁ ସେ ଉଠାଇପାରିନାହାଁନ୍ତି। ଚତୁର୍ଥ ଥର କଲ କରି ମ୍ୟାଡମ ମନେପକେଇ ଦେଲେ ଯେ ସେ ଘରୁ ବ୍ରେକଫାଷ୍ଟ ଖାଇକି ଯାଇନାହାଁନ୍ତି। ଫଳରେ ସକାଳ ୧୦ଟାରେ ସେ ଲୋକସେବା ଭବନରେ ବ୍ରେକଫାଷ୍ଟ ମଗେଇ ଖାଇଲେ। ଏପିରିକି କାଲି ସନ୍ଧ୍ୟାରୁ ତାଙ୍କୁ ଟିକେ ଥଣ୍ଡା ଜ୍ୱର ଲାଗୁଥିଲେ ବି ରାଜ୍ୟର ସ୍ୱାର୍ଥ ପାଇଁ ତାହାକୁ ଭ୍ରୂକ୍ଷେପ ନକରି ସେ କାମ କରିଚାଲିଛନ୍ତି। ଆଉ ତାଙ୍କ ମାର୍ଗଦର୍ଶନରେ ଆଜି ମୁଖ୍ୟମନ୍ତ୍ରୀ ଜିରୋ କାଜୁଆଲିଟି ମିଶନ ନେଇ ବାତ୍ୟା ମୁକାବିଲା ରଣନୀତି ପ୍ରସ୍ତୁତ କରିଛନ୍ତି।

## ବିଜେଡିକୁ ଜୀବନ୍ୟାସ ଦେବାକୁ ଯୁବନେତା ଏକାଠି

### ସମସ୍ତେ ବିଜେଡି ପ୍ରତିଷ୍ଠାତା ସଦସ୍ୟଙ୍କ ପରିବାରର

### ଆଗାମୀ ୨୦ବର୍ଷ ଏମାନଙ୍କ କାନ୍ଧରେ ରହିବ ଓଡ଼ିଶା



ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ନିର୍ବାଚନରେ ହାରିବାପରେ ବୁଡି ଯାଉଥିବା ବିଜେଡିକୁ ଜୀବନ୍ୟାସ ଦେବାପାଇଁ ଏକାଠି ହୋଇଛନ୍ତି ବିଜେଡିର ଯୁବନେତା । ତେବେ ବିରଳ ସଂଯୋଗ ହେଉଛି ଯେ ଏକ ଗୁପ୍ତ ସ୍ଥାନରେ ଏକତ୍ର ହୋଇଥିବା ଏହି ଯୁବନେତାଙ୍କ ପିତା କିମ୍ବା ସମ୍ପର୍କୀୟମାନେ ହେଉଛନ୍ତି ବିଜୁ ଜନତା ଦଳର ପ୍ରତିଷ୍ଠାତା ସଦସ୍ୟ । ବର୍ତ୍ତମାନ ବିଜୁ ଜନତାଦଳରେ ଅସନ୍ତୋଷ ଓ ଗୋଷ୍ଠି କନ୍ଦଳ ଚରମ ସୀମାରେ ପହଞ୍ଚିଛି। ଅବସ୍ଥା ଏପରି ହୋଇଛି ଯେ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି । ପୃଷ୍ଠା-୬

### ରାଜ୍ୟ ସରକାରଙ୍କ ଦୀପାବଳୀ ଭେଟି

## ୩% ବଢ଼ିଲା ମହଙ୍ଗାଭତ୍ତା

ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ଦୀପାବଳୀ ଭେଟି। ରାଜ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଭତ୍ତାକୁ ୩ ପ୍ରତିଶତ ବୃଦ୍ଧି କରିଛନ୍ତି ସରକାର। ଫଳରେ ମହଙ୍ଗା ଭତ୍ତା ୫୦ ପ୍ରତିଶତରୁ ୫୩ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଜୁଲାଇ ୨୦୨୪ରୁ ପିଛିଲା ଭାବେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀଙ୍କ ଟିଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ବର୍ଦ୍ଧିତ ଟିଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ୭ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

### ବିଏମ୍‌ସିର ଷ୍ଟ୍ରିଟ୍ ଲାଇଟ୍ କେଳେଙ୍କାରୀ

## ଲାଭ କରିବାକୁ କହିଥିଲେ, ଲୋଭ କଲେ

- ବର୍ଷ ବର୍ଷ ଧରି ଲୁଟୁଛନ୍ତି, କେହି ପ୍ରତିବାଦ କରୁନାହାନ୍ତି
- ଟେଣ୍ଡର ହେଉଛି, ବାତିଲ ହେଉଛି
- ପରିଚାଳନା ସଂସ୍ଥା ପାଇଁ ୩ ଥର, ଏନର୍ଜି ଅଡିଟର ପାଇଁ ୨ ଥର

ଭୁବନେଶ୍ୱର, ୨୧।୧୦(ସଂଚାର ବ୍ୟୁରୋ): ପୂର୍ବରୁ ପୌରାଞ୍ଚଳରେ ଲାଗିଥିବା ସୋଡିୟମ୍ ଲାଇଟ୍ ପାଇଁ ଅଧିକ ବିଦ୍ୟୁତ ବିଲ୍ ଆସୁଥିବାରୁ ଏ ସବୁକୁ ବଦଳାଇ ଏଲ୍‌ଇଡି ଲାଇଟ୍ ଲଗାଇବାକୁ ଯୋଜନା ହୋଇଥିଲା। ଯେଉଁ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ନଥିଲା ସେଠାରେ ମଧ୍ୟ ନୂଆ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ଅଗ୍ରାଧିକାର ଭିତ୍ତିରେ ରାଜ୍ୟର ୫ଟି ମହାନଗର ନିଗମ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁର ପାଇଁ ବ୍ୟବସ୍ଥା ହୋଇଥିଲା। ଭୁବନେଶ୍ୱର ବା ବିଏମ୍‌ସିରେ ଯେଉଁ ବ୍ୟବସ୍ଥା ହେଲା ସେଥିରେ କେହି ଜଗିବା ପାଇଁ ରହିଲେ ନାହିଁ କି କେହି ପ୍ରତିବାଦ ବି କଲେନି। ବହୁ ଦିନ ପରେ କର୍ପୋରେସନ ବୈଠକରେ ଏହି ପ୍ରସଙ୍ଗ ଉଠିବା ପରେ ପରିଚାଳନା କରୁଥିବା ସଂସ୍ଥାକୁ ବ୍ଲାକ୍ ଲିଷ୍ଟ କରିବାକୁ ନିଷ୍ପତ୍ତି ହେଲା। ହେଲେ ତାହା ଫାଇଲ୍‌ରେ ରହିଗଲା। ଏବେ ସମ୍ପୃକ୍ତ ସଂସ୍ଥାର ଚୁକ୍ତି ଅବଧି ଶେଷ ହେବା ପରେ ପରିଚାଳନା ପାଇଁ ନୂଆ ସଂସ୍ଥା ଖୋଜା ହେଉଛି। ହେଲେ ସେ ଟେଣ୍ଡର ବି ୩ ଥର ବାତିଲ ହେଲାଣି। ସଂସ୍ଥା ଠାରୁ ଇଞ୍ଜିନିୟର ଲାଭବାନ୍ ହେଉଥିବାରୁ ନୂଆ ସଂସ୍ଥାଙ୍କୁ ସୁଯୋଗ ଦେବାକୁ ଚାହୁଁ ନଥିବା ଚର୍ଚ୍ଚା ହେଉଛି।

ଏତିକି ନୁହେଁ, ଏହି ବ୍ୟବସ୍ଥାକୁ ଜଗିବା ପାଇଁ ବା ଚୁକ୍ତି ଅନୁସାରେ କାମ ହେଉଛି କି ନାହିଁ ନିଶ୍ଚିତ କରିବା ପାଇଁ ବିଏମ୍‌ସିରେ ଏନର୍ଜି ଅଡିଟର ନିଯୁକ୍ତ ହୋଇଥିଲେ। ଅଡିଟର ନିଶ୍ଚିତ କରିବା ପରେ ହିଁ ସମ୍ପୃକ୍ତ ସଂସ୍ଥାକୁ ବିଲ୍ ପୈଠ ହେଉଥିଲା। ଏହି ଅଡିଟରର ଚୁକ୍ତି ଅବଧି ସରିବା ପରେ ବିଏମ୍‌ସି ଟେଣ୍ଡର କରୁ ନଥିଲା। ବିନା ଏନର୍ଜି ଅଡିଟରରେ ୯ ବର୍ଷ ଚଳାଇଥିଲା। ଯୋଗ୍ୟତା ନଥିବା ଅଧିକାରୀ ଏହି ଏନର୍ଜି ଅଡିଟରଙ୍କ କାମ କରୁଥିଲେ। ଚୁକ୍ତି ଅନୁସାରେ କାମ ନ କଲେ ଜରିମାନା ବ୍ୟବସ୍ଥା ଥିଲା। ଗୋଟିଏ ହେଲେ କାମ ଚୁକ୍ତି ଅନୁସାରେ ହେଉ ନଥିଲା। ଯେଉଁ ଜରିମାନା ବିଏମ୍‌ସି ଖାତାକୁ ଯିବା କଥା ସେ ସବୁ ଦାୟିତ୍ୱରେ ଥିବା ବିଏମ୍‌ସି ଇଞ୍ଜିନିୟର ଓ ସଂସ୍ଥା ଭାଗ ବାଣ୍ଟି ନେଇଯାଉଥିଲେ। ଯେଉଁ ଇଞ୍ଜିନିୟର ବିଏମ୍‌ସିର ଲାଭ କରିବାକୁ କହିଥିଲେ ବା ଚିତ୍ର ଦେଖାଇଥିଲେ ତାଙ୍କର ଲୋଭ ହେଲା। ସବୁ ମିଳିମିଶି ଲୁଟିନେଲେ। ବହୁ ଦିନ ପରେ କର୍ପୋରେସନ ବୈଠକରେ ଜଣେ କର୍ପୋରେଟର ଏହି ପ୍ରସଙ୍ଗ ଉଠାଇବା ପରେ ବିଏମ୍‌ସି ଏନର୍ଜି ଅଡିଟର ନିଯୁକ୍ତି ପାଇଁ ଆରଏଫ୍‌ପି(ରିକ୍ୟୁଏଷ୍ଟ ଫର ପ୍ରପୋଜାଲ୍) ଆହ୍ୱାନ କରିଥିଲା। ହେଲେ ଏହାକୁ ମଧ୍ୟ ଦୁଇଥର ବାତିଲ୍ କରିସାରିଲାଣି। ଅଡିଟର ଆସିଲେ ଠକିବା ସୁବିଧା ହେବ ନାହିଁ। ଏଣୁ ଏହି ଅଡିଟର ନିଯୁକ୍ତି ପାଇଁ ସମ୍ପୃକ୍ତ ଅଧିକାରୀ ଚାହୁଁନାହାନ୍ତି।

ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା ସଂସ୍ଥା ସହ ହୋଇଥିବା ଚୁକ୍ତି ମୁତାବକ ଧାର୍ଯ୍ୟ ସମୟରେ ମରାମତି ନ ହେଲେ ସଂସ୍ଥା ସପ୍ତାହକୁ ୨ ଲକ୍ଷ ଜରିମାନା ଦେବ। ଲାଇଟ୍ ଲାଗିବାର ୨୪ ଘଣ୍ଟା ମଧ୍ୟରେ ଖରାପ ହେଲେ ଲାଇଟ୍ ପିଛା ଦିନକୁ ୧୦୦୦ ଟଙ୍କା ଜରିମାନା ଗଣିବାକୁ ପଡ଼ିବ। ୫ ଦିନ ପର୍ଯ୍ୟନ୍ତ ମରାମତି ନ ହେଲେ ବିଏମ୍‌ସି ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରି ମରାମତି କରିବ ଓ ଏହି ଖର୍ଚ୍ଚ ସମ୍ପୃକ୍ତ ସଂସ୍ଥା ଠାରୁ ଆଦାୟ କରାଯିବ। ମରାମତି କରିବାକୁ ୪ ହଜାର ଲାଇଟ୍ ପିଛା ଜଣେ ଟେକ୍‌ନିସିଆନ୍ ଓ ୩ ଜଣ ସହାୟକ ରହିବେ। ଏଭଳି ନ ଥିଲେ ସଂସ୍ଥା ୨୦, ୦୦୦ ଟଙ୍କା ଜରିମାନା ଦେବ। ଏହା ଛଡ଼ା ସୋଡିୟମ ଲାଇଟ୍ ତୁଳନାରେ ୮୦ ପ୍ରତିଶତ ବିଦ୍ୟୁତ ବିଲ୍ ନ କମିଲେ ଜରିମାନା ଆଦାୟ ହୋଇ ସଂସ୍ଥାର ଚୁକ୍ତି ବାତିଲ୍ ହେବ। ଏ ସବୁ ସର୍ତ୍ତ ପୂରଣ ହେଉନାହିଁ ବୋଲି ଗତ ବର୍ଷ ନଭେମ୍ବର ମାସରେ ନିଭ୍ ନିଲ୍ ପ୍ରାଇଭେଟ୍ ଲିମିଟେଡ୍(ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା କରୁଥିବା ସଂସ୍ଥା)କଳା ତାଲିକା ଭୁକ୍ତ କରିବାକୁ କର୍ପୋରେସନ ବୈଠକରେ ନିଷ୍ପତ୍ତି ହୋଇଥିଲା। ବର୍ଷ ବର୍ଷ ଧରି ଚୁକ୍ତି ଖିଲାପ ହେବାରୁ ଏଭଳି କଠୋର ନିଷ୍ପତ୍ତି ନିଆଯାଇଥିଲା। ତେବେ ଏ ବାବଦରେ ଆସିବାକୁ ଥିବା ଜରିମାନା କାହା ପକେଟ୍‌କୁ ଗଲା ? ନା କର୍ପୋରେଟର ପ୍ରତିବାଦ କଲେ ନା ଅଧିକାରୀ ତଦନ୍ତ କଲେ।



## ଓଏଏସ୍ ପାଇଲେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପୁଅ

**କେନ୍ଦ୍ରାପଡ଼ା, ୨୧।୧୦ (ସଂଚାର ବ୍ୟୁରୋ):** ଓଡିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ଅନୁଷ୍ଠିତ ଓଡିଶା ସିଭିଲ ସର୍ଭିସ ୨୦୨୨ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଭଗବାନପୁର ପଂଚାୟତର ଧାନମଣ୍ଡଳ ଗ୍ରାମର ମୋହିତ ମହାପାତ୍ର ଓଏଏସ ପାଇଛନ୍ତି । ସେ ୩୯୧ ରାଙ୍କରେ ନିଜକୁ ଯୋଗ୍ୟ ବିବେଚିତ କରିପାରିଛନ୍ତି । ଏହି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବା ପାଇଁ ସେ ଦୈନିକ ୧୪ ଘଣ୍ଟା ପରିଶ୍ରମ କରୁଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ସହ ଓଏଏସ ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ । ଏହି ସଫଳତା ପାଇବା ପରେ ଗରଦପୁର ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି । ସୂଚନାଯୋଗ୍ୟ ଯେ ମୋହିତ ପୂର୍ବତନ ପିଡି ବିକାଶ ମହାପାତ୍ର ଓ ବିଦୁଲତା ମହାପାତ୍ରଙ୍କ ପୁଅ । ନିଜର ଚେଷ୍ଟା ଓ ନିଷ୍ଠା ବଳରେ ସେ ଏହି ସଫଳତା ହାତେଇ ଥିବା ବେଳେ ରାଜ୍ୟର ତୃଣମୂଳ ସ୍ତରର ଲୋକଙ୍କୁ ସରକାରୀ ସେବା ପହଞ୍ଚାଇବାକୁ ଓପିଏସସିରେ କୃତକାର୍ଯ୍ୟ ହେବାକୁ ନିଜର ପରିଶ୍ରମ ଜାରି ରଖିଥିଲେ ବୋଲି ମୋହିତ କହିଛନ୍ତି ।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଆତଙ୍କରେ ରାଜନଗରବାସୀ

### ପ୍ରଶାସନର ପ୍ରସ୍ତୁତି ବୈଠକ

**ରାଜନଗର, ୨୧।୧୦ (ସଂଚାର ବ୍ୟୁରୋ):** ବଂଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସମ୍ଭାବ୍ୟ ବାତ୍ୟା 'ଦାନା' ଧିରେ ଧିରେ ଉଗ୍ରରୂପ ଧାରଣ କରୁଛି। ଓଡ଼ିଶା ଉପକୂଳ ବିଶେଷ କରି ରାଜନଗର ସମୁଦ୍ର କୁଳିଆ ଅଞ୍ଚଳ ଦେଇ 'ଦାନା' ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେବା ପରେ ରାଜନଗର ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ବାତ୍ୟା ଫଳରେ ୨୩ ତାରିଖରେ ଉପକୂଳ



ଅଞ୍ଚଳରେ ଅତିରୁ ଅତିପ୍ରବଣ ବର୍ଷା ହେବା ସହିତ ୨୪ ତାରିଖ ରାତିରେ ଓ ୨୫ ତାରିଖ ସକାଳେ ୧୦୦ ରୁ ୧୨୦ କିମି ପବନ ସହିତ ଉପକୂଳକୁ ଛୁଇଁବ ବୋଲି ପୂର୍ବାନୁମାନ କରିଛି। ଏହାଛଡା ପାଣିପାଗ ବିଭାଗ ଭିତରକନିକାରୁ ଧାମରା ମଧ୍ୟସ୍ଥଳୀ ଦେଇ ବାତ୍ୟା ଦାନା ମାଡ ହେବ ବୋଲି ସୂଚନା ଆସିବା ପରେ ସମଗ୍ର ରାଜନଗରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ରାଜନଗର ଅଞ୍ଚଳଟି ସମୁଦ୍ର ତଟରେ ଅବସ୍ଥିତ ଥିବାରୁ ଏହା ସର୍ବଦା ବାତ୍ୟାପ୍ରବଣ ଅଞ୍ଚଳ ରୂପେ ପରିଚିତ।

ସମ୍ଭାବ୍ୟ ବାତ୍ୟାର ସୂଚନା ଆସିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଜରୁରୀ ବୈଠକ ଡକାଯାଇ ପରିସ୍ଥିତିର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି।

ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାତ୍ୟା ମୁକାବିଲା ବୈଠକରେ ଆଜିଠାରୁ ୨୪ ଘଣ୍ଟିଆ କଂଟ୍ରୋଲ ରୁମ ବ୍ଲକରେ ଖୋଲିବା ପାଇଁ ନିଷ୍ପତି ନିଆଯାଇଛି। ୪୫ଟି ବାତ୍ୟା ଆଶ୍ରୟସ୍ଥଳ ଓ ୩୫ଟି ବିଦ୍ୟାଳୟ ମୋଟ ୮୦ଟି ଆଶ୍ରୟସ୍ଥଳୀରେ ଲୋକଙ୍କୁ ସ୍ଥାନାନ୍ତର କରି ରଖିବା ପାଇଁ ନିଷ୍ପତି ନିଆଯାଇଛି। ପ୍ରତ୍ୟେକ ଆଶ୍ରୟସ୍ଥଳୀ ପାଇଁ ସରକାରୀ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆସନ୍ତାକାଲି ଦିନ ୧୦ଟା ସୁଦ୍ଧା ମଗରକନ୍ଦାରେ ଥିବା ଲୋକଙ୍କୁ ପ୍ରଥମେ ସ୍ଥାନାନ୍ତରିତ କରାଯିବ। ଆସନ୍ତାକାଲି ଅପରାହ୍ନ କିମ୍ବା ୨୩ ତାରିଖ ସକାଳୁ ଲୋକମାନଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯିବ ବୋଲି ନିଷ୍ପତି ନିଆଯାଇଛି।

ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ନିଶାନ ମିଶ୍ରଙ୍କ ସମେତ ସମସ୍ତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ରାଜସ୍ୱ ନିରୀକ୍ଷକମାନେ ଯୋଗଦେଇଥିଲେ। କୌଣସି ପରିସ୍ଥିତିରେ ଜିରୋ କାଜୁଆଲିଟି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଆଜି ରାଜନଗର ତହସିଲଦାର ଶ୍ରୀ ମହାନ୍ତି ମଗରକନ୍ଦାରେ ପହଁଚି ଲୋକଙ୍କୁ ଭେଟି ଆଲୋଚନା କରିବା ସହିତ ଆସନ୍ତାକାଲି ସକାଳୁ ଓକିଲପାଳ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେବାକୁ ବୁଝାଇଛନ୍ତି। ରାଜନଗର ବାତ୍ୟା ପ୍ରବଣ ଅଞ୍ଚଳ। ମାଡି ଆସୁଥିବା ବାତ୍ୟା ଦାନା ରାଜନଗରର ଭିତରକନିକାରୁ ଧାମରା ମଧ୍ୟରେ ମାଡ ହେବ ବୋଲି ସୂଚନା ରହିଛି। ରାଜନଗର ବ୍ଲକର ୪୬ଟି ଗାଁ ସୁନାମୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଲୋକେ ଅଧିକ ଭୟଭୀତ ହୋଇପଡ଼ିଛନ୍ତି।

ଏଠାରେ ସୂଚନାଯୋଗ୍ୟ ୧୯୭୧ ସାମୁଦ୍ରିକ ଝଡ ସମୁଦ୍ର ତଟବର୍ତୀ ସାତଭାୟା ସମେତ ରାଜନଗର ଅଞ୍ଚଳରେ ତାଣ୍ଡବ ରଚିଥିଲା। ଏହି ଝଡରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ପରବର୍ତୀ ସମୟରେ ୧୯୯୯ ମହାବାତ୍ୟା, ୨୦୧୩ ଫାଇଲିନ, ୨୦୧୪ ହୁଡହୁଡ, ୨୦୧୮ ତିତଲି, ୨୦୧୯ରେ ଫନି, ବୁଲବୁଲ, ୨୦୨୦ରେ ଅମ୍ପାନ, ୨୦୨୧ରେ ୟାସ ବାତ୍ୟା ଆସିବା ଫଳରେ ଏହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା।




## ସୁରକ୍ଷା ଖୋଜୁଛି ଗୋଖଣୀ ବାତ୍ୟା ଆଶ୍ରୟସ୍ଥଳୀ

**ରାଜନଗର, ୨୧।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଆସିଲେ ପ୍ରଶାସନର ମନେପଡେ ବାତ୍ୟା ଆଶ୍ରୟସ୍ଥଳ କଥା। ୨୦୨୧ ପରେ ଚଳିତବର୍ଷ ବାତ୍ୟା 'ଦାନା' ତାଣ୍ଡବ ରଚିବାକୁ ଯାଉଛି। ବାତ୍ୟା ଦାନାକୁ ନେଇ ସତର୍କ ସୂଚନା ଆସିବା ପରେ ପ୍ରଶାସନ ବାତ୍ୟା ଆଶ୍ରୟସ୍ଥଳ ଗୁଡିକ ଠିକ ଅଛି କି ନାହିଁ ତାର ସ୍ଥିତି ଆଜି ଯାଞ୍ଚ କରିଛି। ରାଜନଗର ବ୍ଲକ ଡେରା ପଞ୍ଚାୟତର ଗୋଖଣୀ ଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଟି ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ବାତ୍ୟା ଆଶ୍ରୟସ୍ଥଳୀର ପିଲାର ଆରମ୍ଭ ଠାରୁ କରି ଛାତ ରୁ ତାଜା ଯାଏଁ ସବୁଠି କଂକ୍ରିଟ ଖଣ୍ଡ ଖସି ପଡୁଛି। ଏପରି ବିପଜ୍ଜନକ ବାତ୍ୟା ଆଶ୍ରୟସ୍ଥଳୀରେ ବିପନ୍ନ ଲୋକେ କିପରି ରହିବେ, ତାହାକୁ ନେଇ ପ୍ରଶ୍ନ ଉଠିଛି। ବାତ୍ୟା ଆଶ୍ରୟସ୍ଥଳୀଟି ଭାଙ୍ଗି ଯାଇଛି, ରହିବା ଅନୁପଯୋଗୀ ହୋଇପଡ଼ିଛି। ଏହାର ଶୀଘ୍ର ମରାମତି କରିବାକୁ ଡେରା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ରାଉତ ବିଡିଓ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ବି ଆଜିଯାଏଁ ତାହାର ମରାମତି କରାଯାଇନାହିଁ। ଏପରିସ୍ଥିତିରେ ବାତ୍ୟା ଆସିବା ପରେ ପ୍ରଶାସନ ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଯାଞ୍ଚ କରିବା ପାଇଁ ପହଁଚିବା ଘଟଣା, ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି। ପୂର୍ବରୁ ଅଭିଯୋଗ ସତ୍ୱେ କାହିଁକି ପ୍ରଶାସନ ଏହାର ମରାମତି କରୁନଥିଲା, ଆଜି ବାହାଘର ବେଳେ ବାଇଗଣ ରୁଆ ନୀତିରେ ବାତ୍ୟା ଆଶ୍ରୟସ୍ଥଳୀ ଯାଞ୍ଚ ପାଇଁ ପହଁଚିବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି।



### ବାତ୍ୟା ଆଶଙ୍କାରେ ପରିବା ଦର ଆକାଶଛୁଆଁ

## ୫୦୦ ଟଙ୍କାରେ ପୂରୁନି ପରିବା ବ୍ୟାଗ୍

**କେନ୍ଦ୍ରାପଡ଼ା, ୨୧।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଜି ପନି ପରିବା ଦର ଆକାଶ ଛୁଆଁ ହୋଇଥିବା ଜଣାପଡିଛି। ଜିଲ୍ଲାର ଅନେକ ସାପ୍ତାହିକ ହାଟ ସମେତ କିଛି ନିର୍ଦ୍ଦିଷ୍ଟ ବଜାରରେ ପରିବା ଦର ଅହେତୁକ ମୂଲ୍ୟ ବୃଦ୍ଧି କରି ବ୍ୟବସାୟୀମାନେ ମୁନାଫା ଉଠାଉଛନ୍ତି । ପରିବା ଦରରେ ଏଭଳି ମୂଲ୍ୟ ବୃଦ୍ଧି ଯୋଗୁଁ ସବୁ ବର୍ଗର ଗ୍ରାହକମାନଙ୍କୁ ଖୁବ ବାଧିଥିବା ଗ୍ରାହକ ମାନେ ପ୍ରକାଶ କରିଛନ୍ତି। ଏନେଇ ଗ୍ରାହକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ହାଟରେ ସବୁ ପ୍ରକାରର ପରିବା ମୂଲ୍ୟ ଏତେ ବୃଦ୍ଧି ଘଟିଥିଲାଯେ, ୫୦୦ ଟଙ୍କାର ପରିବା କିଣିଲେ ସୁଦ୍ଧା ବ୍ୟାଗ ପୁରୁନାହିଁ । ବାତ୍ୟା ଭୟ ଯୋଗୁ ପରିବା କିଣିବା ପାଇଁ ଆଜି କେନ୍ଦ୍ରାପଡ଼ା,ପଟ୍ଟାମୁଣ୍ଡାଇ,ନୂଆପଡ଼ା, ରାଜନଗର ହାଟ ତଥା ସବୁ ଛକ ବଜାରରେ ଲୋକମାନଙ୍କର ନାହିଁ ନଥିବା ଭିଡ଼ ଲାଗିଥିଲା। ଏନେଇ ବ୍ୟବସାୟୀମାନେ ପରିବା କିଲ ପିଛା ମନଇଚ୍ଛା ଦର ବଢ଼ାଇ ଦେଇଥିଲେ। କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ, ଆଳି, ମାର୍ଶାଘାଇ, ବଡପାଳ ବଜାର ସମେତ ନୂଆପଡ଼ା, ପରିବା ମାର୍କେଟରେ ଆଜି ପରିବାଦର ଦୁଇଗୁଣା ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା। ସୂଚନା ଅନୁଯାୟୀ ଆଜି ସୋମବାର ନୂଆପଡ଼ା ସାପ୍ତାହିକ ହାଟରେ ପରିବା ଦର ଯଥାକ୍ରମେ କିଲୋ ପ୍ରତି ମୂଲ୍ୟ ୧ କିଲୋ ୧୦୦ ଟଙ୍କା, ଦେଶୀ ପୋଟଳ ୭୦ ଟଙ୍କା, ବାଇଗଣ ୬୦ ଟଙ୍କା, କଖାରୁ ୨୫ ଟଙ୍କା, ଟମାଟୋ ୮୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, କଞ୍ଚା କଦଳୀ ୪ଟାକୁ ୩୦ ଟଙ୍କା, ଲଙ୍କା ୧୦୦ଗ୍ରାମକୁ ୨୦ ଟଙ୍କା, ଆଳୁ ୪୦ ଟଙ୍କା ଓ ପିଆଜ ୬୦ ଟଙ୍କା ରହିଥିଲା। ସେହିପରି ପଟ୍ଟାମୁଣ୍ଡାଇ ଏବଂ ସାମନ୍ତସାହି ତଥା ଅନ୍ୟାନ୍ୟ ଛକ ବଜାରରେ ମଧ୍ୟ ପରିବା ଦର ଅନୁରୂପ ଭାବେ ବୃଦ୍ଧି ପାଇଥିବା ଦେଖାଯାଇଥିଲା। ବଡ଼ କଥା ହେଉଛି, ଆସୁଥିବା ବାତ୍ୟା 'ଦାନା' ସମୟରେ ସଂପୃକ୍ତ ପରିବା ବ୍ୟବସାୟୀମାନେ ମନମୁଖୀ ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ହେଁ ଏପର୍ଯ୍ୟନ୍ତ ପ୍ରଶାସନ କୌଣସି ନଜର କିମ୍ବା ଚଢ଼ାଉ ଏପର୍ଯ୍ୟନ୍ତ କରିନାହାନ୍ତି ।

# 'ଦାନା'କୁ ନେଇ ଆଲର୍ଟରେ କେନ୍ଦ୍ରାପଡ଼ା ପ୍ରଶାସନ

### ଗାଁ'ରେ ମାଇକ୍ ଯୋଗେ ସତର୍କ ସୂଚନା
### ପ୍ରସ୍ତୁତ ଅଛି ୧୧୭ ବାତ୍ୟା ଆଶ୍ରୟସ୍ଥଳୀ : ଜିଲ୍ଲାପାଳ

**କେନ୍ଦ୍ରାପଡା, ୨୧।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ବାତ୍ୟା ପୂର୍ବରୁ ଲୋକମାନଙ୍କ ସୁରକ୍ଷା ଓ ଥଇଥାନ ଆଦି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏହି ବୈଠକ ସହ ଜିଲ୍ଲା ବାସୀଙ୍କ ସୁରକ୍ଷା ଓ ଏହାର ମୁକାବିଲା ପାଇଁ ପ୍ରଶାସନ ପୁରା ପ୍ରସ୍ତୁତ ଅଛି ବୋଲି ଜିଲ୍ଲାପାଳ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ ।

ସମ୍ଭାବ୍ୟ ବାତ୍ୟା ପାଇଁ ଜିଲାରେ ଥିବା ପ୍ରାୟ ଅଢେଇ ହଜାର ମାଛ ଧରା ବୋଟ୍‌କୁ ସମୁଦ୍ରକୁ ମାଛ ଧରିବାକୁ ଯିବା ପାଇଁ ବାରଣ କରାଯାଇଛି । ସମୁଦ୍ର ଉପକୁଳ ରେ ଥିବା ୮ ଟି ମାଛଧରା ପଏଣ୍ଟ ରେ ସାଗର ମିତ୍ର ମାନଙ୍କୁ ନିୟୋଜିତ କରାଯାଇଛି । ଏହା ସହ ସୋମବାର ସନ୍ଧ୍ୟା ସମୟରେ ଉପକୁଳ ଅଞ୍ଚଳର ଗାଁ ଗୁଡ଼ିକରେ ମାଇକ ଯୋଗେ ପ୍ରଚାର କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଛି । ଜିଲ୍ଲାରେ ଥିବା ୧୧୭ ଗୋଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି । ପ୍ରତି ବାତ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତ ଓ ପାଣି ସମେତ ଗୋଟିଏ ଲେଖାଏଁ ହେଲଥ ୟୁନିଟ୍ ଓ ଦୁଇ ଜଣ ପାରାମେଡ଼ିକାଲ



ଷ୍ଟାଫ୍ ନିୟୋଜିତ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ସ୍ଥଳେ ଅଧିକ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲିବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି । ବାତ୍ୟା ପ୍ରବଣ ଗାଁ ଗୁଡ଼ିକରେ ଥିବା ୨୯୧ ଗର୍ଭବତୀ ମହିଳାଙ୍କ ସମେତ ଶଯ୍ୟାଶାୟି ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର କୁ ସ୍ଥାନାନ୍ତର କରାଯିବ । ସାତଭାୟା ଅଞ୍ଚଳରେ ଥିବା ୨୫ ପରିବାରର ୮୧ ସଦସ୍ୟଙ୍କୁ ମଧ୍ୟ ଖୁବ ଶୀଘ୍ର ବଗପାଟିଆ ଆଶ୍ରୟସ୍ଥଳୀ କୁ ସ୍ଥାନାନ୍ତର କରାଯିବ ।

ସେହିପରି ପ୍ରଶାସନ ନିକଟରେ ୩୮ ଗୋଟି ବୋଟ୍, ୬ ଗୋଟି ଓଡ୍ରାଫ୍ ଟିମ୍, ଅଗ୍ନିଶମ ବିଭାଗର ୧୦ ଟି ଟିମ୍, ବନଖଣ୍ଡ ଅଧିକାରୀଙ୍କର ୧୩ ଗୋଟି ବୋଟ୍ ସମେତ ୫ ଉଦ୍ଧାର କାରୀ ଟିମ ପ୍ରସ୍ତୁତ ଅଛନ୍ତି। ଯୋଗାଣ ବିଭାଗ ନିକଟରେ ୨୫୦ କୁଇଣ୍ଟାଲ ଚୁଡା ସମେତ ପର୍ଯ୍ୟାପ୍ତ ପରିମାଣର ଚାଉଳ ମହଜୁଦ ଅଛି । ସେହିପରି ଲୋକମାନଙ୍କୁ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତର କରାଯିବା ସହ ରନ୍ଧାଖାଦ୍ୟ ଯୋଗାଇଦିଆ ଯିବା ନେଇ ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି । ଗୃହପାଳିତ ପଶୁମାନଙ୍କ ପାଇଁ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରଖିବା ପାଇଁ ପ୍ରଶାସନ ଯୋଜନା କରିଛି । ଏ ନେଇ କେନ୍ଦ୍ରାପଡା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

### ରଶ୍ମୀ ରଞ୍ଜନ ହତ୍ୟାକାଣ୍ଡ

## ୨ କୋର୍ଟ ଚାଲାଣ

**ରାଜନଗର, ୨୧।୧୦ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ କୁରୁଂଟି ଗ୍ରାମରେ ଚଳିତମାସ ୧୮ ତାରିଖ ସଂଧ୍ୟାରେ ଏହି ଗ୍ରାମର ବାତ୍ୟା ଆଶ୍ରୟସ୍ଥଳରେ ରଶ୍ମି ରଞ୍ଜନ ପରିଡ଼ାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ଘଟଣାରେ ପୁଲିସ ୪ଦିନ ହେଲା ୪ଜଣଙ୍କୁ ଉଠାଇ ଆଣି ପଚରା ଉଚରା କରୁଥିଲା। ଆଜି ପୁଲିସ ସେମାନଙ୍କ ମଧ୍ୟରୁ ରଶ୍ମିକାନ୍ତ ମଙ୍ଗରାଜ, ରାମଚନ୍ଦ୍ର ଦାସଙ୍କୁ ୧୦୩ (୨) ବିଏନଏସ ଦଫାରେ କୋର୍ଟ ଚାଲାଣ କରିଥିବା ବେଳେ ଦୁଇ କେଳା କୁନା ଓ ମୁନାଙ୍କୁ ଛାଡି ଦେଇଛି। ଏହି ଘଟଣାରେ ଆଉ ୩ଜଣ ବୁବୁ ପରିଡ଼ା, ଦିଲୁ ମହାରଥା, ଆନନ୍ଦ କଅଁର ଫେରାର ଥିବା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ବରିଷ୍ଠ କଂଗ୍ରେସ ନେତା ଅବଦୁଲ ଗଫାର୍ ଖାଁଙ୍କ ବିୟୋଗରେ ଶୋକ

**ଜଗତସିଂହପୁର, ୨୧।୧୦ (ସଂଚାର ବ୍ୟୁରୋ):** ସମଙ୍ଗ ଗ୍ରାମ ପଞ୍ଚାୟତର କଂଗ୍ରେସ ଦଳର ସଭାପତି ଅବୁଦୁଲ ଗଫାର୍ ଖାଁଙ୍କର ୭୭ବର୍ଷ ବୟସରେ ବ୍ରେନଷ୍ଟୋକ୍‌ରେ ପରଲୋକ ହୋଇଯାଇଛ। ଆଜି ତାଙ୍କ ବାସଭବନରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ପହଞ୍ଚି ଦିବଂଗତ ଅବଦୁଲ୍ ଗଫର ଖାଁଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ତାଙ୍କ ବିୟୋଗରେ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ପୂର୍ବତନ ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ସର୍ବେଶ୍ୱର ପଣ୍ଡା, ଅବନୀକାନ୍ତ ମହାରଣା, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ସରୋଜ ମହାପାତ୍ର, ସରପଞ୍ଚ ଦିଲ୍ଲୀପ ମହାନ୍ତି, ସରପଞ୍ଚ ପ୍ରମୋଦ ସାହୁ, ଯୁବନେତା ସଙ୍କରେଶ୍ୱର ଦାସ,ଆର୍ତ୍ତତ୍ରାଣ ପଣ୍ଡା,ସଂଖ୍ୟାଲଘୁ ସେଲ୍ ନେତା ସେଖ୍ ହେଦାୟତ୍ ଅଲ୍ଲୀ,ସେଖ୍ ହିଫଜୁଲ ରହେମାନ (ଚାନ୍ଦ),ତପନ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।




## ଖୋର୍ଦ୍ଧାରେ ୬୫ତମ ପୋଲିସ ସହିଦ ଦିବସ

**ଖୋର୍ଦ୍ଧା, ୨୧।୧୦ (ସଂଚାର ବ୍ୟୁରୋ):** ଆଜି ଓଡିଶା ପୁଲିସ ବାହିନୀ ଖୋର୍ଦ୍ଧା ଜିଲ୍ଲା ତରଫରୁ ୬୫ ତମ ପୁଲିସ ଶହୀଦ ସ୍ମୃତି ଦିବସ ପାଳନ କରାଯାଇଛି । ତରତୁଆ ସ୍ଥିତ ରିର୍ଜଭ ପୁଲିସ ପଡିଆରେ ଏହି ଶହୀଦ ସ୍ମୃତି ଦିବସରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗଦେଇ ଆୟୋଜିତ ପ୍ୟାରେଡ ଉତ୍ସବରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତା ପାଠ କରିବା ସହ ଦେଶ ପାଇଁ ଲଢ଼ି ପ୍ରାଣବଳି ଦେଇଥିବା ଶହୀଦମାନଙ୍କୁ ମନେ ପକାଇ ବହୁ ତଥ୍ୟ ଦେଇ ଏସ.ପି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ .ପି ସୁରେନ୍ଦ୍ରନାଥ ମୁର୍ମୁ ଓ ଶ୍ରୀନିବାସ ମହାନ୍ତି, ଷଷ୍ଠ ଆଇଆରବି ଡେପୁଟି କମାଣ୍ଡାଂଟ ମନ୍ମଥ ପାଢୀ, ଡିଏସପି ପ୍ରଶାନ୍ତ ମାଝୀ, ହରପ୍ରିୟା ନାୟକ, ସ୍ମିତା ମଲ୍ଲିକ, ଜ୍ୟୋସ୍ନା କାଉଁରୀ, ଏସ୍.ଡି.ପି.ଓ. ଅନୀଲ ମହାନ୍ତି, ବରିଷ୍ଠ ଇନ୍ସପେକ୍ଟର ତାରିକ ଅହମ୍ମଦ, ଆଦର୍ଶଥାନା ଓ ଶିଳ୍ପାଂଚଳ ଥାନାଅଧିକାରୀଙ୍କ ସମେତ ପୁଲିସ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ । ପ୍ୟାରେଡକୁ ରିଜର୍ବ ଇନ୍ସପେକ୍ଟର ଏସ.ଏମ. ଜେନା ପରିଚାଳନା କରିଥିଲେ ।

### ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଆନନ୍ଦର ଲହରୀ

## ଓଏଏସ୍ ତାଲିକାରେ ପୋଖରୀଆପଡ଼ା ଗାଁ'ର ସୁନୀଲ

**ପଟ୍ଟାମୁଣ୍ଡାଇ, ୨୧।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ଗାଁ ପୁଅ ସୁନୀଲ ସ୍ୱାଇଁ ଓଏଏସ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପିତା ସନତ ସ୍ୱାଇଁ (ବୁଢ଼ା ଭାଇ) ଜଣେ ବ୍ୟବସାୟୀ ହୋଇଥିବାବେଳେ ମା ସୁଷମା ସ୍ୱାଇଁ ଜଣେ ଗୃହିଣୀ। ସୁନୀଲ ପିଲା ଦିନରୁ ମେଧାବୀ ଛାତ୍ରୀ ଭାବେ ବିଭିନ୍ନ ପରୀକ୍ଷାରେ ସଫଳତା ହାସଲ କରି ନିଜର ଅନନ୍ୟ ପ୍ରତିଭାର ପରିଚୟ ଦେଇ ଆସିଛନ୍ତି। ଚଳିତ ଓଏଏସ ପରୀକ୍ଷାରେ ସଫଳତା ହାସଲ କରିବା ସହିତ ୩୬୬ ରାଙ୍କ ହାସଲ କରି ଓଏଏସ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ସେ ତାଙ୍କ ସଫଳତାର ଶ୍ରେୟ ପିତା ମାତା, ଗୁରୁଜନ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପ୍ରଦାନ କରିଛନ୍ତି। ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ତାଙ୍କୁ ସଫଳତା ଆଣି ଦେଇଛି । ଭବିଷ୍ୟତରେ ଜଣେ ଦକ୍ଷ ଉତ୍ତରଦାୟୀ ଦରଦୀ ପ୍ରଶାସନିକ ଅଧିକାରୀ ଭାବେ ସମାଜର ତଳ ପାହାଚରେ ଥିବା ମଣିଷକୁ ନ୍ୟାୟ ଦେବା ପାଇଁ ନିଜର ସମସ୍ତ ପ୍ରଚେଷ୍ଟା ଜାରି ରଖିବେ ବୋଲି ସୁନୀଲ ପ୍ରକାଶ କରିଛନ୍ତି । ସୁନୀଲ ଓ ଏ ଏସ ପାଇବା ଖବର ମିଳିବା ପରେ ସମଗ୍ର ପଟ୍ଟାମୁଣ୍ଡାଇ ସହର ଓ ପୋଖରୀଆପଡା ଗାଁରେ ଖୁସିର ଲହରୀ ଖେଳିଯାଇଛି। ଓଏଏସ ପରୀକ୍ଷାରେ ସୁନୀଲଙ୍କ ସଫଳତା ପାଇଁ ପଟ୍ଟାମୁଣ୍ଡାଇ ପୌରବାସୀ, ବଣିକ ସଂଘ, ସାମ୍ବାଦିକ, ଶିକ୍ଷାବିତମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଯାଜପୁର, ୨୧।୧୦ (ସଂଚାର ବ୍ୟୁରୋ) :** ଯାଜପୁର ଟାଉନ ଥାନା ଅନ୍ତର୍ଗତ ବୈତରଣୀ ନଦୀର ପାଟପୁର ବାଲିଘାଟ ଠାରେ ଯୁବକ ଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା



ଘଟଗାଁ ଅଞ୍ଚଳର ମଟକା ମୁଣ୍ଡା(୩୦)। ସୂଚନା ଅନୁଯାୟୀ ଆଜି ସକାଳୁ ବୈତରଣୀ ନଦୀର ପାଟପୁର ବାଲି ଘାଟରେ ସ୍ଥାନୀୟ ଲୋକେ ଏକ ମୃତ ଦେହ ଭାସୁଥିବା ଦେଖିବାକୁ ପାଇଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ଯାଜପୁର ଟାଉନ୍ ଥାନାକୁ ଖବର ଦେବା ସହ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ଓ ଟାଉନ୍ ଥାନା ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକ ଜଣକ ନିଜ ସମ୍ପର୍କୀୟଙ୍କ ପାଖରେ ରହି ମୁଲ ମଜୁରୀ କରୁଥିଲେ। କିନ୍ତୁ ମୃତ ଦେହରେ କ୍ଷତ ଥିବାରୁ ଏହା କୌଣସି ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ କରୁଛି।



## ୬୫ତମ ପୋଲିସ ସହିଦ ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୧।୧୦ (ସଂଚାର ବ୍ୟୁରୋ):** ଜଗାଙ୍ଗସ୍ଥିତ କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ରିଜର୍ଭ ପଡିଆରେ ସୋମବାର ୬୫ତମ ପୋଲିସ ସହିଦ୍ ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ସହିଦ୍‌ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୫୯ ମସିହା ଅକ୍ଟୋବର ୨୧ତାରିଖ ଦିନ ସି.ଆର.ପି.ଏଫ.ର ୧୦ଜଣ କର୍ତ୍ତବ୍ୟନିଷ୍ଠ ଜବାନ ଲଦାଖଠାରେ ଭାରତସୀମା ଉଲ୍ଲଙ୍ଘନ କରିବାକୁ ପ୍ରୟାସ କରୁଥିବା ଚୀନ ଦେଶର ସୈନ୍ୟ ବାହିନୀ ସହିତ ଯୁଦ୍ଧ କରି ମାତୃଭୂମିର ସେବାରେ ପ୍ରାଣବଳୀ ଦେଇଥିଲେ । ୧୯୬୦ମସିହା ଜାନୁଆରୀ ମାସରେ ଦେଶର ସମସ୍ତ ଆରକ୍ଷୀ ମହାନିରୀକ୍ଷକମାନଙ୍କର ଅନୁଷ୍ଠିତ ସମ୍ମିଳନୀରେ ଏହି ଦିବସକୁ ସହିଦ୍ ଦିବସ ରୂପେ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମା ଏବଂ ପୋଲିସ ପ୍ରତିଷ୍ଠାନମାନଙ୍କରେ ପାଳନ କରାଯିବାକୁ ନିଷ୍ପତି ନିଆଯାଇଥିଲା । ସେହିଦିନ ଠାରୁ ପ୍ରତ୍ୟେକ ବର୍ଷ କର୍ତ୍ତବ୍ୟ ସମ୍ପାଦନ ସମୟରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ପୋଲିସମାନଙ୍କ ସ୍ମୃତି ଉଦେଶ୍ୟରେ ବା ରାଷ୍ଟ୍ର ପାଇଁ ସର୍ବୋଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କ ସ୍ମୃତି ଉଦେଶ୍ୟରେ ୧୯୬୦ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଛି । ଗତ ବର୍ଷକ ମଧ୍ୟରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣବଳି ଦେଇଥିବା ଦେଶର ୨୧୪ଜଣ ବୀର ପୋଲିସଙ୍କ ସହିତ ଓଡିଶାର ୨ଜଣ ଏବଂ କେନ୍ଦ୍ରାପଡାର କନେଷ୍ଟବଳ ହିମାଂଶୁ ଶେଖର ରଥଙ୍କ ପ୍ରତି ଆରକ୍ଷୀ ଅଧିକ୍ଷକ ଶ୍ରୀ କଟାରିଆ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଡିଏସପି ସରିତା ମହାପାତ୍ର, ଡିଏସପି ଶାନ୍ତା ନୂତନ ସମ୍ପଦ, ଡିଏସପି(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ ପ୍ରମୁଖ ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବାତ୍ୟା ମୁକାବିଲା ପାଇଁ ପୁରୀ ପ୍ରଶାସନର ପ୍ରସ୍ତୁତି ବୈଠକ

**ପୁରୀ, ୨୧।୧୦ (ସଂଚାର ବ୍ୟୁରୋ):** ସାମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ବାତ୍ୟା ଦ୍ୱାରା ଯେପରି ଧନ ଜୀବନ ହାନୀକୁ ରୋକାଯାଇ ପାରିବ ସେଥି ପ୍ରତି ପ୍ରତ୍ୟେକ ସତର୍କ ରହିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଅପରାହ୍ନରେ ଓସ୍ୱାନ ପ୍ଲାଟଫର୍ମରେ ଆଭାସୀ ମାଧ୍ୟମରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଏହି ବାତ୍ୟା ଓଡିଶା ଉପକୂଳ ରେ ଲ୍ୟାଣ୍ଡ ଫଳ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଆମକୁ ଅଧିକ ସତର୍କ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱ କୁ ସୁଚାରୁ ରୁପେ ପରିଚାଳନା କରି ଧନ ଜୀବନ ହାନୀକୁ ରୋକିବାରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ବିଡ଼ିଓ ଓ ତହସିଲଦାର ସେମାନଙ୍କ ଅଞ୍ଚଳର




ଖାଲୁଆ ଓ ତଳିଆ ଅଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଅଞ୍ଚଳର ଲୋକ ଙ୍କୁ ନିରାପଦ ସ୍ଥାନ କୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ସେହିପରି କଚ୍ଚା ଘର,ଚାଳ ଓ ମାଟି ଘରର ଲୋକ ମାନଙ୍କୁ ମଧ୍ୟ ନିରାପଦ ସ୍ଥାନ କୁ ନେବାକୁ ସେ ପରାମର୍ଶ ଦେଇଥିଲେ।

ଜନ ସାଧାରଣ ସତର୍କ ଓ ସଚେତନ ରହିବା ସହ ଅଯଥା ଭୟଭୀତ ନ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ବାତ୍ୟା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ଙ୍କ ଛୁଟି ବାତିଲ କରାଯାଇଛି।ପଲିଥିନ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ,ଔଷଧ, ଗୋ ଖାଦ୍ୟ ଇତ୍ୟାଦି ମହଯୁଦ ରଖିବାକୁ ବିଭାଗୀୟ ଅଧିକାରୀ ମାନ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ବାତ୍ୟା ରେ ଗଛ ଭାଙ୍ଗି ରାସ୍ତା ଅବରୋଧ କଲେ ତୁରନ୍ତ ତାହାକୁ ଅପସାରଣ କରିବା,ବନ୍ୟା ହେଲେ ଲୋକ ଙ୍କୁ ସହାୟତା କରିବା ପାଇଁ ଅଗ୍ନିଶମ, ଓଡ୍ରାଫ ଓ ଏନଡିଆରଏଫ ଟିମ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।ସମସ୍ତ ୧୧ଗୋଟି ବ୍ଲକ ମଧ୍ୟରୁ ଉପକୂଳ ବର୍ତ୍ତୀ ଅସ୍ତରଙ୍ଗ, କାକଟପୁର, ଗୋପ,ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣ ପ୍ରସାଦ ବ୍ଲକକୁ ଅତ୍ୟଧିକ ବାତ୍ୟା ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଜିଲ୍ଲାରେ ୧୭୯ଟି ବାତ୍ୟା ଆଶ୍ରୟ ସ୍ଥଳ ରହିଛି ବୋଲି ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି। ନିକଟରେ ପ୍ରସବ ଥିବା ୮୫୬ ଗର୍ଭବତୀ ମା' ମାନଙ୍କୁ ଚିହ୍ନଟ କରାଯାଇଛି ଓ ସେମାନଙ୍କୁ ଚିକିତ୍ସାଳୟକୁ ଅଣାଯିବ।

## ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟାର ନିର୍ବାଚନ

**ପଟ୍ଟାମୁଣ୍ଡାଇ, ୨୧।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଂଘ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ପତିତପାବନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ଜିଲ୍ଲା ଉପସଭାପତି ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଉପଦେଷ୍ଟା ଗୋକୁଳ ଚରଣ ରାଉତ, ଶିକ୍ଷକନେତା ଗୋଲକ ଭୂୟାଁ, ବାବାଜୀ ଦାସ, ହାଡିବନ୍ଧୁ ଭୂୟାଁ, ଦିଲ୍ଲୀପ ରାଉତ, ଗିରିଜା ଶଙ୍କର ସାମଲ, ବନ୍ଦନା ଜେନା, ବୀରେନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକାରିଣୀ କମିଟି ସଦସ୍ୟମାନଙ୍କ ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ଯୁଗ୍ମ ସମ୍ପାଦକ ଅକ୍ଷୟ ମହାନ୍ତିଙ୍କୁ ସମ୍ପାଦକ ଭାବେ ନିର୍ବାଚିତ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସଭାପତି ନବ ନିର୍ବାଚିତ ସମ୍ପାଦକଙ୍କୁ ଶପଥ ପାଠ କରାଇଥିଲେ । ଶେଷରେ ଗିରିଜା ଶଙ୍କର ସାମଲ ଧନ୍ୟବାଦ ଦେଇଥିଲେ।

## ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା ଲାଗି ଜରୁରୀ ବୈଠକ

**ନୂଆଦିଲ୍ଲୀ,୨୧।୧୦:** କ୍ୟାବିନେଟ୍ ସଚିବ ଡକ୍ଟର ଟି.ଭି. ସୋମନାଥନଙ୍କ ଅଧ୍ୟକ୍ଷତାରେ ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା ପାଇଁ ଜାତୀୟ ବିପତ୍ତି ପ୍ରଶମନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବର୍ତ୍ତମାନ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସ୍ଥିତିରେ ଥିବା ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ କମିଟିକୁ ବିସ୍ତୃତ ସୂଚନା ଦେଇଥିଲେ। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହିତ ୨୨ ଅକ୍ଟୋବର ସକାଳ ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବ ଏବଂ ଧୀରେ ଧୀରେ ଅଧିକ ଘନିଭୂତ ହୋଇ ୨୩ ତାରିଖ ସକାଳ ସୁଦ୍ଧା ଏକ ସାମୁଦ୍ରିକ ଝଡ଼ରେ ପରିବର୍ତ୍ତିତ ହେବାର ସମ୍ଭାବନା ରହିଛି। ଏହାପରେ ସମ୍ଭାବ୍ୟ ବାତ୍ୟା ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହିତ ୨୪ ଅକ୍ଟୋବର ସକାଳ ସୁଦ୍ଧା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ପହଞ୍ଚିବା ନେଇ ଆକଳନ କରାଯାଇଛି।

# ଅତିରିକ୍ତ ବଜେଟ୍: ପ୍ରସ୍ତାବ ମାଗିଲା ଅର୍ଥ ବିଭାଗ

**ଭୁବନେଶ୍ୱର,୨୧।୧୦:** ଶୀତକାଳୀନ ଅଧିବେଶନରେ ବିଧାନସଭାରେ ଉପସ୍ଥାପିତ ହେବାକୁ ଥିବା ଅତିରିକ୍ତ ବଜେଟରୁ ପାଣ୍ଠିର ଆବଶ୍ୟକତା ନେଇ ରାଜ୍ୟ ସରକାର ବିଭିନ୍ନ ବିଭାଗଠାରୁ ପ୍ରସ୍ତାବ ମାଗିଛନ୍ତି।

ନିକଟରେ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଅଧିସୂଚନା ଜାରି କରାଯାଇଛି। ତଦନୁଯାୟୀ ବିଭାଗଗୁଡିକ କେତେକ ନୀତିଗତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ବଜେଟ୍ ଆବଣ୍ଟନର କିଛି ଆଭ୍ୟନ୍ତରୀଣ ପୁନର୍ଗଠନ ଆବଶ୍ୟକ କରିପାରନ୍ତି, ଯେପରିକି - ନୂତନ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା, ଭାରତ ସରକାରଙ୍କ ନୂତନ ସିଏସଏସ ଯୋଜନା ଏବଂ ସରକାରଙ୍କ ଅନ୍ୟାନ୍ୟ ବିକଶିତ ବିକାଶ ଏବଂ କଲ୍ୟାଣକାରୀ ପ୍ରାଥମିକତା।

ଉପଯୁକ୍ତ ବ୍ୟୟ ୟୁନିଟ୍ ଅଧୀନରେ ସରେଣ୍ଡର କରି କୌଣସି ଅତିରିକ୍ତ ଆବଶ୍ୟକତା ପୂରଣ କରିବା ପାଇଁ ପୁନଃ ବିନିଯୋଗର ଉଦାହରଣ ମଧ୍ୟ ରହିଛି। ୨୦୨୪-୨୫ ର ଅତିରିକ୍ତ ବଜେଟ୍ ବ୍ୟୟରେ ଏସବୁ ସମସ୍ୟାର ସମାଧାନ କରାଯିବ। ତଦନୁଯାୟୀ ଅକ୍ଟୋବର ୩୦ ସୁଦ୍ଧା ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟୟ ବିବରଣୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା ଓ ସମନ୍ୱୟ ବିଭାଗ ଏବଂ ଅର୍ଥ ବିଭାଗ ନିକଟରେ ପ୍ରସ୍ତାବ ଦାଖଲ କରିବାକୁ ହେବ।

ରାଜ୍ୟ ସରକାର ବିକାଶର ୧୦ସ୍ତମ୍ଭ ଯଥା ଅନ୍ନଦାତା, ନାରୀ ଶକ୍ତି, ସାମାଜିକ ନ୍ୟାୟ, ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥା, ସହଜ ଜୀବନଶୈଳୀ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ-ବିକଶିତ ସହର-ବିକଶିତ ଓଡ଼ିଶା, ଶିଳ୍ପ, ରୋଜଗାର ଓ କର୍ମ ନିଯୁକ୍ତି, ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି ଏବଂ ଲୋକଙ୍କ ସରକାରକୁ ଚିହ୍ନଟ କରିଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତ ଜୀବନଧାରଣ ମାନ ଉପରେ ଗୁରୁତ୍ୱ ଦେଇ ଜନସେବା ପ୍ରଦାନର ଉଚ୍ଚ ମାନଦଣ୍ଡ ହାସଲ କରିବା ପାଇଁ ମିଶନ ମୋଡରେ ଅଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶର ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିବ ବୋଲି ଆକଳନ କରିଛି। ଆଇଏମ୍‌ଇର ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣ ଅଭିବୃଦ୍ଧି ଆକଳନ (ଏପ୍ରିଲ, ୨୦୨୪) ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ପ୍ରାୟ ୭% ରହିବ। ତେବେ ୨୦୨୪-୨୫ ବାର୍ଷିକ ବଜେଟ୍ ପ୍ରଣୟନ ସମୟରେ ଆକଳନ କରାଯାଇଥିବା ୨୦୨୪-୨୫ରେ ରାଜ୍ୟର ଜିଏସଡିପି ଅଭିବୃଦ୍ଧି ୮% ରହିବ।

୨୦୨୪ ଅଗଷ୍ଟ ସୁଦ୍ଧା ରାଜସ୍ୱ ଆଦାୟ ପୂର୍ବ ବର୍ଷ ତୁଳନାରେ ୧୦% ବୃଦ୍ଧି ପାଇଛି। ଅଗଷ୍ଟ, ୨୦୨୪ ସୁଦ୍ଧା ମୋଟ ବ୍ୟୟ (ଋଣ ପରିଶୋଧ ବ୍ୟତୀତ) ୨୦୨୪-୨୫ ବଜେଟ୍ ଆକଳନର ୨୩.୪% ଅଟେ। ଭିତ୍ତିଭୂମି ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକାରୀ ସ୍ତରରେ କ୍ଷମତା ବୃଦ୍ଧି ସହିତ ବ୍ୟୟର ଗତିକୁ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

୨୦୨୪-୨୫ ବାର୍ଷିକ ବଜେଟ୍ ପ୍ରସ୍ତୁତ କରିବା ସମୟରେ ବିତ୍ତୀୟ ନିଅଣ୍ଟ ବଜେଟ୍ ଅର୍ଥ ଯୋଗାଣ ପାଇଁ ଜିଏସଡିପିର ୩.୫% ରହିବ ବୋଲି ଆକଳନ କରାଯାଇଥିଲା। ଜୀବିକା ଏବଂ ଚଳନ୍ତି ପୁଞ୍ଜି ପ୍ରକଳ୍ପଗୁଡ଼ିକର ସମ୍ପୂର୍ଣ୍ଣତା ସମ୍ବନ୍ଧୀୟ ଖର୍ଚ୍ଚକୁ ବିଭାଗଗୁଡ଼ିକ ସାମଗ୍ରିକ ଭାବରେ ଆକଳନ କରିବା ଆବଶ୍ୟକ, ଯାହାଦ୍ୱାରା ରାଜ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପକୁ ଆବଶ୍ୟକ ପ୍ରୋତ୍ସାହନ ମିଳିବ ବୋଲି ସେ କହିଥିଲେ। ତେଣୁ ୨୦୨୪-୨୫ ର ଅତିରିକ୍ତ ବଜେଟର ପୁନଃ ପ୍ରାଥମିକତା ପାଇଁ ଏକ ଅଭ୍ୟାସ ବୋଲି ପ୍ରସ୍ତାବ ଦିଆଯାଇଛି, ଯେଉଁଥିରେ ପ୍ରଶାସନିକ ବିଭାଗଗୁଡ଼ିକ ଅନ୍ୟ କୌଣସି ୟୁନିଟରେ ସମାନ ସଞ୍ଚୟ ଆବଣ୍ଟନ କରି କେବଳ ଗୋଟିଏ ୟୁନିଟରେ ଏହି ବ୍ୟବସ୍ଥାକୁ ବଢ଼ାଇବାକୁ ଅନୁମତି ଦେବେ।

ଅଧିକ ପ୍ରଭାବିତ ନୂତନ ପୁଞ୍ଜି ପ୍ରକଳ୍ପ, ସମୟ ସମୟରେ ସରକାରଙ୍କ ଦ୍ୱାରା କରାଯାଇଥିବା ଘୋଷଣା ଏବଂ ଜୀବିକା କାର୍ଯ୍ୟକଳାପ ବୃଦ୍ଧି ପାଇଁ ପ୍ରସ୍ତାବଗୁଡ଼ିକୁ ସମ୍ପୂର୍ଣ୍ଣ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ ପରାମର୍ଶ ଦେଇଛନ୍ତି। ବିଭାଗ ସ୍ପଷ୍ଟ କରିଛି ଯେ ୨୦୨୪ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଯେଉଁ ୟୁନିଟ୍ ଗୁଡ଼ିକରେ ବ୍ୟୟ ବଜେଟ୍ ବ୍ୟବସ୍ଥାର ୩୦ ପ୍ରତିଶତରୁ କମ୍, ସେହି ୟୁନିଟ୍ ଅଧୀନରେ ଅତିରିକ୍ତ ଆବଶ୍ୟକତା ସଂକ୍ରାନ୍ତ ପ୍ରସ୍ତାବଗୁଡ଼ିକୁ ୨୦୨୪-୨୫ ବର୍ଷ ପାଇଁ ଅତରିକ୍ତ ବ୍ୟୟ ବିବରଣୀ ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଚାର କରାଯିବ ନାହିଁ। (ତଥ୍ୟ)



## ବିଶ୍ୱ ଚିନ୍ତାରେ ବୁଡ଼ି ରହିଥିବା ବେଳେ ଭାରତ ଆଶା ସଂଚାର କରୁଛି

**ନୂଆଦିଲ୍ଲୀ,୨୧।୧୦:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଏନଡିଟିଭି ବିଶ୍ୱ ସମ୍ମିଳନୀ ୨୦୨୪ କୁ ସମ୍ବୋଧିତ କରିଛନ୍ତି। ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରିବା ସହ ଏହି ସମ୍ମିଳନୀରେ ବହୁ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି କହିଥିଲେ। ବିଭିନ୍ନ କ୍ଷେତ୍ରରୁ ବିଶ୍ୱସ୍ତରୀୟ ନେତାଙ୍କ ଉପସ୍ଥିତିକୁ ମଧ୍ୟ ସେ ସ୍ୱୀକାର କରିଥିଲେ, ଯେଉଁମାନେ ସେମାନଙ୍କର ମତ ରଖିବେ।ବିଗତ ଚାରି ରୁ ପାଂଚ ବର୍ଷର କାର୍ଯ୍ୟକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି ଯେ ଭବିଷ୍ୟତର ଚିନ୍ତାଧାରା ଉପରେ ଆଲୋଚନା ଏକ ସାଧାରଣ ପ୍ରସଙ୍ଗ ହୋଇଛି। ସେ ଉଲ୍ଲେଖ କରିଛନ୍ତି ଯେ କୋଭିଡ ମହାମାରୀର ସାମ୍ପ୍ରତିକ ଆହ୍ୱାନ, କୋଭିଡ ପରେ ପରେ ଅର୍ଥନୈତିକ ଚାପ, ମୁଦ୍ରାସ୍ଫୀତି ଏବଂ ବେକାରୀ, ଜଳବାୟୁ ପରିବର୍ତ୍ତନ, ଲାଗି ରହିଥିବା ଯୁଦ୍ଧ, ଯୋଗାଣ ଶୃଙ୍ଖଳାରେ ବ୍ୟାଘାତ, ନିରୀହମାନଙ୍କ ମୃତ୍ୟୁ, ଭୂ- ରାଜନୈତିକ ତିକ୍ତତା ଏବଂ ସଂଘର୍ଷ ସବୁ ବିଶ୍ୱସ୍ତରୀୟ ସମ୍ମିଳନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହି ସମୟରେ ଭାରତରେ ଚାଲିଥିବା ଆଲୋଚନା ସହିତ ସମାନତା ଦର୍ଶାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଏହାର ଶତାବ୍ଦୀ ଉପରେ ବିଚାର ବିମର୍ଶ କରୁଛି। "ବିଶ୍ୱ ଅଶାନ୍ତିର ଏହି ଯୁଗରେ ଭାରତ ଆଶାର କିରଣ ପାଲଟିଛି। ଯେତେବେଳେ ବିଶ୍ୱ ଚିନ୍ତିତ, ସେତେବେଳେ ଭାରତ ଆଶା ବିସ୍ତାର କରୁଛି " ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଯଦିଓ ବିଶ୍ୱର ପରିସ୍ଥିତି ଏବଂ ଏହା ପୂର୍ବରୁ ଆହ୍ୱାନ ଦ୍ୱାରା ଭାରତ ପ୍ରଭାବିତ ହୋଇଛି, ତଥାପି ସକାରାତ୍ମକ ଭାବନା ରହିଛି ଯାହାକୁ ଅନୁଭବ କରାଯାଇପାରେ।



ନବୀନଙ୍କୁ ଭେଟିଲେ ସତ୍ୟବାଦୀର ମିଶନ ଶକ୍ତି ମା'

## ସହରାଞ୍ଚଳ ଜମି ରେକର୍ଡର ପୁନଃ ସର୍ବେକ୍ଷଣ କର୍ମଶାଳା

**ନୂଆଦିଲ୍ଲୀ,୨୧।୧୦:** କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ନୂଆଦିଲ୍ଲୀର ଡ. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ 'ସହରାଞ୍ଚଳ ଜମି ରେକର୍ଡ ପାଇଁ ସର୍ଭେ-ପୁନଃସର୍ଭିରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର' ଉପରେ ଆନ୍ତର୍ଜାତିକ କର୍ମଶାଳାକୁ ଉଦଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଶିବରାଜ ସିଂହ ଚୌହାନ ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ (ଡିଆଇଏଲ୍ଆରଏମପି) ଅଧୀନରେ ଜମି ରେକର୍ଡର ଡିଜିଟାଇଜେସନ୍ ଏବଂ ରକ୍ଷଣାବେକ୍ଷଣକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଗୁଣାତ୍ମକ ଜମି ରେକର୍ଡର ଗୁରୁତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ ଯେ ଡିଜିଟାଲ ଭାବେ ଅପଡେଟ୍ ହୋଇଥିବା ଏବଂ ସ୍ୱଚ୍ଛ ଜମି ରେକର୍ଡ ଗୁଡିକ ଜମି ସମ୍ପଦର ଅପ୍ଟିମାଇଜେସନ୍ ଏବଂ ନୀତି ଏବଂ ଯୋଜନାରେ ସାହାଯ୍ୟ କରିବା ପାଇଁ ବିଭିନ୍ନ ଏଜେନ୍ସି ସହିତ ସୂଚନା ଆଦାନ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଏକ ସୁଦୃଢ଼ ସମ୍ପତ୍ତି ରେକର୍ଡ ଏବଂ ଟିକସ ପ୍ରଶାସନ ପାଇଁ, କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ବିଭିନ୍ନ ଯୋଜନା ମାଧ୍ୟମରେ ଜନସେବା ପ୍ରଦାନର ଫଳପ୍ରଦତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ଜମି ରେକର୍ଡ ଗୁଡିକର ନିରବଚ୍ଛିନ୍ନ ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ବିସ୍ତୃତ ଭାବରେ କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟର ଆବଶ୍ୟକତା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଏବଂ ଭୂମି ସମ୍ପଦ ବିଭାଗ ଏବଂ ରାଜ୍ୟ ସରକାରମାନଙ୍କୁ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।



### ଟ୍ୱିନ୍ ସିଟି କ୍ରାଇମ୍

## ଶିକ୍ଷାନୁଷ୍ଠାନ ନିକଟରେ ଗୁଟଖା ବିକୁଥିଲେ ସାବଧାନ

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସହରାଞ୍ଚଳରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଆଖପାଖରେ ସିଗାରେଟ୍ ଗୁଟଖା ଆଦି ତମାଖୁ ଦ୍ରବ୍ୟର ବିକ୍ରି ଉପରେ ରୋକ ଲଗାଇବା ପାଇଁ ଡ଼ିସିପି ଭୁବନେଶ୍ୱରଙ୍କ ତତ୍ୱାବଧାନରେ ଭୁବନେଶ୍ୱରର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ପାର୍ଶ୍ୱବର୍ତ୍ତୀ ସ୍ଥାନ ଗୁଡ଼ିକୁ ସମୂହ ଭାବରେ ଯାଞ୍ଚ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବଡ଼ଗଡ଼ ଥାନା, କ୍ୟାପିଟାଲ ଥାନା, ଏୟାରଫିଲ୍ଡ ଥାନା, ଭରତପୁର ଥାନା, ବାଲିଅନ୍ତା ଥାନା, ଲକ୍ଷ୍ମୀସାଗର ଥାନା, ଇନଫୋସିଟି ଥାନା, ମୈତ୍ରୀବିହାର ଥାନା, ବାଲିପାଟଣା ଥାନା, ଲିଙ୍ଗରାଜ ଥାନା, ମଞ୍ଚେଶ୍ୱର ଥାନା, ପାହାଳ ଥାନା ଓ ଏୟାରପୋର୍ଟ ଥାନା ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ପାର୍ଶ୍ୱବର୍ତ୍ତୀ ସ୍ଥାନ ଗୁଡ଼ିକରେ ଥିବା ତମାଖୁ, ଗୁଟଖା ଦୋକାନ ଗୁଡ଼ିକୁ ତନ୍ନତନ୍ନ ଭାବେ ଯାଞ୍ଚ କରାଯାଇ ୬୩ ଜଣ ଆଇନ ଖିଲାପକାରୀଙ୍କ ନିକଟରୁ ଜୋରିମାନା ଆଦାୟ କରାଯିବା ସହିତ ସର୍ବୋମୋଟ ୨୦୦ ଟି ଛୋଟ ବଡ଼ ଦୋକାନ ଚିହ୍ନଟ କରାଯାଇ ଦୋକାନୀ ମାନଙ୍କୁ ଉପରୋକ୍ତ ଆଇନ ବିଷୟରେ ସଚେତନ କରାଯାଇଛି।

## ୬୫ତମ ପୁଲିସ ସହିଦ ସ୍ମୃତି ଦିବସ ପାଳିତ

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ଟୁଇନସିଟିରେ ପାଳିତ ହେଇଛି ୬୫ ତମ ପୁଲିସ ସହିଦ ସ୍ମୃତି ଦିବସ। କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ଥିବା ଅମର ସହିଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ। ଏହା ସହ ବରିଷ୍ଠ ଆଇପିଏସ୍ ଓ ଓପିଏସ୍ ଅଧିକାରୀମାନେ ମଧ୍ୟ ସହିଦ୍ ସ୍ମୃତି ସ୍ତମ୍ବରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହିଭଳି ଭୁବନେଶ୍ୱର ସପ୍ତମ ବାଟାଲିୟନରେ ପାଳିତ ହୋଇଥିବା ପୁଲିସ ସହିଦ ସ୍ମୃତି ଦିବସରେ ଟୁଇନସିଟି ପୁଲିସ କମିଶସର ସୁରେଶ ଦେବଦତ୍ତ ସିଂ ଅମର ସହିଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ଅତିରିକ୍ତ ପୁଲିସ କମିଶନର ଉମାଶଙ୍କର ଦାସ, ଡ଼ିସିପି ପିନାକ ମିଶ୍ର ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ଡ଼ିଜିପି କହିଛନ୍ତି, ଓଡ଼ିଶା ପୁଲିସ ମାଓ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଛି ଓ ୨୦୨୬ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ମାଓ ଗତିବିଧି ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବା ପାଇଁ ଲକ୍ଷ୍ୟ। ଏହା ସହ ଓଡ଼ିଶା ଓ ଭାରତ ପ୍ରଗତି ଦିଗରେ ଆଗଉଥିବାରୁ ମାଓବାଦୀ ମାନେ ହିଂସା ଛାଡି ଶାନ୍ତିର ମାର୍ଗ ଆପଣେଇବା ପାଇଁ ଆହ୍ୱାନ ଦେଇଛନ୍ତି ପୁଲିସ ଡିଜି। ହିଂସାର ମାର୍ଗ ଛାଡିଲେ ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ପାଇଁ ପୁଲିସ ସମସ୍ତ ସହାୟତା ଯୋଗାଇ ଦେବ ବୋଲି ଏହି ଅବସରରେ କହିଛନ୍ତି ଡିଜିପି ୱାଇ ବି. ଖୁରାନିଆ। ଗତ ବର୍ଷ ଭିତରେ ରାଜ୍ୟରୁ ଦୁଇ ଜଣ ପୁଲିସ କର୍ମଚାରୀ ସହିଦ ହୋଇଛନ୍ତି। ଶହୀଦ ହୋଇଥିବା କେନ୍ଦ୍ରାପଡ଼ା ଜିଲ୍ଲାର ହିମାଂଶୁ ଶେଖର ରଥ ଓ କଟକ ସହରାଞ୍ଚଳ ପୁଲିସର ପ୍ରଦୀପ ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ପୁଲିସ ଡ଼ିଜି।

## ସରକାରୀ କର୍ମଚାରୀଙ୍କୁ ମିଳୁ ସ୍ୱାସ୍ଥ୍ୟବୀମା

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ ସବୁ ବର୍ଗର କର୍ମଚାରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା କରିବା ସରକାରଙ୍କ ପ୍ରାଥମିକତା ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଓଡିଶା ସରକାରୀ ମିଳିତ କର୍ମଚାରୀ ମହାସଂଘର ରାଜ୍ୟ ଆବାହକ ବିଜୟ ମଲ୍ଲ । ରାଜ୍ୟ ସରକାର,ସରକାରୀ କର୍ମଚାରୀ ମାନଙ୍କୁ ବାଦ୍ ଦେଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସବୁ ପରିବାରକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଅନ୍ତର୍ଭୂକ୍ତ କରିଛନ୍ତି, କିନ୍ତୁ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟ କାର୍ଡ ପାଇଁ ରାଜ୍ୟର ସରକାରୀ କର୍ମଚାରୀମାନେ ଅପେକ୍ଷାରତ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ଏଥି ନିମନ୍ତେ କୌଣସି ପଦକ୍ଷେପ ନ ନେବା କର୍ମଚାରୀ ମହଲରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି । ସଂଗଠନ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସମସ୍ତ ବିଭାଗର ସଚିବଙ୍କୁ ଅନୁରୋଧ କରି ଓଡ଼ିଶାର କର୍ମଚାରୀ ମାନଙ୍କୁ ସ୍ୱାସ୍ଥ୍ୟବୀମା ଲାଗୁକରିବା ଲାଗି ସଂଗଠନର ରାଜ୍ୟ ନେତୃତ୍ୱ ଅଶ୍ୱିନୀ ଦାସ, ଗୁରୁଃଗୋବିନ୍ଦ ଦଳାଇ, ଶୁଭଜିତ ପ୍ରତିହାରୀ, ରାଜେନ୍ଦ୍ର ମଲ୍ଲିକ, ପ୍ରଦୀପ ପ୍ରଧାନ, ରଶ୍ମି ରଞ୍ଜନ ପାଢ଼ୀ, କ୍ଷିତୀଶ ପଣ୍ଡା, ପ୍ରଶାନ୍ତ ରାଉତରାୟ, ଅନ୍ତର୍ଯ୍ୟାମୀ ଲେଙ୍କା, ଶିବ ଶଙ୍କର ସାହୁ ଓ ବାବୁଲ ନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି।

### ପରିବେଶରେ ଆର୍ସେନିକ୍ ଉପରେ ୯ମ ଅନ୍ତର୍ଜାତୀୟ କଂଗ୍ରେସ

## ଅଚ୍ୟୁତ ସାମନ୍ତଙ୍କୁ ଜୀବନବ୍ୟାପୀ ସଦସ୍ୟ ସମ୍ମାନ

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟରେ ଆଜି ପରିବେଶରେ ଆର୍ସେନିକ୍ ଉପରେ ୯ମ ଅନ୍ତର୍ଜାତୀୟ କଂଗ୍ରେସ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଚାରିଦିନଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ୫୦ଟି ଦେଶରୁ ୧୦୦ରୁ ଉର୍ଦ୍ଧ ପ୍ରତିନିଧିଙ୍କ ସମେତ ୪୦୦ ପ୍ରତିନିଧି ଯୋଗଦେଇଛନ୍ତି । ସେମାନଙ୍କ ମଧ୍ୟରେ ବହୁ ବୈଜ୍ଞାନିକ,ଗବେଷକ ଓ ଖ୍ୟାତିସମ୍ପନ୍ନ ପ୍ରଫେସର ଅନ୍ତର୍ଭୁକ୍ତ। ପ୍ରଥମଥର ଲାଗି ଏହି ସମ୍ମାନଜନକ କଂଗ୍ରେସ ଭାରତରେ ଅନୁଷ୍ଠିତ ହେଉଛି । ଏହି କଂଗ୍ରେସର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାନାଡ଼ାର ୱାଟର୍‌ଲୁ ବିଶ୍ୱବିଦ୍ୟାଳୟର ହାଇଡ୍ରୋଜିଓଲଜି ବିଭାଗ ପ୍ରଫେସର ଇମିରଟସ୍ ଜନ୍ ଚେରି ଭୂତଳଜଳ ପରିଚାଳନା ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେ କହିଲେ, ଭୂତଳଜଳ ହେଉଛି ଆମ ପରିବେଶର ଅନ୍ୟତମ ଜଟିଳ ଉପାଦାନ ଏବଂ ଆର୍ସେନିକ୍ ସଙ୍କଟ ହେଉଛି ମାନବତାର ନିଜସ୍ୱ ବିଫଳତାର ପରିଣାମ । ଏହି ଚାଲେଞ୍ଜର ମୁକାବିଲା ପାଇଁ ସତର୍କତା ଓ



ସର୍ଜନା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାରପ୍ରାପ୍ତ ତଥା ଆଇଆଇଟି ଖଡ଼ଗ୍‌ପୁରର ପ୍ରଫେସର ଅଭିଜିତ୍ ମୁଖାର୍ଜୀ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣରେ ଜଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସମସ୍ତ ସ୍ଥାୟୀ ବିକାଶ ଲକ୍ଷ୍ୟର ମୂଳ ଆଧାର ହେଉଛି ଜଳ । ତେଣୁ ଜଳ ପ୍ରଦୂଷଣର ମୁକାବିଲା ସହ ସ୍ୱଚ୍ଛ ଜଳ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ । କେନ୍ଦ୍ରୀୟ ଭୂତଳଜଳ ବୋର୍ଡ଼ର ପୂର୍ବତନ ସଦସ୍ୟ ପ୍ରଫେସର ଦୀପଙ୍କର ଶାହା କହିଲେ, ସମଗ୍ର ବିଶ୍ୱରେ ଭାରତ ହେଉଛି ସର୍ବାଧିକ ଭୂତଳଜଳ ଉତ୍ତୋଳନକାରୀ ଦେଶ ।

## ଓଏଏସ୍ ପରୀକ୍ଷାରେ ସୋଆ ଛାତ୍ର କୃତକାର୍ଯ୍ୟ

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଶାସନିକ ସେବା ୨୦୨୨ର ପରୀକ୍ଷାଫଳ ନିକଟରେ ପ୍ରକାଶିତ ହୋଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ)ର ୨୦୨୦ ପାସ ଆଉଟ ଛାତ୍ର ଶ୍ରୀ ସୌମେଶ ଆଚାର୍ଯ୍ୟ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଶ୍ରୀ ଆଚାର୍ଯ୍ୟ ୮୩ତମ ର୍‌ୟାଙ୍କ ହାସଲ କରିଛନ୍ତି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକର ନଟବରପୁର ଶାସନ ଗ୍ରାମର ବାସିନ୍ଦା ଶ୍ରୀ ଆଚାର୍ଯ୍ୟ ୨୦୨୦ରେ ସୋଆ ଆଇଏଏସ୍‌ରୁ ବିଏସ୍‌ସି (ଅନର୍ସ) ଏଗ୍ରିକଲ୍‌ଚରରେ ଶିକ୍ଷା ସମାପ୍ତ କରିଥିବା ବେଳେ ୨୦୨୨ରେ ପଶ୍ଚିମବଙ୍ଗର ବିଧାନଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟରୁ ଏଗ୍ରିକଲ୍‌ଚରାଲ୍ ଏକ୍ସଟେନ୍‌ସନ୍‌ରେ ଏମଏସ୍‌ସି ପାଠ୍ୟକ୍ରମ ସମାପ୍ତ କରିଥିଲେ। ୨୦୨୨ରେ ୟୁଜିସି ନେଟ୍ ଏବଂ ୨୦୨୩ରେ ଆଇସିଏଆର୍ ନେଟରେ ମଧ୍ୟ ସେ ସଫଳତା ହାସଲ କରିଥିଲେ। ବର୍ତ୍ତମାନ ସେ ପଶ୍ଚିମବଂଗର ଶାନ୍ତିନିକେତନ ସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଏଗ୍ରିକଲ୍‌ଚରାଲ୍ ଏକ୍ସଟେନ୍‌ସନ୍‌ରେ ପି.ଏଚ୍.ଡି କରୁଛନ୍ତି। ଏକ୍ସଟେନ୍‌ସନ୍ କ୍ଷେତ୍ରରେ ଗବେଷଣା ନିମନ୍ତେ ସେ ଗଙ୍ଗା ସିଂହ ଚୌହାନ୍ ମେମୋରିଆଲ୍ ସମ୍ମାନରେ



ସେ ସମ୍ମାନିତ ହୋଇଥିବା ବେଳେ 'ଫାର୍ମର୍ ପ୍ରଡ୍ୟୁସର ଅର୍ଗାନାଇଜେସନ୍ - ଦ ନିଓ ଇନ୍‌ଷ୍ଟିଚ୍ୟୁସ୍‌ନାଲ ରିଭୋଲ୍ୟୁସନ୍ ଇନ୍ ଇଣ୍ଡିଆନ୍ ଫାର୍ମିଂ' ଶୀର୍ଷକ ଏକ ପୁସ୍ତକର ସେ ସହ-ଲେଖକ ମଧ୍ୟ ଅଟନ୍ତି। ସୋମବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ତାଙ୍କ ସଫଳତା ପାଇଁ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଆଲୋଚନାଚକ୍ର




**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ଭାରତୀୟମାନଙ୍କ ପ୍ରଥମ ସ୍ୱାଧୀନ ସରକାର ଆଜାଦ ହିନ୍ଦ ସରକାର ର ୮୧ ତମ ବାର୍ଷିକୀ ଅବସରରେ ନେତାଜୀଙ୍କ ଆଦର୍ଶରେ ଗଠିତ 'ଆଜାଦ୍ ହିନ୍ଦ୍ ବାହିନୀ' ପକ୍ଷରୁ ଆଜି ନେତାଜୀ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରତ୍ୟୁଷରୁ ଆଜାଦ ହିନ୍ଦ ବାହିନୀର କ୍ୟାଡରମାନେ ଭୁବନେଶ୍ୱର ରସୁଲଗଡ଼ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଆଜାଦ ହିନ୍ଦ ଫୌଜ ର ଏହି ସୁପ୍ରିମ କମାଣ୍ଡରଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରିଥିଲେ । ପରେ ଏହି ଅବସରରେ ନେତାଜୀ ଭବନ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଜାଦ ହିନ୍ଦ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତି ରଞ୍ଜନ ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ପରିବେଷବିତ୍ତ ପ୍ରଫୁଲ୍ଲ ସାମନ୍ତରାୟ, କବି ତଥା ସ୍ତମ୍ଭକାର ପବିତ୍ର ମୋହନ କର, ଯୁବନେତା ତଥା ସାମାଜିକ କର୍ମୀ ମାନସ ପଟ୍ଟନାୟକ, ଫରୱାର୍ଡ଼ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସର୍ବେଶ୍ୱର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ଦେଶର ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁଭାଷଙ୍କର ଐତିହାସିକ ଭୂମିକା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଆଜି ଦେଶର ସଂଖ୍ୟାଧିକ ମଣିଷ ନିଜର ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେଉଛନ୍ତି ।

# ମାଳମାଳ ଏକାଡେମୀ ; ନାହାନ୍ତି ମୁଖିଆ

**ଭୁବନେଶ୍ୱର,୨୧।୧୦:** ଓଡିଆ ଭାଷା, ସାହିତ୍ୟ, କଳା, ସସ୍କୃତି ଆଦି ସହ ଓଡ଼ିଶାର ଅସ୍ମିତା ଜଡିତ ଥିବାବେଳେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧିନ ଓଡ଼ିଶା ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ଲଳିତକଳା ଏକାଡେମୀ, ଉର୍ଦ୍ଦୁ ଏକାଡେମୀ ଓ ଓଡିଆ ଭାଷା ପ୍ରତିଷ୍ଠାନର ମୁଖିଆ ପଦବୀଗୁଡିକ ମାସ ମାସ ଧରି ଖାଲି ପଡ଼ିଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ ଏସବୁର ଅତିରିକ୍ତ ଦାୟିତ୍ୱରେ ରହୁଛନ୍ତି। ଫଳରେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି ସଂସ୍ଥାଗୁଡିକ ଗଢାଯାଇଛି ତାହା ପୂରଣ ହୋଇପାରୁ ନାହିଁ।

ଭାଷା, ସାହିତ୍ୟର ବିକାଶ ପାଇଁ କୁହାଯାଉଥିବାବେଳେ ଦଶନ୍ଧି ଦଶନ୍ଧି ଧରି ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଓଡିଆ ଭାଷା ପଢ଼ାଇବାପାଇଁ ଆବଶ୍ୟକ ସଂଖ୍ୟକ ନିୟମିତ ଶିକ୍ଷକ ନାହାନ୍ତି। ସଂସ୍କୃତ, ହିନ୍ଦୀ ଆଦି ଭାଷା ପଢ଼ାଇବାପାଇଁ ସମ୍ପୃକ୍ତ ଭାଷାରେ ଯୋଗ୍ୟତା ଓ ଦକ୍ଷତା ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦିଆଯାଉଥିବାବେଳେ ପ୍ରାଥମିକ ବିଦ୍ୟାଳୟରୁ ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ ଓଡିଆଭାଷା ପଢ଼ାଇବାପାଇଁ ଓଡିଆ ସମ୍ମାନ ସହ ସ୍ନାତକ କିମ୍ବା ଓଡିଆ ଭାଷାରେ ସ୍ନାତକତର ଡିଗ୍ରୀ ହାସଲକୁ ସର୍ବନିମ୍ନ ଯୋଗ୍ୟତା ଭାବେ ଏଯାବତ୍ ଗ୍ରହଣ କରାଯାଇ ନାହିଁ। ଫଳରେ ପ୍ରାଥମିକ ସ୍ତରରୁ ଓଡିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଓଡିଆ ଭାଷାଜ୍ଞାନ ଦୁର୍ବଳ ହେଉଛି ବୋଲି ଶିକ୍ଷାବିତ୍ ଓ ଭାଷା ବିଶେଷଜ୍ଞମାନେ କହୁଛନ୍ତି।

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଥିବା ଏକାଡେମୀଗୁଡିକର ସଭାପତି, ଉପସଭାପତି, କାର୍ଯ୍ୟକାରୀ ସମିତି ଓ ସାଧାରଣ ପରିଷଦର ସଭ୍ୟମାନଙ୍କ କାର୍ଯ୍ୟକାଳ ପୂର୍ଣ ହେବା ପୂର୍ବରୁ ଏଗୁଡିକରେ ନିଯୁକ୍ତି ଲାଗି ପ୍ରକ୍ରିୟା ଆରମ୍ଭ ହେଉନଥିବାରୁ ଅନେକ ସମୟରେ ବର୍ଷ ବର୍ଷ ଧରି ଏଗୁଡିକ ଖାଲିପଡୁଛି। ବିଧାନସଭା, ସଂସଦ, ପଞ୍ଚାୟତିରାଜ ଓ ସ୍ୱାୟତ୍ତଶାସନ ସଂସ୍ଥାଗୁଡିକର ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ଏହି ଗଣତାନ୍ତ୍ରିକ ପଦବୀଗୁଡିକ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ କିନ୍ତୁ ତାହାର ଖୋଲା ଉଲ୍ଲଙ୍ଘନ କରାଯାଉଛି।

ବହୁ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ କହୁଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର କର୍ମକର୍ତ୍ତା ହେବାପାଇଁ ଓଡିଆ ଭାଷା ସାହିତ୍ୟର ବହୁ ପ୍ରଥିତଯଶା ବ୍ୟକ୍ତି ଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏମାନଙ୍କୁ ଠାବ ନକରି ପ୍ରଶାସନିକ ଅଧିକାରୀମାନଙ୍କ ମାଧ୍ୟମରେ କାମଚଳା ବ୍ୟବସ୍ଥା କରୁଛନ୍ତି। ସେହିଭଳି ସଙ୍ଗୀତ ଓ ନାଟକ କ୍ଷେତ୍ରରେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ବହୁ ଓଡିଆ ଶିଳ୍ପୀଙ୍କ ଭିତରୁ କାହାକୁ ଏହି ଗୁରୁତ୍ୱପୂର୍ଣ୍ଣ ଏକାଡେମୀର ଦାୟିତ୍ୱ ନଦେଇ ସଂସ୍କୃତି ବିଭାଗର ଅଧିକାରୀଙ୍କ ହାତରେ ଏହାକୁ ଟେକିଦିଆଯାଇଛି।

ସେହିଭଳି ଓଡିଆ ଭାଷା ପ୍ରତିଷ୍ଠାନ ପାଇଁ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି ନକରି ସରକାର ବର୍ଷ ବର୍ଷ ଧରି ନିର୍ଦ୍ଦେଶକ ପଦବୀରେ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଦାୟିତ୍ୱରେ ରଖିବା ଫଳରେ ପ୍ରତଷ୍ଠାନଟି ଏକ ପ୍ରକାର ରୁଗଣ ଅବସ୍ଥାରେ ରହୁଛି। ଲଳିତକଳା ଏକାଡେମୀ ଓ ଉର୍ଦ୍ଦୁ ଏକାଡେମୀ ମଧ୍ୟ ଅନୁରୂପ ବ୍ୟାଧିରେ ସଂକ୍ରମିତ।

ଓଡିଶୀ ଗବେଷଣା ପ୍ରତିଷ୍ଠାନ ବି ଅଣଦେଖାର ଶିକାର ହୋଇ ଚାଲିଛି। ସଙ୍ଗୀତ ନାଟକ ମହାବିଦ୍ୟାଳୟ ଠାରୁ ସଂସ୍କୃତି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡିକରେ ପିଲାମାନଙ୍କୁ ତାଲିମ ଦେବାପାଇଁ ବର୍ଷ ବର୍ଷ ଧରି ନିୟମିତ ଶିକ୍ଷକ ନିଯୁକ୍ତି କରାଯାଇ ନାହିଁ। ନୂଆହୋଇ ଗଢାଯାଇଥିବା ଓଡିଆ ବିଶ୍ୱବିଦ୍ୟାଳୟ ପାଇଁ ନିୟମିତ ଶିକ୍ଷକ ନଥିବାବେଳେ ଡେପୁଟେସନରେ ଆଣି କାମ ଚଳାଯାଉଛି। ଏ ପରିପ୍ରେକ୍ଷୀରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର କିଭଳି ବିକାଶ ଘଟିବ ବୋଲି ବୁଦ୍ଧୀଜୀବୀମାନେ ପ୍ରଶ୍ନ ଉଠାଉଛନ୍ତି। (ତଥ୍ୟ)

### ତୃତୀୟ ଜମ୍ବୁବତୀ-ଭୀମସେନ ସ୍ମୃତି ସମ୍ମାନ

## ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୧।୧୦ (ସଂଚାର ବ୍ୟୁରୋ):** ପୂଜ୍ୟପୂଜାର ବିଧି ସମାଜକୁ ଆଲୋକିତ କରିଥାଏ। ଏହା କେବଳ ଯୁବପିଢ଼ିଙ୍କୁ ଅନୁପ୍ରାଣୀତ କରିବା ସହ ଏକ ସୁସ୍ଥ ଓ ସୁଦୃଢ଼ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ତୃତୀୟ ଜମ୍ବୁବତୀ ଭୀମସେନ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଯାଜପୁର ବ୍ଲକ୍ ଛତିଶଦେବିଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରିଷିପୁର ଗ୍ରାମର ୫ ବରିଷ୍ଠ ନାଗରିକଙ୍କୁ ତୃତୀୟ ଜମ୍ବୁବତୀ-ଭୀମସେନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଜମ୍ବୁବତୀ-ଭୀମସେନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସାଧୁ ତଥା ସାନଭୁବନପୁରର ଆନନ୍ଦ ପାଣି, ଛତିଶ ଦେବିଲର କାମଦେବ ବିଶ୍ୱାଳ, ଠିଆର ଦେବିଲର ନରହରି ବିଶ୍ୱାଳ, ରିଷିପୁରର କେଶବଚନ୍ଦ୍ର ବିଶ୍ୱାଳ ଓ ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଜମ୍ବୁବତୀ-ଭୀମସେନ ସ୍ମୃତି ପରିଷଦ ସଭାପତି ସରୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସୁକାନ୍ତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଷଦ ସମ୍ପାଦକ ସଞ୍ଜୀବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲାବେଳେ ଅଶୋକ ବିଶ୍ୱାଳ, ଅନନ୍ୟା ଅନ୍ୟତମା ବିଶ୍ୱାଳ, ସାଗରିକା ବିଶ୍ୱାଳ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ସମର୍ପଣ-କ୍ଷିପ୍ର ବେଗଧାରୀ ନଦୀ ଶେଷରେ ଯେପରି ନତମସ୍ତକ ହୋଇ ସାଗର ଗର୍ଭରେ ଲୀନ ହୋଇଯାଏ,ଠିକ ସେହିପରି ସଂସାରର ବିତ୍ତଶାଳୀ ଓ କ୍ଷମତାଶାଳୀ ଅଂହଯୁକ୍ତ ବ୍ୟକ୍ତି ପରିଶେଷରେ ନିର୍ବିକାର ସ୍ଥିତପ୍ରଜ୍ଞ ପୁରୁଷଙ୍କ ନିକଟରେ ସମର୍ପିତ ହୋଇଯାନ୍ତି।

SANCHAR
ସଂଚାର

ମଙ୍ଗଳବାର ୨୨ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Tuesday 22 October 2024 Bhubaneswar



# ମିଛ ଧମକ ପଛରେ ଷଡ଼ଯନ୍ତ୍ର

ଗତ କିଛି ଦିନ ହେବ ଭାରତରେ ଦୁଇଟି ଅସ୍ୱାଭାବିକ ଘଟଣା ନିୟମିତ ଦେଖିବାକୁ ମିଳୁଛି। ଏହା ପଛରେ ବଡ଼ ଧରଣର ଷଡ଼ଯନ୍ତ୍ର ରହିଛି। ଗୋଟିଏ ଘଟଣା ହେଲା ବିଭିନ୍ନ ସ୍ଥାନରେ ଟ୍ରେନ ଦୁର୍ଘଟଣା କରିବାକୁ ଉଦ୍ୟମ ଏବଂ ଦ୍ୱିତୀୟଟି ହେଲା ବୋମାରେ ବିମାନ ଉଡ଼ାଇ ଦେବାକୁ ମିଛ ଧମକ। ବିଗତ ଦୁଇ ମାସ ଭିତରେ ଏଭଳି ଅନେକ ଘଟଣା ଦୃଷ୍ଟିକୁ ଆସିଛି। ବିଭିନ୍ନ ସ୍ଥାନରେ ଟ୍ରେନ ଲାଇନ ଉପରେ ଗ୍ୟାସ ସିଲିଣ୍ଡର, ସିମେଣ୍ଟ ଖଣ୍ଡ, ଲୁହା ରଡ଼ ରଖାଯାଉଛି। ଉଦ୍ଦେଶ୍ୟ ହେଲା ଟ୍ରେନ ଲାଇନଚ୍ୟୁତ କରିବା। ଗୋଟିଏ ଯୋଡ଼ିଏ ଘଟଣାକୁ ବାଦ ଦେଲେ ପ୍ରାୟ ଅଧିକାଂଶ କ୍ଷେତ୍ରରେ ଟ୍ରେନର ଲୋକୋ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ହେତୁ ଦୁର୍ଘଟଣାକୁ ଏଡ଼ାଯାଇପାରିଛି। ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ଏଭଳି ଘଟଣା ଅଧିକ ଦେଖିବାକୁ ମିଳୁଛି। ଦକ୍ଷିଣ ଭାରତରେ ଏହାର ସଂଖ୍ୟା କମ। କେତେକ ଟ୍ରେନ ଦୁର୍ଘଟଣା ପଛରେ ଏଭଳି ଅନ୍ତର୍ଘାତୀ କାର୍ଯ୍ୟ ରହିଥିବା ସନ୍ଦେହ କରାଯାଉଛି। ନିକଟରେ କର୍ଣ୍ଣାଟକରେ ଏଭଳି ଏକ ଦୁର୍ଘଟଣା ଘଟିଛି। ଦୁର୍ଘଯଣା ପୂର୍ବରୁ ଟ୍ରେନର ଲୋକ ପାଇଲଟ ଏକ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିଥିଲେ। ଏହା ପରେ ସମ୍ପୃକ୍ତ ଟ୍ରେନ ଲାଇନଚ୍ୟୁତ ହୋଇ ପାର୍ଶ୍ୱବର୍ତ୍ତୀ ଟ୍ରେନ ଲାଇନରେ ଥିବା ଏକ ମାଲବାହୀ ଟ୍ରେନ ସହ ପିଟିଥିଲା। ଯଦି ମାଲବାହୀ ଟ୍ରେନଟି ଚଳନ୍ତା ଅବସ୍ଥାରେ ଥାଆନ୍ତା ତବେ ଅବସ୍ଥା ଖରାପ ହୋଇଯାଇଥାଆନ୍ତି। ଏହା ପଛରେ ଅନ୍ତର୍ଘାତୀ ଷଡ଼ଯନ୍ତ୍ର ରହିଥିବା ସନ୍ଦେହ କରାଯାଉଛି। ଏପରିକି ବାହାନଗା ଟ୍ରେନ ଦୁର୍ଘଁଟଣା ମଧ୍ୟ ଏକ ଷଡ଼ଯନ୍ତ୍ର ଥିବା ଏବଂ ଏଥିରେ ରେଳବାଇ କର୍ମଚାରୀଙ୍କ ସମ୍ପୃକ୍ତି ଥିଲା ବୋଲି ସନ୍ଦେହ କରାଯାଉଛି। ଏଭଳି ଦୁର୍ଘଟଣା ଯୋଗୁଁ କେତେ ଲୋକ ପ୍ରାଣ ହରାଇଲେ ତାହା ଯେତିକି ଚିନ୍ତାର ବିଷୟ, ତା'ଠାରୁ ବଡ଼ ଚିନ୍ତାର ବିଷୟ ହେଲା ଭାରତୀୟ ରେଳ ନେଟୱର୍କ ଏହା ଦ୍ୱାରା ବିପର୍ଯ୍ୟସ୍ତ ହୋଇପଡ଼ିବ ଏବଂ ରେଳବାଇର ବିପୁଳ କ୍ଷତି ହେବ। ପାକିସ୍ତାନର ଏକ ଆତଙ୍କୀ ସଙ୍ଗଠନ ଏଥିଲାଗି ନିଜ ସଦସ୍ୟ ଏବଂ ସହଯୋଗୀମାନଙ୍କୁ ଏଥିପାଇଁ ଆହ୍ୱାନ ଦେଇଥିଲା। ଏହା ପରେ ଭାରତରେ ଏଭଳି ଘଟଣା ନିୟମିତ ଘଟୁଛି। ସେହିପରି ଗତ ସପ୍ତାହକ ଭିତରେ ଭାରତରେ ପ୍ରାୟ ୧୦୦ରୁ ଅଧିକ ମିଛ ଧମକପୂର୍ଣ୍ଣ ଖବର ଆସିଛି ଯେଉଁଥିରେ ବିମାନକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ଏଭଳି ଖବର ମିଛ ହେଲେ ବି ଏହାକୁ ଅଣଦେଖା କରାଯାଇପାରିବନି। ଶହ ଶହ ଲୋକଙ୍କ ଜୀବନ ମରଣର ପ୍ରଶ୍ନ। କନିଷ୍କ ବିମାନ ଦୁର୍ଘଁଟଣା ୪୦ ବର୍ଷ ପରେ ମଧ୍ୟ ମନରେ ତାଜା ହୋଇ ରହିଛି। ଏଥିପାଇଁ ବୋମା ଧମକ ମିଳିବା ପରେ ବିମାନକୁ ନିକଟବର୍ତ୍ତୀ ଏୟାରପୋର୍ଟରେ ଜରୁରୀ ଅବତରଣ କରାଇବାକୁ ପଡୁଛି। ଏହା ପରେ ବିମାନକୁ ଭଲଭାବେ ଯାଞ୍ଚ କରାଯାଉଛି। କେତେକ ଇଣ୍ଟରନ୍ୟାସନାଲ ଫ୍ଲାଇଟକୁ ମଧ୍ୟ ଏଥିପାଇଁ ଅଧାବାଟରେ ଅବତରଣର କରିବାକୁ ପଡୁଛି। ମୁମ୍ବାଇରୁ ଲଣ୍ଡନ ଯାଉଥିବା ଏକ ବିମାନ ଜର୍ମାନୀର ଫ୍ରାଙ୍କଫର୍ଟରେ ଅବତରଣ କରିବାକୁ ପଡ଼ିଲା। ଏଥିରେ ବିପୁଳ ଆର୍ôଥକ କ୍ଷତି ହେଉଛି। ବିମାନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହେଉଛି। ହିସାବରୁ ଜଣାଯାଏ ଯେ, ଗୋଟିଏ ବିମାନକୁ ଜରୁରୀ ଅବତରଣ କରାଇବା ଏବଂ ଯାଞ୍ଚ ଲାଗି ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଯଦି ଏଭଳି ଘଟଣା ନିୟମିତ ଲାଗି ରହେ, ତେବେ ଭାରତର କେତେ ଆର୍ôଥକ କ୍ଷତି ହେବ ଏବଂ ବିମାନ ଉଡ଼ାଣ କିଭଳି ପ୍ରଭାବିତ ହେବ ତାହା ସହଜରେ ଅନୁମେୟ। ଦେଶ ବିରୋଧୀ ମାନେ ଏହା ହିଁ ଚାହାଁନ୍ତି। ହାତରେ ନମାରି ଭାତରେ ମାରିବା ହେଉଛି ସେମାନଙ୍କ ଲକ୍ଷ୍ୟ। ଏହାକୁ ଭାରତ ସରକାର ଗମ୍ଭୀରତାର ସହ ନେବା ଉଚିତ ଏବଂ ଗୁଇନ୍ଦା ବାହିନୀ ଏହାର ଚେର କେଉଁଠି ରହିଛି ତାହାକୁ ଖୋଜିବା ଉଚିତ। ଯେଉଁମାନେ ଏଥିରେ ସମ୍ପୃକ୍ତ ବୋଲି ଜଣାପଡ଼ିବ, ସେମାନଙ୍କୁ କଠୋରରୁ କଠୋରତମ ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ। ଏହାର ମୁକାବିଲା ପାଇଁ ସୁରକ୍ଷା ବାହିନୀ କିଛି ନୂଆ ଉପାୟ ଅବଲମ୍ବନ କରିବା ଉଚିତ। ମିଛ ଇମେଲ ପଠାଉଥିବା ବ୍ୟକ୍ତି ବା ସଙ୍ଗଠନକୁ ଠାବ କରାଯିବା ନିହାତି ଜରୁରୀ। ସବୁ ପ୍ରକାର ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଜାରି ରହିଛି। ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। କ୍ରମାଗତ ତୃତୀୟ ବର୍ଷ ପାଇଁ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲକାରୀ ଅର୍ଥନୀତି ଭାବେ ଭାରତ ଉଭା ହୋଇଛି। ପଡ଼ୋଶୀ ପାକିସ୍ତାନ ମାତ୍ର ୨ ବିଲିୟନ ଡଲାର ପାଇଁ ଆଇଏମଏଫ ନିକଟରେ ନେହୁରା ହେଉଥିବା ବେଳେ ଭାରତ ନିକଟରେ ୭୦୦ ବିଲିୟନ ଡଲାରରୁ ଅଧିକ ପରିମାଣର ଫୋରେକ୍ସ ରିଜର୍ଭ ଗଚ୍ଛିତ ରହିଛି। କୋଭିଡ ମହାମାରୀ ହେଉ ବା ଯୁଦ୍ଧ ସବୁ ପ୍ରତିକୁଳ ପରିସ୍ଥିତିକୁ ଭାରତ ଦୃଢ଼ତାର ସହ ସାମନା କରିଛି। ଏହା ସମ୍ଭବ ହୋଇଛି ଭାରତରେ ରାଜନୈତିକ ସ୍ଥିରତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ। ଏହାକୁ ଅନେକ ବିଦେଶୀ ରାଷ୍ଟ୍ର ଏପରିକି ଆମେରିକା ମଧ୍ୟ ସହ୍ୟ କରିପାରୁନାହିଁ। ଅନେକ ଦେଶବିରୋଧୀ ଶକ୍ତି ଏବଂ ବିଚ୍ଛିନ୍ନତାବାଦୀ ସଂଗଠନ ଏହାକୁ ବରଦାସ୍ତ କରିନପାରି ଔଷଦ ବିକଳରେ ତାଟିଆ କାମୁଡ଼ିବା ପରି ହେଉଛନ୍ତି। ତେଣୁ ଭାରତକୁ ଆର୍ôଥକ ଦୃଷ୍ଟିରୁ ଦୁର୍ବଳ କରିବା ପାଇଁ ସେମାନେ ରୀତିମତ ଷଡ଼ଯନ୍ତ୍ର ଚଳାଇଛନ୍ତି। କୃଷକ ଆନ୍ଦୋଳନକୁ କିଛି ଦେଶବିରୋଧୀ ସଙ୍ଗଠନ ଏବଂ ବିଚ୍ଛିନ୍ନତାବାଦୀ ଏଥିପାଇଁ ସମର୍ଥନ ଏବଂ ପ୍ରୋତ୍ସାହିତ କରୁଥିଲେ। ନଚେତ ଭାରତରେ କୃଷକ ଆନ୍ଦୋଳନକୁ ଗ୍ରେଟା ଥନବର୍ଗ କାହିଁକି ସମର୍ଥନ କରିଥାନ୍ତେ ? ଏହା ପଛରେ ରହିଛି ଭାରତ ବିରୋଧୀ ଆଭିମୁଖ୍ୟ। ଏଭଳି ଘଟଣା ପଛରେ କାହାର ହାତ ରହିଛି ତାହାର ତଦନ୍ତ ହେବା ଉଚିତ। ଏଥିଲାଗି ସ୍ୱତନ୍ତ୍ର ଟିମ ଗଠନ କରାଯିବା ଉଚିତ। ଏଥିରେ ଅତି ଦକ୍ଷ ଅଫିସର ରହିବା ଉଚିତ। ଏହା ବ୍ୟତିତ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗର ଆବଶ୍ୟକତା ରହିଛି। ଏଥିରେ ଭାରତ ଇସ୍ରାଏଲର ସହାୟତା ନେବା ଉଚିତ। ଯେଉଁ ଦେଶବିରୋଧୀମାନେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା ଜଣାପଡ଼ିବ ସେମାନଙ୍କୁ ଗିରଫ କରି ସ୍ୱତନ୍ତ୍ର କୋର୍ଟରେ ଏହାର ବିଚାର କରାଯିବା ଉଚିତ। ଆତଙ୍କବାଦ ବିରୋଧ ଆଇନ ଅନୁଯାୟୀ ସେମାନଙ୍କ ପ୍ରତି କଠିନ ଦଣ୍ଡ ବିଧାନ ହେବା ଉଚିତ। ଏପରିକି ସେମାନଙ୍କୁ ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ ଜାରି କରାଯିବା ଉଚିତ। ସମ୍ଭବତଃ ଏହାର ଚେର ବିଦେଶରେ ବିଶେଷରେ କାନାଡ଼ାରେ ରହିଥାଇପାରେ। କାନାଡ଼ାରେ ଥିବା ଖଲିସ୍ତାନୀ ସଙ୍ଗଠନ ଗୁଡ଼ିକ ଏଥିରେ ସମ୍ପୃକ୍ତ ଥାଇପାରନ୍ତି। ସେମାନଙ୍କ ଉପରେ ସତର୍କ ଦୃଷ୍ଟି ଣଖାଯିବା ଉଚିତ। ଇସ୍ରାଏଲ ଗାଜାରେ ହମାସକୁ ସଫା କରିବା ଭଳି ଭାରତ କାନାଡ଼ାରେ ଥିବା ଖଲିସ୍ତାନୀଙ୍କୁ ମୂଳପୋଛ କରିବା ଉଚିତ। ସେମାନେ ଦୟାର ପାତ୍ର ନୁହଁନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏଥିରେ ପାରଙ୍ଗମ। ତାଙ୍କ ନିର୍ଦ୍ଦେଶନାରେ ଦେଶବିରୋଧୀଙ୍କୁ ସଫା କରାଯିବା ଉଚିତ। ଏମିତି ଖେଳକୁ ଅଧିକ ଦିନ ବରଦାସ୍ତ କରାଯିବା ଅନୁଚିତ।

## ସମ୍ପାଦକଙ୍କୁ ପତ୍ର

### ହୀରାକୁଦ ପ୍ରତି ବିପଦ

*ମହାଶୟ,*

ଓଡ଼ିଶାର ଜୀବନ ରେଖା ଭାବେ ପରିଚିତ ମହାନଦୀର ସୁରକ୍ଷା ଏବେ ଓଡ଼ିଶା ପାଇଁ ଏକ ପ୍ରକାର ଚାଲେଞ୍ଜ ହୋଇପଡ଼ିଛି। ମହାନଦୀ ଉପରମୁଣ୍ଡରେ ଯେବେଠାରୁ ଛତିଶଗଡ଼ ସରକାର ଏକାଧିକ ବନ୍ଧ ନିର୍ମାଣ କରି ଜଳକୁ ଅଟକାଇଛନ୍ତି, ସେବେଠାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଉପରମୁଣ୍ଡରେ ମହାନଦୀ ଜଳକୁ ଅବିଚାରିତ ଭାବେ ଅଟକାଇବା ଫଳରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପବେଶ ହ୍ରାସ ପାଉଛି। ତେଣୁ ଖରାଦିନେ ମହାନଦୀ ପୁରା ଶୁଖି ଯାଉଛି। ନଦୀ କୂଳରେ ବସବାସ କରିଥିବା ବ୍ୟକ୍ତିମାନେ ମଧ୍ୟ ପାଣିବିନା ଛଟପଟ ହେଉଛନ୍ତି। ସେପ୍ଟେମ୍ବର ୩୦ରେ ହୀରକୁଦର ଜଳସ୍ତର ୬୩୦ ଫୁଟ ଥିଲା ଯାହାକୁ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା। କିନ୍ତୁ ଗତ ୧୫ ଦିନ ମଧ୍ୟରେ ହୀରାକୁଦରା ଜଳସ୍ତର ଅଢେଇ ଫୁଟ କମିଛି। କାରଣ ବର୍ଷା ଋତୁ ଚାଲିଯିବା ପରେ ଛତିଶଗଡ଼ ସରକାର ମହାନଦୀ ଉପ ମୁଣ୍ଡରେ ନିର୍ମାଣ କରିଥିବା ଆନିକଟ ସବୁର ଗେଟ ବନ୍ଦ କରି ଦେଇଛନ୍ତି। ଏହା ଓଡ଼ିଶା ପାଇଁ ଏକ ଚିନ୍ତା। ମୋହନ ମାଝୀ ସରକାର ଏହାକୁ ଗମ୍ଭୀରତାର ସହ ବିଚାର କରିବା ଉଚିତ।

**ଅକ୍ଷୟ କୁମାର ବହିଦାର, ସମ୍ବଲପୁର**

# ବିଶ୍ୱ ଅର୍ଥନୀତିରେ ଭାରତ

**ଦୀନବନ୍ଧୁ ଆଚାର୍ଯ୍ୟ**



ସ୍ୱାଧୀନତାର ସାତ ଦଶନ୍ଧି ପରେ ଭାରତ ବର୍ଷ ସଫଳତାର ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ବ୍ରିଟେନକୁ ପଛରେ ପକାଇ ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ôଥକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ôଥକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ôଥକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ଋଷିଆ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ୍ୟ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି।

କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁଁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି। କରୋନ ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ବିଦେଶରେ ରହୁଥିବା ଲୋକଙ୍କୁ ମାଗଣାରେ ବିମାନ ବା ଜାହାଜ ଯୋଗେ ସ୍ୱଦେଶ ଫେରାଇ ଆଣିଛନ୍ତି। ଶ୍ରମିକ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ବା ଘରକୁ ଟ୍ରେନରେ ଫେରିବାକୁ ବ୍ୟବସ୍ଥା କରିଥିଲେ। କରୋନା କଟକଣା ହଟିବା ପରେ ଦେଶର ଆର୍ଥିକ ସ୍ଥିତି ସ୍ୱାଭାବିକ ହେଉଛି। ଏହା ସହିତ ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହୋଇଛି। ଅନ୍ୟ ବିକଶିତ ଦେଶମାନେ ଯାହା କରିପାରିନାହାଁନ୍ତି ତାହା ଆଜି ଭାରତ କରିପାରିଛି। କେବଳ ନିଜ ଦେଶର ନାଗରିକ ନୁହେଁ, ଅନେକ ବିଦେଶୀ ରାଷ୍ଟ୍ରକୁ ଭାରତ ମାଗଣାରେ ଟିକା ଏବଂ ଔଷଧ ବଣ୍ଟନ କରି ପ୍ରଶଂସିତ ହୋଇଛି। କରୋନା ପରେ ପରେ ୟୁକ୍ରେନ-ଋଷିଆ ଯୁଦ୍ଧ ପ୍ରଭାବରୁ ଅନେକ ଦେଶର ଆର୍ôଥକ ସ୍ଥିତି ଟଳିଟଳାନ୍ତ ହୋଇଯାଇଛି। ପଡ଼ୋଶୀ ଶ୍ରୀଲଙ୍କାରେ ଲୋକେ ଖାଇବାକୁ ପାଉ ନାହାଁନ୍ତି। ପାକିସ୍ତାନରେ ଖାଦ୍ୟ ସାମଗ୍ରୀ ଦର ୨୦ ଗୁଣ ବଢ଼ିଯାଇଛି। ଆମେରିକାର ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବା ବେଳେ ବ୍ରିଟେନରେ ଦରବୃଦ୍ଧି, ବେକାରୀ ସମସ୍ୟା ବୃଦ୍ଧି ଯୋଗୁଁ ସରକାର ଭାଙ୍ଗି ଯାଇଛି। ଭାରତରେ ମୁଦ୍ରାସ୍ଫୀତି ହାର ବଢ଼ିଥିଲେ ମଧ୍ୟ ଏହା ନିୟନ୍ତ୍ରଣ ଭିତରେ ରହିଛି। ଚଳିତବର୍ଷ ଶେଷ ସୁଦ୍ଧା ମୁଦ୍ରାସ୍ଫୀତି ହାର ୪.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି ଯାହା ନିହାତି କମ ହେଲେ ୬.୭ ପ୍ରତିଶତ ରହିବ।

ଆମେରିକାର ମୁଦ୍ରାସ୍ଫୀତି ହାର ୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଏଭଳି ପରିସ୍ଥିତିରେ ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ପରିଗଣନା ହେଉଛି। ସେହିପରି ଭାରତର ଫୋରେକ୍ସ ରିଜର୍ଭ ୭ ଶହ ବିଲିୟନ ଡଲାର ଟପିଛି। ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି। ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ ୬ଗୁଣ ଅଧିକ ରହିଛି। ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି। ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା। ୧୪୦ କୋଟି ଜନସଂଖ୍ୟା ସତ୍ତ୍ୱେ କୃଷି ଓ ଶିଳ୍ପ ଉତ୍ପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି। ଏବେ ଦେଶର ଆର୍ôଥକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ। ଏହା ବାଦ ଗରିବ ଓ ନିମ୍ନମଧ୍ୟବିତ୍ତ ବର୍ଗର ଆର୍ôଥକ ପରିସ୍ଥିତିରେ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଶିଳ୍ପ ଓ କୃଷି ବିକାଶରେ ଅଧିକ ପୁଞ୍ଜିନିବେଶ ଜରୁରୀ। ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। କିନ୍ତୁ ଦରଦାମ ବୃଦ୍ଧି ଏକ ସାମୟିକ ସମସ୍ୟା। ଦେଶର ସୁରକ୍ଷା, ରପ୍ତାନୀ ଏବଂ ଭିତ୍ତିଭୂମିର ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ। ଜିଏସଟି ବୃଦ୍ଧି ଅପେକ୍ଷା ଆଇଏନଏସ ବିକ୍ରାନ୍ତ ଦେଶର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ସହିତ ତୁଳନା ଅପେକ୍ଷା ଆମର ବାସ୍ତବ ସ୍ଥିତିକୁ ତଳନା କରି ଅନୁରୂପ ପଦକ୍ଷେପ ନିଆଯିବା ଜରୁରୀ।

**ଶରଣକୁଳ, ନୟାଗଡ଼ .**

# ପରିବର୍ତ୍ତନର ଶଙ୍ଖନାଦ

**ସରୋଜ କୁମାର ମିତ୍ର**

ଜୟ ପ୍ରକାଶ ନାରାୟଣ ସମ୍ପୂର୍ଣ୍ଣ କ୍ରାନ୍ତି ଚାହିଁ ଥିଲେ। ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କି ପ୍ରକାର ପରିବର୍ତ୍ତନ ହେବ ବା ଏ ଦିଗର ପଦକ୍ଷେପ ନିଆଯିବ ତାହା ଜୟ ପ୍ରକାଶ ନାରାୟଣ ପ୍ରକାଶ କରିବା ପୂର୍ବରୁ ଶରୀର ତ୍ୟାଗ କରିଥିଲେ। କିନ୍ତୁ ସମୟର ଗତିସହ କିଛି ପରିବର୍ତ୍ତନ ସଂଗଠିତ ହେଉଛି। ଶ୍ରୀ ଅରବିନ୍ଦଙ୍କ ମତରେ ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମ ଅର୍ଥାତ୍ ୧୮୩୬ ମସିହା ଠାରୁ ୧୭୫ ବର୍ଷ ପର୍ଯ୍ୟନ୍ତ ଭାରତ ଏକ ସନ୍ଧିକ୍ଷଣରେ ଥିଲା। ଏହା ପରେ ଅର୍ଥାତ୍ ୧୮୩୬+୧୭୫ = ୨୦୧୧ ମସିହା ପରେ ଭାରତ ଏକ ମହାଶକ୍ତି ହେବାକୁ ଯାଉଛି। ଶ୍ରୀ ଅରବିନ୍ଦଙ୍କ ମତାମତ ଭାରତୀୟ ପରମ୍ପରା ପ୍ରସ୍ତୁତ। ଅଧି ଭୌତିକ, ଅଧି ଦୈବୀକ ଓ ଆଧ୍ୟାତ୍ମିକ ଶକ୍ତି ମଧ୍ୟରୁ ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗ କରି ଏହି ପ୍ରକାର ନିର୍ଣ୍ଣୟ କରାଯାଇଛି। ରାଜନୈତିକ କ୍ଷେତ୍ରରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାର ପ୍ରତିଷ୍ଠିତ ହେବା ପରିବର୍ତ୍ତନର ସଙ୍କେତ ଦେଉଛି। କାରଣ ୧୯୪୭ ମସିହା ପରଠାରୁ ଭାରତୀୟ ଗଣତନ୍ତ୍ରରେ ଯେତେ ପ୍ରକାର ସରକାର ଆସିଛି ସେଗୁଡିକ ବିଦେଶୀ ମାନସିକତାକୁ ଅଗ୍ରାଧିକାର ଦେଇଛନ୍ତି। ଭାରତରେ ସମାଜବାଦ, ସାମ୍ୟବାଦ, ପୁଞ୍ଜିବାଦ ଓ ପ୍ରତିଦ୍ୱନ୍ଦିତା ମୂଳକ ଖୋଲା ବଜାର ସମେତ ବହୁ ଅନୁଷ୍ଠାନ ପାଶ୍ଚାତ୍ୟକୁ ନକଲ କରି କାର୍ଯ୍ୟକାରୀ ହେଉଥିଲା। ତେଣୁ ଲକ୍ଷ୍ୟ ହାସଲ ପାଇଁ ପଶ୍ଚାତ୍ୟକୁ ଆଧୁନିକତାର ମାପଦଣ୍ଡ ରୂପେ ଗ୍ରହଣ କରିବା ମାନସିକତା ସୃଷ୍ଟି ହୋଇଥିଲା। (Modernisation is Westernisation, Western paradigms are universal paradigms) ଏହି ମାନସିକତାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ପ୍ରକାଶ୍ୟରେ ହିନ୍ଦୁ ହିନ୍ଦୁତ୍ୱ ନ କହିଲେ ମଧ୍ୟ ମୋଦି ସରକାର ହିନ୍ଦୁ ବିଚାର ଧାରା ପୃଷ୍ଟପୋଷକ ବୋଲି ସମଗ୍ର ବିଶ୍ୱ ସ୍ୱୀକାର କରୁଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପ୍ରଧାନ ମନ୍ତ୍ରୀ ମୋଦୀ ଭାରତ ବାହାରେ ଯେ କୌଣସି ଦେଶକୁ ଗଲେ ସେଠାରେ ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ସୁହାଇଲା ଭଳି କାର୍ଯ୍ୟକ୍ରମ କରି ତାଙ୍କୁ ସ୍ୱାଗତ କରାଯାଉଛି। ଏହା ଭାରତୀୟଙ୍କ ନିଜର ପରମ୍ପରା ଓ ଅସ୍ମିତା ପ୍ରତି ଭାରତ ବାହାରେ ସମ୍ମାନ ପ୍ରଦର୍ଶନ ଅଟେ। ବିଦେଶରେ ରହୁଥିବା ଭାରତୀୟଙ୍କ ମାନ ସମ୍ମାନ ବୃଦ୍ଧି ପାଇଛି। ଦିଲ୍ଲୀରେ ତତ୍କାଳୀନ ବାଚସ୍ପତି ସୁମିତ୍ରା ମହାଜନ ଏକ କାର୍ଯ୍ୟକ୍ରମରେ



ମୋତେ କହିଥିଲେ ଯେ, ଭାରତୀୟ ହିସାବରେ ଆନ୍ତର୍ଜାତିକ ସମ୍ମିଳନୀରେ ଆଜିକାଲି ମତାମତ ରଖିଲା ବେଳେ ଅତ୍ୟନ୍ତ ସତର୍କତା ସହ କହିବାକୁ ପଡୁଛି। କାରଣ ଭାରତୀୟ ପ୍ରତିନିଧିଙ୍କ ମତାମତକୁ ଅନ୍ୟାନ୍ୟ ଦେଶର ପ୍ରତିନିଧିମାନେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଁ ଅଧ୍ୟକ୍ଷତା କରୁଥିଲି। ଏହା ପୂର୍ବରୁ ଭାରତୀୟ ପ୍ରତିନିଧିମାନେ ଆନ୍ତର୍ଜାତିକ ସ୍ତରରେ ହେଉଥିବା କାର୍ଯ୍ୟକ୍ରମରେ ହୁଏତ ଆମେରିକା, ଋଷ କିମ୍ବା ୟୁରୋପରେ ପ୍ରକାଶ ପାଇଥିବା ବିଷୟବସ୍ତୁ ଓ ଚର୍ଚ୍ଚା ଉପରେ ମତାମତ ରଖୁଥିଲେ। ଏହା ଭାରତର ନିଜସ୍ୱ ଅଭିବ୍ୟକ୍ତି ନୁହେଁ।

ପରିବର୍ତ୍ତନର ଅନ୍ୟ ଏକ ଦିଗ ହେଲା ଚାହା ବିକ୍ରି କରୁଥିବା ବ୍ୟକ୍ତି ଭାରତର ପ୍ରଧାନମନ୍ତ୍ରୀ ହେବା। ଓଡ଼ିଶାରେ ବନବାସୀ ସମୁଦାୟ ମଧ୍ୟରୁ ଜଣେ ମୁଖ୍ୟମନ୍ତ୍ରୀ ହେବା ମଧ୍ୟ ପରିବର୍ତ୍ତନର ସଙ୍କେତ ବହନ କରୁଛି। କାରଣ ଗତାନୁଗତିକ ଧାରାରେ ଜଣେ ପ୍ରତିଷ୍ଠିତ ରାଜନେତା କିମ୍ବା ବଂଶାନୁକ୍ରମେ ପିତା ପରେ ପୁତ୍ର ନେତା ହେବାର ପ୍ରକ୍ରିୟା ମୋଦୀ ଓ ମୋହନ ମାଝୀଙ୍କ କ୍ଷେତ୍ରରେ ବାଧାପ୍ରାପ୍ତ ହୋଇଛି। ରାଜନୈତିକ କ୍ଷେତ୍ରରେ ଜଣେ ସାଧାରଣ ବ୍ୟକ୍ତି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ହୋଇ ସଫଳତାର ସହ ପ୍ରଶାସନ ଚଳାଇବା ଓ ଜନ ସମର୍ଥନ କ୍ରମେ ସମଗ୍ର ଦେଶରେ ନେତୃତ୍ୱ କରିବା ଏକ ବିରାଟ ପରିବର୍ତ୍ତନର ସୂଚନା ଦେଉଛି। ଇଷ୍ଟ ଇଣ୍ଡିଆ କମ୍ପାନୀ କଣ ଓଡିଆ ଜାଣିଥିଲା ? ଉପରୋକ୍ତ ଉକ୍ତି କରିଥିବା ନେତା ଓ ଦଳର ମାନସିକତାକୁ ପରିତ୍ୟାଗ କରିବା ଏକ ବିରାଟ ପରିବର୍ତ୍ତନର ସୂଚନା ଦେଉଛି। ବକ୍ସୀ ଜଗବନ୍ଧୁ, ରାଜଗୁରୁ ଓ ଅନ୍ୟାନ୍ୟ ସହୀଦମାନଙ୍କୁ ସ୍ମରଣ କଲାବେଳେ ଚରଣ ପଟ୍ଟନାୟକଙ୍କୁ ମଧ୍ୟ ମନେପଡେ। ତେଣୁ ଚରଣ ପଟ୍ଟନାୟକ ମାନସିକତାର କିଛି ଅଂଶ ଆଜି ମଧ୍ୟ କିଛି ପରିମାଣରେ ରହିଛି। ତେଣୁ ରେଭେନ୍ସା ନାମ ବଦଳାଇବା ଓ ବାରବାଟୀ ଦୁର୍ଗରେ ନବତଳ ପ୍ରାସାଦ ନିର୍ମାଣ କରି ସୁପ୍ତ ଓଡ଼ିଶାକୁ ଜାଗ୍ରତ କରିବା ପାଇଁ ଯେଉଁ ପ୍ରତୀକାତ୍ମକ କାର୍ଯ୍ୟ କରିବାକୁ ହେବ ତାହାର ସମର୍ଥନ ଓ ବିରୋଧ ଉପରେ ଲିଖିତ ଦୁଇ ପ୍ରକାର ମାନସିକତାକୁ ପ୍ରଦର୍ଶନ କରୁଛି। ଓଡ଼ିଶାର ଐତିହ୍ୟ ଇତିହାସକୁ ନିର୍ଜୀବ ପଥର ବୋଲି ଭାବିବା ଓ ଉଠ କଙ୍କାଳର ଆହ୍ୱାନ ଦେବା ଦୁଇ ପ୍ରକାର ମାନସିକତାକୁ ସୃଷ୍ଟି କରୁଛି। ବିଦେଶରୁ ଆମଦାନୀ କରିଥିବା ସମାଜବାଦ, ସାମ୍ୟବାଦ ଓ ପୁଞ୍ଜିବାଦ ଆଜି ମୃତ। ତଥାପି ପ୍ରତିଦ୍ୱନ୍ଦିତାମୂଳକ ଖୋଲା ବଜାର ଓ ଅନ୍ୟ ଅର୍ଥନୈତିକ ବ୍ୟବସ୍ଥା ବିଦେଶୀ ଢାଞ୍ଚାରେ ଚାଲିଛି। ଏଗୁଡିକ ସ୍ଥାୟୀ ବ୍ୟବସ୍ଥା ନୁହେଁ। କାରଣ ଶୋଷଣରହିତ ସମତାଯୁକ୍ତ ସମାଜ ଗଠନ ପାଇଁ ପୁଞ୍ଜିବାଦୀ ବ୍ୟବସ୍ଥା ସହାୟକ ନୁହେଁ। ତେଣୁ ଏଥିରେ ସଂଶୋଧନ ବା ପରିବର୍ତ୍ତନ ଆବଶ୍ୟକ, ଯାହା ଭାରତକୁ କରିବାକୁ ପଡ଼ିବ। କିନ୍ତୁ ଆର୍ôଥକ, ସାମାଜିକ, ରାଜନୈତିକ ଦୃଷ୍ଟିରୁ ସମଗ୍ର ବିଶ୍ୱରେ ଏକ ମହାଶକ୍ତି ନ ହେବା ପର୍ଯ୍ୟନ୍ତ ଭାରତର ଆହ୍ୱାନକୁ ଅନ୍ୟଦେଶ ଗ୍ରହଣ କରିବେ ନାହିଁ। ଭାରତକୁ ଆର୍ଥିକ ଓ ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ କରିବା ପରେ ହିଁ ଭାରତୀୟ ବ୍ୟବସ୍ଥା କିମ୍ବା ଭାରତ ପ୍ରଦତ୍ତ ବିକଳ୍ପ ବ୍ୟବସ୍ଥାକୁ ଅନ୍ୟ ଦେଶ ଗ୍ରହଣ କରିବେ।

**ମୋବାଇଲ୍: ୮୧୭୮୦୮୨୮୧୮**

# ତମେ ବାହା ହେଇନ କାହିଁକି



**ଦିପ୍ତିମୟୀ ନାୟକ**

ଏ ସମାଜରେ ବଡ଼ ବଡ଼ ବିଚିତ୍ର ପ୍ରାଣୀ ରହିଛନ୍ତି। ଯେଉଁ ପ୍ରାଣୀ ମାନଙ୍କ ବିଷୟରେ ତମେ ଯେତେ କହିବ ସେତେ କମ ହୋଇଯିବ କାରଣ ସେମାନେ ଏମିତି ଜଣେ ଜଣେ ନମୁନା ଥାଆନ୍ତି। ଯାହା ଅନେକ ସମୟରେ ମଣିଷ କଷ୍ଟ ତ ପାଏ କିନ୍ତୁ ସେହି ନମୁନା ମାନଙ୍କ କଥାକୁ ଶୁଣି ଆଗକୁ ଆଗେଇ ଯାଏ। ତେବେ ଆଜିକାଲି ଦୁନିଆରେ ଝିଅ ପୁଅ ବଡ଼ ହେଲେ ତ ବାହା କରେଇ ଦିଅ। ବର ମିଳିବନି। ବାପା ମା ପିଲାଙ୍କର ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ଇଚ୍ଛା ପ୍ରକାଶ କରିଥିବା ବେଳେ ଏମାନେ କେବଳ ଶାରୀରିକ ସୁଖ ପାଇଁ ଅନ୍ୟ ମାନଙ୍କ ଜୀବନ ଉପରେ ନିଜର କବ୍ଜା କରିବାକୁ ବସନ୍ତି। ହୁଏତ ସେମାନେ ବିବାହିତ ଥାନ୍ତି କିମ୍ବା ଅବିବାହିତରୁ ଅନ୍ୟ କାହା ସହ ସମ୍ପର୍କରେ ରୁହନ୍ତି କିନ୍ତୁ ବାହାରକୁ ବହୁତ ଜ୍ଞାନ ଦିଅନ୍ତି। ତମର ବୟସ ହେଲାଣି ବାହା ହେଉନ। ତେବେ ବାହା ହେବା କଣ ନିହାତି ଜରୁରୀ।

ଆଉ ଯେଉଁମାନେ ବିବାହ କରିଛ କିମ୍ବା କୌଣସି ସମ୍ପର୍କରେ ରହିଛ ସେହିମାନେ ନିଜ ମାନସିକ ଶାନ୍ତି ଫେରି ପାଇଛ। ନା ନିଜ ଜୀବନର ଲକ୍ଷ୍ୟକୁ ଫେରି ପାଇଛ।କିନ୍ତୁ ତମେ ଅନ୍ୟକୁ ଆଙ୍ଗୁଳି ଉଠାଇ ନିଜ ଆଙ୍ଗୁଳିକୁ ତମେ ନଷ୍ଟ କରିଦେଇଛ। ପଙ୍ଗୁ ନ ହୋଇ ନିକର୍ମା ସାଜିଛ। ଦେହ ସୁଖ ପାଇଁ ନିଜ ସଂସ୍କାର ଭୁଲି ଯାଇଛ। ଆଉ ସେଥିରେ ପୁଣି ଏମାନେ ଅନ୍ୟର ବୟସ ଖୋଜନ୍ତି ବାହା ହୋଇଯିବାକୁ ପରାମର୍ଶ ଦିଅନ୍ତି। କିନ୍ତୁ ନିଜେ କାଇଁ ଏମିତି କର୍ମରେ ଲୁଚି ରୁହନ୍ତି।

ଯେଉଁମାନେ ନିଜ ଲକ୍ଷ୍ୟ ହାସଲ ପାଇଁ ପରିଶ୍ରମ କରୁଛନ୍ତି ସେମାନଙ୍କ କାମକୁ ତାରିଫ କର କିନ୍ତୁ ଏମିତି ବାରମ୍ବାର କାହା ବିବାହ ବିଷୟକୁ ଆଲୋଚନାର ବିଷୟବସ୍ତୁ ସଜାଅନି। କାରଣ ମନ ଏକ ଉଡ଼ା ପକ୍ଷୀ ମନ ଯଦି ଉଡୁଛି ନିଜର ଉଚିତ ମାର୍ଗ ଖୋଜୁଛି ତେବେ ସେହି ମାର୍ଗରେ ବିବାହ ରୂପକ କଣ୍ଟାକୁ ସେ ରାସ୍ତାକୁ ଆଣନୀ କାରଣ ସେ ତ ଆଗରୁ କ୍ଷତାକ୍ତ ହୋଇକି ଅଛି ତମକୁ ବି କ୍ଷତାକ୍ତ କରିଦେବ ଆଉ ତମର ଏ କୁହା ମୁଣ୍ଡା କପିଳା ଗୁଣ ଛାଡ଼ିଯିବ।

ବିବାହ କରିବାର ଉଚିତ ବୟସ ଥାଏ କିନ୍ତୁ ସେହି ବୟସରେ ଯଦି କେହି ପଢୁଛି ତେବେ ତମର କି ଅଧିକାର ଅଛି ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପ୍ରଶ୍ନ ପଚାରିବାର। ଆଧୁନିକ ଯୁଗରେ କିଛି ଯୁବକ ଯୁବତୀ ବାହା ନ ହୋଇ ମା ବାପା ହେଉଛନ୍ତି ଆଉ ସେହି ଯୁବକ ଯୁବତୀମାନେ ଅନ୍ୟ ମାନଙ୍କ ଆଗରେ ଭାରି ଗର୍ବରେ କୁହନ୍ତି ତମେ ବାହା ହେଇନ କାହିଁକି। ତେବେ ଶିକ୍ଷିତ ସମାଜରେ ଶିକ୍ଷିତ ଭାବରେ କଥା ଆଗକୁ ନାରୀର ଗର୍ଭ ଥିଲା କିନ୍ତୁ ଏବେ କିଛି ନାରୀଙ୍କର ଗର୍ଭ କୋଇଲା ଖଣି ଖୋଇଗଲାଣି ଆଉ ବାପା ହେବାର ଯେଉଁ ସୁଖ ଥିଲା ସେ ସୁଖ ବି କୁଆଡେ ଉଭାନ ହୋଇଗଲାଣି। କାରଣ ଏମାନେ ନିଜ ସୌକ ପାଇଁ ସମ୍ପର୍କ ରଖିବେ କିନ୍ତୁ ସୌକ ସରିଲେ ଟିଭି ଖବର କାଗଜ କୋର୍ଟ କଚେରୀ ମାନଙ୍କର ଏତଲା ଗଡିବ କିଏ କାହା ସହ ଖେଳିଲା। କିନ୍ତୁ ଏମାନେ ଏସବୁ କରନ୍ତିନି ବୋଲି



ଏମାନଙ୍କୁ ଅନେକ ସ୍ଥାନରେ କୁହାଯାଏନି ତମେ ବାହା ହେଉନ କାହିଁକି। ଯଦି ସେମାନେ ତମ ମାନଙ୍କ ଭଳି ହୋଇଥାନ୍ତେ ତେବେ ତମର ସ୍ଥିତି ଆଉ ସେମାନଙ୍କର ଅସ୍ତିତ୍ୱ କଣ ରୁହନ୍ତା ଜାଣି ପାରୁଥାନ୍ତ।

ତେବେ କିଏ କଣ ହେଲା କଣ ନ କହିଲା ସେଥିପ୍ରତି ଧ୍ୟାନ ଦେବା ଉଚିତ ନୁହେଁ କି ବାରମ୍ବାର ଚୁପ ରହି ନିଜକୁ ଅନ୍ୟକୁ କିଛି ପ୍ରଣାମ ଦେବା ଉଚିତ ନୁହେଁ। ମୁହଁ ଖୋଲ ପ୍ରତିବାଦ କର। ଆଉ ସେହିମାନଙ୍କୁ ଜଣେଇ ଦିଅ ବାହା ହେବା ସେତେବି ଆବଶ୍ୟକ ନୁହେଁ ଯେତିକି ତମେ ଭାବୁଛ। ଅନ୍ୟ ମାନଙ୍କ ଜୀବନକୁ ନେଇ ଚର୍ଚ୍ଚା କରୁଛ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍: ୯୦୯୦୬୬୧୫୮୬**

# ଉତ୍ତେଜନା ହ୍ରାସ କରିବାକୁ ଭାରତ-ଚୀନ ରାଜି

## ଏଲ୍‌ଏସିରେ କରିବେ ପାଟ୍ରୋଲିଂ



**ନୂଆଦିଲ୍ଲୀ, ୨୧।୧୦:** ଭାରତ ଓ ଚାଇନା ମଧ୍ୟରେ ଲାଗି ରହିଥିବା ସୀମା ବିବାଦକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଦୀର୍ଘ ଦିନ ଧରି କୂଟନୀତିକ ସ୍ତରରେ ଚାଲିଥିବା ଆଲୋଚନା ଶେଷରେ ସକାରାତ୍ମକ ଫଳ ଆଣିଛି। ସୀମାରୁ ସେନା ପ୍ରତ୍ୟାହାର ସହ ଉତ୍ତେଜନା ହ୍ରାସ କରିବାକୁ ଭାରତ ଓ ଚାଇନା ରାଜି ହୋଇଛି। ଏଥିସହ ବିବାଦ କାରଣରୁ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି)ରେ ବନ୍ଦ ରହିଥିବା ପାଟ୍ରୋଲିଂ ଆରମ୍ଭ କରିବାକୁ ମଧ୍ୟ ଦୁଇ ଦେଶ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏ ସମ୍ପର୍କରେ ଆଜି ଭାରତର ବୈଦେଶିକ ସଚିବ ବିକ୍ରମ ମିସ୍ରି ଘୋଷଣା କରିଛନ୍ତି।

ଆସନ୍ତାକାଲି ଠାରୁ ରୁଷରେ ୧୬ତମ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହେବ। ଏଥିରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯିବେ। ଏହାପୂର୍ବରୁ ଦୁଇ ଦେଶ ମଧ୍ୟରେ ବିବାଦ ଶେଷ କରିବାକୁ ସହମତି ପ୍ରକାଶ ପାଇଥିବା ଖବର ଆସିଛି। ଅକ୍ଟୋବର ୨୨ ଓ ୨୩ରେ ରୁଷରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ ହେବ। ସଚିବ ବିକ୍ରମ କହିଛନ୍ତି, "ବିଗତ ସପ୍ତାହଗୁଡ଼ିକରେ ଚାଲିଥିବା ଆଲୋଚନାର ଫଳ ସ୍ୱରୂପ ଭାରତ-ଚାଇନା ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦୁଇ ଦେଶ ମଧ୍ୟରେ ଗୋଟିଏ ବୁଝାମଣା ହୋଇଛି। ଏହା ଉତ୍ତେଜନା ହ୍ରାସକୁ ପ୍ରୋତ୍ସାହିତ କରିଛି। ୨୦୨୦ ପରେ ସୀମାନ୍ତ ଅଞ୍ଚଳରେ ସୃଷ୍ଟି ହୋଇଥିବା ସ୍ଥିତିର ସମାଧାନ ପାଇଁ ଗୋଟିଏ ସଂକଳ୍ପ ମଧ୍ୟ ଆସିପାରିଛି।" ବ୍ରିକ୍ସ ସମ୍ମିଳନୀରେ ଚାଇନାର ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ଯୋଗ ଦେବେ। ମୋଦି ଓ ଜିନପିଙ୍ଗ ଗୋଟିଏ ମଞ୍ଚରେ ଏକାଠି ହେଉଥିବାରୁ ଦ୍ୱିପାକ୍ଷିକ ଆଲୋଚନାର ସମ୍ଭାବନା ରହିଛି। ଏହ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ବୈଦେଶିକ ସଚିବ କହିଛନ୍ତି, "ନିକଟ ସପ୍ତାହଗୁଡ଼ିକରେ ଭାରତ ଓ ଚାଇନା ମଧ୍ୟରେ କୂଟନୀତିକ ଓ ସାମରିକ ସ୍ତରୀୟ ଆଲୋଚନା ହୋଇଛି। ଆମେ ଦ୍ୱିପାକ୍ଷିକ ଆଲୋଚନାର ସମୟ ଓ ବିଷୟବସ୍ତୁ ଗୁଡ଼ିକ ଉପରେ ପରସ୍ପର ସହ କଥାବାର୍ତ୍ତା ହେଉଛୁ।" ତେବେ ସେ ଦ୍ୱିପାକ୍ଷିକ ଆଲୋଚନା ହେବ କି ନାହିଁ, ସେ ସମ୍ପର୍କରେ ସଚିବ ବିକ୍ରମ କିଛି ବି କହି ନାହାନ୍ତି।

୨୦୨୦ ଜୁଲାଇ ମାସରେ ଗଲୱାନ ଘାଟିରେ ଭାରତ ଓ ଚାଇନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏହା ପରଠାରୁ ଦୁଇ ଦେଶ ମଧ୍ୟରେ ଏଲଏସିରେ ପ୍ରବଳ ଉତ୍ତେଜନା ଲାଗି ରହିଛି।



## ସିଟ୍ ଆବଣ୍ଟନ ନେଇ ଅସନ୍ତୋଷ

### ଶିବସେନାରୁ ଇସ୍ତଫା

**ନୂଆଦିଲ୍ଲୀ, ୨୧।୧୦:** ଆଉ ଦିନ କେଇଟା ପରେ ପଡ଼ିବ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଭୋଟ୍। ତେବେ ନିର୍ବାଚନ ପାଖେଇ ଆସୁଥିଲେ ସୁଦ୍ଧା ଛିଣ୍ଡିନି ଆସନ ଅଙ୍କ। ମହାରାଷ୍ଟ୍ର ମହାବିକାଶ ଅଘାଡ଼ି ଭିତରେ ସିଟ୍ ଶେୟାରିଂକୁ ନେଇ ବର୍ତ୍ତମାନ ସୁଦ୍ଧା କିଛି ସ୍ପଷ୍ଟ ହୋଇନାହିଁ। ଶିବସେନା (ୟୁବିଟି), କଂଗ୍ରେସ ଏବଂ ଏନସିପି (ଏସପି) ମଧ୍ୟରେ ଏହାକୁ ନେଇ ଘନ ଘନ ବୈଠକ ଚାଲିଛି। ଏହାରି ଭିତରେ ଉଦ୍ଧବ ଠାକରେଙ୍କ ଶିବସେନାକୁ ଲାଗିଛି ବଡ଼ ଝଟ୍‌କା। ଜ୍ଞାନେଶ୍ୱର (ମୌଲି ଆବା) କାଟକେ ଉଦ୍ଧବଙ୍କ ଦଳରୁ ଇସ୍ତଫା ଦେଇଛନ୍ତି। ଭୋଟିଂର କିଛି ଦିନ ପୂର୍ବରୁ ହିଁ ସେ ଅଜିତ ପାୱାରଙ୍କ ଏନସିପିରେ ଯୋଗ ଦେଇଛନ୍ତି। ମହାରାଷ୍ଟ୍ରରେ ସିଟ୍ ବଣ୍ଟନକୁ ନେଇ ମହାବିକାଶ ଅଘାଡ଼ିରେ ଚିନ୍ତା ବଢ଼ିବାରେ ଲାଗିଛି। ମିଟିଂ ଉପରେ ମିଟିଂ ହେଉଛି କିନ୍ତୁ କୌଣସି ସମାଧାନ ବାହାରୁ ନାହିଁ। ଏହାରି ଭିତରେ ଉଦ୍ଧବ ଠାକରେ ରାହୁଲ ଗାନ୍ଧିଙ୍କ ସମସ୍ୟାକୁ ବଢ଼ାଇ ଦେଇଛନ୍ତି। କଂଗ୍ରେସକୁ ୨୪ ଘଣ୍ଟାର ଅଲ୍ଟିମେଟମ୍ ଦିଆଯାଇଛି, ଆସନ ସ୍ଥିର କରନ୍ତୁ ନଚେତ୍ ଆମେ ସୋମବାର ଏହି ତାଲିକା ପ୍ରକାଶ କରିଦେବୁ ବୋଲି କୁହାଯାଇଛି। ୨୪ ଘଣ୍ଟା ଭିତରେ ମହାବିକାଶ ଆଘାଡ଼ି ଚାରୋଟି ବୈଠକ କରିସାରିଲାଣି। ସେପଟେ ଆଦିତ୍ୟ ଠାକରେ ମୁମ୍ବାଇରେ ଶରଦ ପାୱାରଙ୍କୁ ଭେଟିଛନ୍ତି। ଏହା ସହିତ ସଞ୍ଜୟ ରାଉତ ମଧ୍ୟ ଶାରଦ ପାୱାରଙ୍କୁ ଭେଟିଛନ୍ତି।




### ମୋଦୀଙ୍କ ଡିଗ୍ରୀ ମାମଲା

## କେଜ୍ରିୱାଲଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୧।୧୦:** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କ୍ରଜିଓ୍ୱାଲଙ୍କୁ ଲାଗିଲା ସୁପ୍ରିମ ଝଟ୍‌କା। ଆବେଦନ ଖାରଜ କଲେ ସର୍ବୋଚ୍ଚ ଅଦାଲତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଗ୍ରୀକୁ ନେଇ କରାଯାଇଥିବା ଟିପ୍ପଣୀ ମାମଲା କେଜ୍ରିଓ୍ୱାଲଙ୍କୁ ସମନ ଜାରି ହୋଇଥିଲା। ଏହା ଉପରେ ରୋକ ଲଗାଇବାକୁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କରିଥିବା ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି।

ପ୍ରକୃତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଗ୍ରୀକୁ ନେଇ କରାଯାଇଥିବା ଟିପ୍ପଣୀ ମାମଲାରେ ଗୁଜରାଟ ବିଶ୍ୱବିଦ୍ୟାଳୟ ତରଫରୁ ମାନହାନୀ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ କେଜ୍ରିଓ୍ୱାଲଙ୍କ ବିରୋଧରେ ତଳ କୋର୍ଟ ସମନ ଜାରି କରିଥିଲେ। ଏହି ସମନକୁ ରଦ୍ଦ କରିବା ପାଇଁ ପ୍ରଥମେ କେଜ୍ରିଓ୍ୱାଲ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ଆଜି ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଋଷିକେଶ ରୟ ଓ ଜଷ୍ଟିସ ଏସ୍‌ଭିଏନ୍ ଭଟ୍ଟିଙ୍କ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଏଭଳି ସ୍ଥିତିରେ ଏବେ ତାଙ୍କ ବିରୋଧରେ ଗୁଜରାଟରେ ମାନହାନୀ ମାମଲାର ତଦନ୍ତ ଜାରି ରହିବ। ଏହାପୂର୍ବରୁ ଗୁଜରାଟ ହାଇକୋର୍ଟ ମଧ୍ୟ କେଜ୍ରିଓ୍ୱାଲଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

ପୂର୍ବରୁ ଏପ୍ରିଲ ୨୦୨୪ରେ ସୁପ୍ରିମକୋର୍ଟ ଏହି ମାମଲାରେ ଆପ୍ ନେତା ସଞ୍ଜୟ ସିଂହଙ୍କ ଆବେଦନକୁ ମଧ୍ୟ ଖରାଜ କରିଦେଇଥିଲେ। ତାଙ୍କୁ ମଧ୍ୟ ସମନ ଜାରି ହୋଇଥିଲା। କହିରଖୁ ଗୁଜରାଟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପିୟୁଷ ପଟୋଲ ଅରିବିନ୍ଦ କେଜ୍ରିଓ୍ୱାଲ ଓ ଆମ୍ ଆଦମି ପାର୍ଟି ନେତା ସଞ୍ଜୟ ସିଂହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଗ୍ରୀକୁ ନେଇ ଦେଇଥିବା ମନ୍ତବ୍ୟ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ।

## ପାକିସ୍ତାନ ଝିଅଙ୍କୁ ଅନ୍‌ଲାଇନ୍‌ରେ ବିବାହ କଲେ ବିଜେପି ନେତାଙ୍କ ପୁଅ




**ଜୟପୁର, ୨୧।୧୦:** ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଲାଗି ରହିଥିଲେ ବି ଦୁଇ ଦେଶର ଲୋକେ ଗଢ଼ି ଚାଲିଛନ୍ତି ସମ୍ପର୍କ। ଅନେକ ସମୟରେ 'ପ୍ରେମ ପାଇଁ ସୀମା ପାର୍', 'ପାକିସ୍ତାନ ଯୁବତୀଙ୍କ ପ୍ରେମରେ ଭାରତୀୟ ଯୁବକ', 'ପ୍ରେମ ପାଇଁ ସୀମା ଡେଇଁଲେ ପାକିସ୍ତାନ ଯୁବତୀ' ଭଳି ଖବର ସାମ୍ନାକୁ ଆସୁଛି। ଏହି କ୍ରମରେ ଜଣେ ବିଜେପି ନେତାଙ୍କ ପୁଅ ପାକିସ୍ତାନର ଜଣେ ଝିଅଙ୍କୁ ବିବାହ କରିଛନ୍ତି। ଭିସା ମିଳିବାରେ ବିଳମ୍ବ ହେବାରୁ ଉଭୟ ଅନଲାଇନରେ ବିବାହ କରିଛନ୍ତି। ବର ସାଜିଥିବା ଭାରତୀୟ ଯୁବକ ହେଉଛନ୍ତି ଉତ୍ତରପ୍ରଦେଶ ଜଉନପୁର ଜିଲ୍ଲାର ବିଜେପି ନେତା ତଥା କର୍ପୋରେଟର ତେହସିନ ଶାହିଦଙ୍କ ପୁଅ ମହମ୍ମଦ ଆବାସ ହୈଦର। ସେ ପାକିସ୍ତାନ ଲାହୋର ସହରର ଅନଦାଲୀବ ଜାହରାଙ୍କୁ ବିବାହ କରିଛନ୍ତି। ଜାହରା ତାଙ୍କ ପରିବାରର ଜଣେ ସମ୍ପର୍କୀୟଙ୍କ ଝିଅ। ଉଭୟଙ୍କ ବାହାଘର ଗତ ବର୍ଷ ଠିକ୍ ହୋଇଥିଲା। ବର ଘର ପକ୍ଷ ଏଥିପାଇଁ ଭିସା ଆବେଦନ କରିଥିଲେ। କିନ୍ତୁ ସେମାନଙ୍କୁ ଭିସା ମିଳିପାରି ନଥିଲା। ରିପୋର୍ଟ ଅନୁସାରେ, କନିଆଁଙ୍କ ମାଆ ରାଣା ଯସ୍ମିନ ଜାଇଦି କିଛି ଦିନ ହେବ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେ ଝିଅର ବିବାହ ଦେଖିବାକୁ ଇଚ୍ଛା ପ୍ରକାଶ କରିବାରୁ ଅନଲାଇନରେ ବାହାଘର କରିବାକୁ ଉଭୟ ପରିବାର ନିଷ୍ପତ୍ତି ନେଇଥିଲେ। ଶେଷରେ ବନ୍ଧୁବର୍ଗଙ୍କ ଉପସ୍ଥିତିରେ ଅନଲାଇନରେ ବାହାଘର ହୋଇଛି। ଅନଲାଇନରେ ବାହାଘର ହୋଇଥିଲେ ମଧ୍ୟ ଉଭୟ ପକ୍ଷ ନିଜ ନିଜ ଦେଶରେ ସମସ୍ତ ଆୟୋଜନ କରିଥିଲେ। ବନ୍ଧୁବର୍ଗଙ୍କୁ ନିମନ୍ତ୍ରଣ କରିବା ସହ ଭୋଜିଭାତର ଆୟୋଜନ କରିଛନ୍ତି। ଅତିଥିମାନେ ଟିଭି ସ୍କ୍ରିନ୍ ଜରିଆରେ ବାହାଘର ଦେଖିଥିଲେ। ଏହି ବାହାଘରରେ କିଛି ବିଜେପି ନେତାମାନେ ମଧ୍ୟ ଯୋଗ ଦେଇଥିଲେ। ଅନଲାଇନରେ ବାହାଘର ସରିବା ପରେ ବର ମହମ୍ମଦ ଆବାସ ହୈଦର ତାଙ୍କ ପତ୍ନୀଙ୍କ ଭିସା କରାଇଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ନାଇଡୁଙ୍କ ନୂଆ ପ୍ଲାନ

## ଦୁଇରୁ ଅଧିକ ସନ୍ତାନ ଥିଲେ ଲଢ଼ିହେବ ନିର୍ବାଚନ



**ଅମରାବତୀ, ୨୧।୧୦:** ଆନ୍ଧ୍ରପ୍ରଦେଶରେ ବଢ଼ୁଛି ବୟସ୍କଙ୍କ ସଂଖ୍ୟା। ଜନସଂଖ୍ୟାର ଏକ ବୃହତ୍ତ ଅଂଶ ବୟସ୍କ ଶ୍ରେଣୀରେ ଯାଉଛନ୍ତି। ଏହି ସମସ୍ୟାରୁ ମୁକୁଳିବାକୁ ରାଜ୍ୟରେ ଜନସଂଖ୍ୟା ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ। ଏହାକୁ ପ୍ରୋତ୍ସାହିତ କରିବାକୁ ଯାଇ ଲୋଭନୀୟ ଅଫର ବି ଘୋଷଣା କରିଛନ୍ତି। ଦୁଇରୁ ଅଧିକ ଛୁଆ ଥିବା ବ୍ୟକ୍ତିଙ୍କୁ ହିଁ ସ୍ଥାନୀୟ ନିର୍ବାଚନରେ ଲଢ଼ିବାକୁ ଅନୁମତି ମିଳିବ ବୋଲି ଖୁବ୍ ଶୀଘ୍ର ନିୟମ ଆସିବ ବୋଲି ସେ ଘୋଷଣା କରିଛନ୍ତି। ସମଗ୍ର ଦେଶରେ ମୁଖ୍ୟତଃ ଦକ୍ଷିଣ ଭାରତରେ ବୟସ୍କଙ୍କ ସଂଖ୍ୟା ବଢ଼ୁଥିବାରୁ ଚିନ୍ତା ବ୍ୟକ୍ତ କରିଛନ୍ତି ଚନ୍ଦ୍ରବାବୁ ନାଇଡୁ । ଏପରି ସମୟରେ ଦେଶରେ ଯୁବବର୍ଗଙ୍କ ସଂଖ୍ୟା ବଢ଼ାଇବାର ଆବଶ୍ୟକତା ସୃଷ୍ଟି ହେଲାଣି। ତେଣୁ ବଡ଼ ପରିବାର କରିବା ଆବଶ୍ୟକ ଥିବା ସେ କହିଛନ୍ତି। ବଡ଼ ପରିବାରକୁ ପ୍ରୋତ୍ସାହିତ କରିବାକୁ ଯାଇ ସ୍ଥାନୀୟ ନିର୍ବାନରେ କେବଳ ଦୁଇରୁ ଅଧିକ ଛୁଆ ଥିବା ଅଭିଭାବକ ହିଁ ସାମିଲ ହୋଇପାରିବେ ବୋଲି ଖୁବ୍ ଶୀଘ୍ର ନିୟମ ଆସିବ ବୋଲି କହିଛନ୍ତି। ଅଧିକ ଛୁଆ ଜନ୍ମ ହେଲେ ଭବିଷ୍ୟତରେ ଜନସଂଖ୍ୟାର ଏକ ବୃହତ ଅଂଶ ଯୁବବର୍ଗ ହୋଇପାରିବେ ବୋଲି ଆକଳନ କରିଛନ୍ତି। ଏଥିସହ ସେ କହିଛନ୍ତି, ଏବେକାର ଯାହା ଜନସଂଖ୍ୟା ସ୍ଥିତି ରହିଛି ଆମେ ତାହାର ଲାଭ ୨୦୪୭ ମସିହା ପର୍ଯ୍ୟନ୍ତ ପାଇପାରିବା। କିନ୍ତୁ ଦକ୍ଷିଣ ଭାରତରେ ବୟସ୍କଙ୍କ ସଂଖ୍ୟା ବଢ଼ୁଥିବାର ସଙ୍କେତ ପରିଲକ୍ଷିତ ହେଲାଣି। ତେଣୁ ଆଗାମୀ ଦିନରେ ଭାରତ ଜାପାନ, ଚୀନ ଓ ଅନ୍ୟ ୟୁରୋପୀୟ ଦେଶଙ୍କ ପରି ସମସ୍ୟା ଭୋଗିବାର ଆଶଙ୍କା ସୃଷ୍ଟି ହେଲାଣି। ରୋଜଗାର ନିମନ୍ତେ ବର୍ତ୍ତମାନ ଦକ୍ଷିଣ ରାଜ୍ୟର ଯୁବବର୍ଗ ଦେଶର ଅନ୍ୟ ପ୍ରାନ୍ତ କିମ୍ବା ବିଦେଶ ପଳାଉଛନ୍ତି। ଫଳରେ ଏହି ସମସ୍ୟା ଏବେ ଦକ୍ଷିଣ ଭାରତରେ ଅଧିକ ମାତ୍ରାରେ ଅନୁଭୂତ ହେଲାଣି। ସ୍ଥିତି ଏପରି ହେଲାଣି ଯେ ଦେଶର ଅଧିକାଂଶ ଗାଁରେ କେବଳ ବୟସ୍କ ବ୍ୟକ୍ତି ହିଁ ବସବାସ କରୁଛନ୍ତି। କାରଣ ଯୁବବର୍ଗ ସହରମୁହାଁ ହେଉଛନ୍ତି। କେବଳ ଏତିକି ନୁହେଁ ସମଗ୍ର ଦେଶରେ ଜନ୍ମ ହାର ୨.୧% ଥିବା ବେଳେ ଦକ୍ଷିଣ ରାଜ୍ୟରେ ତାହା ଏବେ ୧.୬%ରେ ଅଛି। ତେଣୁ ଜନସଂଖ୍ୟା ହାର ଏପରି ତଳମୁହାଁ ରହିଲେ ୨୦୪୭ ମସିହା ବେଳକୁ ଆମକୁ ଗମ୍ଭୀର ବୃଦ୍ଧାବସ୍ଥା ସମସ୍ୟା ଭୋଗିବାକୁ ପଡ଼ିବ ବୋଲି ଚେତାଇ ଦେଇଛନ୍ତି ଚନ୍ଦ୍ରବାବୁ ନାଇଡୁ ।

### ଦିଲ୍ଲୀରେ ପ୍ରଦୂଷଣ

## ନଡ଼ା ଜାଳି ୧୪ କୃଷକ ଗିରଫ




**ନୂଆଦିଲ୍ଲୀ, ୨୧।୧୦:** ଦୀପାବଳି ପୂର୍ବରୁ ରାଜଧାନୀ ଦିଲ୍ଲୀରେ ବଢ଼ି ଚାଲିଛି ପ୍ରଦୂଷଣ। ବିଷାକ୍ତ ହେବାରେ ଲାଗିଛି ବାୟୁ। ପ୍ରତିବର୍ଷ ପଡୋଶୀ ରାଜ୍ୟ ହରିୟାଣାରେ କୃଷକମାନେ ନଡ଼ା ଜାଳିବା ଯୋଗୁ ପ୍ରଦୂଷଣ ବଢ଼ୁଥିବା ଅଭିଯୋଗ ହୋଇ ଆସୁଛି। ଏହାରି ଭିତରେ ଆକ୍ସନ ମୁଡ଼କୁ ଆସିଛନ୍ତି ସରକାର। ନାଡ଼ା ଜାଳିବା ଅଭିଯୋଗରେ ୧୪ କୃଷକ ଗିରଫ ହୋଇଛନ୍ତି। ହରିୟାଣାର କ୍ୟାଥଲ ଜିଲ୍ଲାରେ ପରାଲି ତଥା ନଡ଼ା ଜାଳିବା ମାମଲାରେ ୧୪ କୃଷକ ଗିରଫ ହୋଇଛନ୍ତି। ଜଣେ ପୁଲିସ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି। ପୁଲିସ ଅଧିକାରୀଙ୍କ କହିବା ମୁତାବକ, ନଡ଼ା ଜାଳିବା ଉପରେ ରୋକ ଲଗାଯାଇଥିଲେ ସୁଦ୍ଧା କିଛି କୃଷକ ଏହାକୁ ମାନି ନଥିଲେ। ତେଣୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ପରେ ଏମାନଙ୍କୁ ଜାମିନରେ ଛାଡି ଦିଆଯାଇଥିବା ସୂଚନା ମିଳିଛି। କ୍ୟାଥଲରେ ପ୍ରାୟ ୧୨୩ କୃଷକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବର ମାସରେ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ବଢ଼ୁଥିବା ନେଇ ଅଭିଯୋଗ ହୁଏ। ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏଥିର ମଧ୍ୟ ଏହି ମାମଲା ସୁପ୍ରିମକୋର୍ଟ ଯାଏ ପହଞ୍ଚିଛି। ହରିୟାଣା, ଦିଲ୍ଲୀ ଓ ପଞ୍ଜାବକୁ କୋର୍ଟ ପ୍ରଦୂଷଣ ଉପରେ ରୋକ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଆତଙ୍କବାଦୀ ପନ୍ନୁର ଚେତାବନୀ

## ଏୟାର ଇଣ୍ଡିଆ ବିମାନରେ ଯାତ୍ରା କରନି



**ୱାସିଂଟନ, ୨୧।୧୦:** ଲଗାତାର କିଛି ଦିନ ହେବ ଭାରତୀୟ ବିମାନକୁ ବୋମା ଧମକ ମିଳୁ ଥିବାବେଳେ ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁ ଆଉ ଏକ ଚେତାବନୀ ଦେଇଛି। ନଭେମ୍ବର ୧-୧୯ ଯାଏ ଏୟାର ଇଣ୍ଡିଆ ବିମାନରେ ଯାତ୍ରା ନ କରିବାକୁ ଧମକ ଦେଇଛି ପନ୍ନୁ। ଶିଖ୍ ହତ୍ୟାକାଣ୍ଡକୁ ୪୦ତମ ବାର୍ଷିକୀ ଅବସରରେ ଏୟାର ଇଣ୍ଡିଆ ବିମାନ ଉରେ ଆକ୍ରମଣ ହୋଇପାରେ ବୋଲି କହିଛି ଆତଙ୍କବାଦୀ ପନ୍ନୁନ। ଗତ ବର୍ଷ ମଧ୍ୟ ଏହି ସମୟରେ ଏୟାର ଇଣ୍ଡିଆ ବିମାନରେ ଯାତ୍ରା ନ କରିବାକୁ ଚେତାବନୀ ଦେଇଥିଲା ପନ୍ନୁ। ପନ୍ନୁନ ପାଖରେ କାନାଡା ଏବଂ ଆମେରିକାର ନାଗରିକତ୍ୱ ରହିଛି। ସେ ଶିଖ୍ ଫର୍ ଜଷ୍ଟିସ୍‌ର ପ୍ରତିଷ୍ଠାତା। ୨୦୨୦ରେ ଗୃହ ମନ୍ତ୍ରଣାଳୟ ଦ୍ୱାରା ତାକୁ ଆତଙ୍କବାଦୀ ଭାବେ ଘୋଷିତ କରାଯାଇଥିଲା। କିଛି ଦିନ ହେବ ଭାରତର ଅନେକ ଏୟାରଲାଇନ୍ସକୁ ବୋମା ବିସ୍ଫୋରଣ ନେଇ ଧମକ ମିଳୁଛି। ଫଳରେ ଏକାଧିକ ବିମାନର ଜରୁରୀ ଅବତରଣ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ସପ୍ତାହ ମଧ୍ୟରେ ପାଖାପାଖି ୧୦୦ଟି ଭାରତୀୟ ବିମାନକୁ ବୋମା ଧମକ ମିଳି ସାରିଲାଣି। ଉଡାଣ ଆରମ୍ଭର କିଛି ସମୟ ପରେ ଧମକ ମିଳୁଥିବାରୁ ଜରୁରୀ ଅବତରଣ କରାଯାଇ ଯାଞ୍ଚ କରାଯାଉଛି। ମାତ୍ର ସେପରି କୌଣସି ଆପତ୍ତିଜନକ ସାମଗ୍ରୀ ଠାବ ହେଉ ନାହିଁ। ପରେ ଏସବୁ ଫେକ୍ କଲ୍ ବୋଲି ଜଣାପଡୁଛି। ଏହି କାରଣରୁ ବିମାନ କମ୍ପାନୀଙ୍କୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି। ଏସବୁ ମଧ୍ୟରେ ଏୟାର ଇଣ୍ଡିଆ ବିମାନକୁ ନୂଆ ଚେତାବନୀ ଦେଇଛି ପନ୍ନୁ।

### ଜମ୍ମୁ-କଶ୍ମୀରରେ ଆତଙ୍କୀ ହମଲା

## ଲସ୍କର-ଏ-ତୋଏବା ନିଜକୁ ଦାୟୀ କଲା

**ଶ୍ରୀନଗର, ୨୧।୧୦:** ଜମ୍ମୁ-କଶ୍ମୀର ଗନ୍ଦେରବାଲ ଜିଲ୍ଲାରେ ହୋଇଥିବା ଆତଙ୍କୀ ହମଲା ପାଇଁ ନିଜକୁ ଦାୟୀ କରିଛି ଲସ୍କର-ଏ-ତୋଏବା। ଜଣେ ଡାକ୍ତରଙ୍କ ସମେତ ଛଅ ଜଣ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ପାଇଁ ପାକିସ୍ତାନର ଲସ୍କର-ଏ-ତୋଏବାର ହାତ ରହିଛି।

ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ପାକିସ୍ତାନ ଲସ୍କର-ଏ-ତୋଏବାର ଏକ ଶାଖା ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ମୁଖ୍ୟ ଶେଖ୍ ସାଜଜାଦ ଗୁଲ୍ ଏହି ଆକ୍ରମଣର ମାଷ୍ଟରମାଇଣ୍ଡ। ଗୁଲ୍ ତତ୍ୱାବଧାନରେ କଶ୍ମୀରେର ଥିବା ଆତଙ୍କବାଦୀ ପ୍ରଥମ ଥର ପାଇଁ କଶ୍ମୀର ବାସିନ୍ଦା ଏବଂ ଅଣକଶ୍ମୀର ବାସିନ୍ଦାଙ୍କ ଉପରେ ଆକ୍ରମଣ କରିଛନ୍ତି। ସୂତ୍ରରୁ ଆହୁରି ସୂଚନା ମିଳିଛି ଯେ, ଟିଆର୍‌ଏଫ୍ ପୂର୍ବରୁ କଶ୍ମୀର ପଣ୍ଡିତଙ୍କୁ ଟାର୍ଗେଟ କରି ଆସିଛି। ଏଥିରେ ଅନେକ କଶ୍ମୀର ପଣ୍ଡିତଙ୍କର ମଧ୍ୟ ମୃତ୍ୟୁ ହୋଇଛି। କିନ୍ତୁ ଏହି ଆତଙ୍କୀ ସଂଗଠନ ପ୍ରଥମ କରି କଶ୍ମୀର ଏବଂ ଅଣକଶ୍ମୀର ବାସିନ୍ଦାଙ୍କୁ ଟାର୍ଗେଟ କରିଛି। ପ୍ରକାଶ ଥାଉକି, ଗତକାଲି ସନ୍ଧ୍ୟାରେ ଗନ୍ଦେରବାଲ ସ୍ଥିତ ସୋନାମାର୍ଗ ଅଞ୍ଚଳରେ ଏକ ଟନ୍ନେଲ କାର୍ଯ୍ୟ ଚାଲିଥିବା ସମୟରେ ଆକ୍ରମଣ କରିଥିଲେ ଆତଙ୍କବାଦୀ। ଆଖିବୁଜା ଗୁଳିମାଡ଼ କରିବା ଫଳରେ ସାତ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଜଣେ ଡାକ୍ତରଙ୍କ ସମେତ ଛଅ ଜଣ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଛନ୍ତି। ଆତଙ୍କୀ ହମଲା ପରେ ସୁରକ୍ଷାକର୍ମୀ ସ୍ଥାନୀୟ ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ସର୍ଚ୍ଚ ଅପରେସନକୁ କଡ଼ାକଡ଼ି କରିଛନ୍ତି। ଏହି ଆକ୍ରମଣରେ ଦୁଇ ଜଣ ଆତଙ୍କବାଦୀଙ୍କ ହାତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୁଲିସ ଓ ସୁରକ୍ଷାକର୍ମୀ ମିଳିତ ଭାବେ ସର୍ଚ୍ଚ ଅପରେସନ ଜାରିରଖି ଥିବାବେଳେ ଲସ୍କର-ଏ-ତୋଏବା ଏଥିପାଇଁ ନିଜକୁ ଦାୟୀ କରିଛି।

## ଦିଲ୍ଲୀ ବିସ୍ଫୋରଣ ପଛରେ ପାକିସ୍ତାନର ହାତ !

**ନୂଆଦିଲ୍ଲୀ, ୨୧।୧୦:** ଦିଲ୍ଲୀ ରୋହିଣୀର ପ୍ରଶାନ୍ତ ବିହାରସ୍ଥିତ ସିଆର୍‌ପିଏଫ୍ ସ୍କୁଲ୍ ନିକଟରେ ଘଟିଥିବା ବିସ୍ଫୋରଣ ଘଟଣାରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ସୋଶାଲ ମିଡିଆ ପ୍ଲାଟଫର୍ମ ଟେଲିଗ୍ରାମର ଏକ ହ୍ୟାଣ୍ଡେଲ 'ଜଷ୍ଟିସ ଲିଗ୍ ଇଣ୍ଡିଆ' ନିଜକୁ ଏଥିପାଇଁ ଦାୟୀ କରିଛି। ଏହି ହ୍ୟାଣ୍ଡେଲରେ ବିସ୍ଫୋରଣ ସମୟର ଏକ ଭିଡିଓ ମଧ୍ୟ ପୋଷ୍ଟ କରାଯାଇଛି। ଏହି ଦାବି ପରେ ଦିଲ୍ଲୀ ପୁଲିସ ସଂପୃକ୍ତ ଟେଲିଗ୍ରାମ ହ୍ୟାଣ୍ଡେଲ ବାବଦରେ ଟେଲିଗ୍ରାମ ଅଥରିଟିଙ୍କୁ ଅଧିକ ସୂଚନା ମାଗିଛି। ପ୍ରକାଶ ଥାଉ, ଗତକାଲି ସକାଳ ପ୍ରାୟ ୮ଟା ସମୟରେ ଦିଲ୍ଲୀର ରୋହିଣୀରେ ଥିବା ପ୍ରଶାନ୍ତ ବିହାର ନିକଟ ସିଆର୍‌ପିଏଫ୍ ସ୍କୁଲ୍ ନିକଟରେ ଏକ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା। ଯଦିଓ ଏଥିରେ ବିଶେଷ କିଛି କ୍ଷତି ହୋଇନାହିଁ, କିନ୍ତୁ ବିସ୍ଫୋରଣ ପ୍ରଭାବରେ ନିକଟରେ ଥିବା କାରଗୁଡ଼ିକର କାଚ ଓ ନିକଟରେ ରହିଥିବା ଦୋକାନଗୁଡ଼ିକର ହୋର୍ଡିଂ ଭାଙ୍ଗିଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ସିଆର୍‌ପିଏଫ୍ ସ୍କୁଲର ପାଚେରୀ ମଧ୍ୟ ଭାଙ୍ଗିଯାଇଛି। ଏହି ଭୟଙ୍କର ବିସ୍ଫୋରଣ ପରେ ଘଟଣାସ୍ଥଳରେ ତୁରନ୍ତ ପୁଲିସ ସମେତ ଏକାଧିକ ତଦନ୍ତକାରୀ ସଂସ୍ଥା ପହଞ୍ଚିଥିଲେ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏଏନ୍‌ଆଇ) ସମେତ ଏକାଧିକ ସୁରକ୍ଷା ଏଜେନ୍ସି ଏବଂ ପୁଲିସ ମିଳିତ ଭାବେ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏଏନ୍‌ଆଇ ବ୍ୟତୀତ ଜାତୀୟ ସୁରକ୍ଷା ବାହିନୀ କମାଣ୍ଡୋମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଫରେନ୍ସିକ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ସ୍କୁଲ ପାଚେରୀ ପାଖରୁ ମିଳିଥିବା ଏକ ଧଳା ପାଉଡର ମଧ୍ୟ ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବକୁ ପଠାଯାଇଛି। ପ୍ରାଥମିକ ତଦନ୍ତରେ କୌଣସି ଆତଙ୍କୀ ସଂଗଠନର ହାତ ଥିବା ସୁରାଗ ମିଳିନଥିଲା। ତଥାପି ଏହା ପଛରେ ପ୍ରୋ-ଖଲିସ୍ତାନୀ ସଂଗଠନର ହାତ ଥିବା ପୁଲିସ ସନ୍ଦେହ କରୁ ଥିବାବେଳେ 'ଜଷ୍ଟିସ ଲିଗ୍ ଇଣ୍ଡିଆ' ଟେଲିଗ୍ରାମ ହ୍ୟାଣ୍ଡଲ ଏଥିପାଇଁ ନିଜକୁ ଦାୟୀ କରିଛି। ତେବେ ବାସ୍ତବରେ ଏହି ହ୍ୟାଣ୍ଡେଲ ପଛରେ କାହାର ହାତ ଅଛି ଏବଂ ଏହାକୁ କିଏ ପରିଚାଳିତ କରୁଛି, ସେ ଉପରେ ଖୋଳତାଡ଼ କରୁଛି ପୁଲିସ।

## ଅଯୋଧ୍ୟା ମାମଲାର ଶୁଣାଣି ପୂର୍ବରୁ ଭଗବାନଙ୍କୁ ପ୍ରାର୍ଥନା କରିଥିଲି



**ନୂଆଦିଲ୍ଲୀ, ୨୧।୧୦:** ବହୁ ବିବାଦୀୟ ରାମ ଜନ୍ମଭୂମି ଏବଂ ବାବ୍ରି ମସଜିଦ ମାମଲାର ଶୁଣାଣି ପୂର୍ବରୁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ। ୨୦୧୯ରେ ରାୟ ଆସିଥିବା ଏହି ବହୁ ଚର୍ଚ୍ଚିତ ମାମଲାକୁ ମନେ ପକାଇ ଜଷ୍ଟିସ୍ ଚନ୍ଦ୍ରଚୂଡ କହିଛନ୍ତି, "ଅଯୋଧ୍ୟା ମାମଲାର ସମାଧାନ ପାଇଁ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲି।"

ସେ ଆହୁରି କହିଛନ୍ତି, "ଯଦି ଭଗବାନଙ୍କ ଉପରେ ବିଶ୍ୱାସ ଥାଏ, ତେବେ ସେ ନିଶ୍ଚୟ କିଛି ନା କିଛି ରାସ୍ତା ବାହାର କରିବେ।" ମହାରାଷ୍ଟ୍ରର ଖେଡର ତାଙ୍କ ଜନ୍ମଭୂମି କନ୍ହେରସାର ଗାଁରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ବେଳେ ଏପରି କହିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ। ସେ କହିଛନ୍ତି, "ପ୍ରାୟତଃ ଆମ ପାଖରେ କେତେକ ମାମଲା ବିଚାର କରିବାକୁ ଥାଏ, ଯାହାର ସମାଧାନ ବା ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚି ପାରୁନା। ଅଯୋଧ୍ୟା (ରାମ ଜନ୍ମଭୂମି-ବାବ୍ରି ମସଜିଦ୍ ବିବାଦ) ସମୟରେ ସମାନ ଘଟଣା ଘଟିଥିଲା। ଦୀର୍ଘ ତିନି ମାସ ବିଚାର ଚାଲିଥିଲେ ମଧ୍ୟ ଅନ୍ତିମ ଶୁଣାଣି ହୋଇପାରୁ ନଥିଲା। ଶେଷରେ ମୁଁ ଠାକୁରଙ୍କ ପାଖକୁ ଗଲି, ତାଙ୍କୁ ହିଁ ଏହାର ସମାଧାନର ବାଟ ବାହାର କରିବାକୁ ନିବେଦନ କଲି।" ଆଉ ଶେଷରେ ସମାଧାନ ହେଲା। ବିଶ୍ୱାସ କରନ୍ତୁ, ଯଦି ଆପଣଙ୍କର ଭଗବାନଙ୍କ ଉପରେ ବିଶ୍ୱାସ ଅଛି, ତେବେ ସେ ନିଶ୍ଚୟ ବାଟ ଦେଖାଇବେ ବୋଲି ପ୍ରଧାନ ବିଚାରପତି କହିଛନ୍ତି।

ପ୍ରକାଶ ଥାଉକି, ନଭେମ୍ବର ୯, ୨୦୧୯ରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟର ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଶତାବ୍ଦୀର ବିବାଦୀୟ ମାମଲା ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ଉପରେ ରାୟ ଶୁଣାଇଥିଲେ। ରାମ ଜନ୍ମଭୂମି ସ୍ଥାନରେ ହିଁ ବାବ୍ରି ମସଜିଦ ନିର୍ମାଣ ହୋଇଛି, ତେଣୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରି ଅଯୋଧ୍ୟାରେ ହିଁ ରାମ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଏହି ରାୟ କେବଳ ଏକ ରାୟ ନଥିଲା, କୋଟି କୋଟି ଭାରତୀୟଙ୍କ ପାଇଁ ଐତିହାସିକ ମୁହୂର୍ତ୍ତ ଥିଲା। ଦୀର୍ଘ ଦିନ ଧରି ହିନ୍ଦୁ ଏବଂ ମୁସଲିମଙ୍କ ମଧ୍ୟରେ ଚାଲି ଆସିଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇଥିଲା। ଆଉ ଶେଷରେ ଚଳିତ ବର୍ଷ ଜାନୁଆରୀ ୨୨ରେ ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ରାମଲଲାଙ୍କ ମୂର୍ତ୍ତି ପ୍ରତିଷ୍ଠା ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିବା ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ଖଣ୍ଡପୀଠରେ ସାମିଲ ଥିଲେ ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼। ସେ ପରବର୍ତ୍ତୀ ସମୟରେ ଭାରତର ପ୍ରଧାନ ବିଚାରପତି ଆସନ ଅଳଙ୍କୃତ କରିଛନ୍ତି। ଆସନ୍ତା ନଭେମ୍ବରେ ୧୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଛି।

## ମହିଳା ଟି-୨୦ ବିଶ୍ୱକପ୍

# ପ୍ରଥମ ଥର ପାଇଁ ବିଶ୍ୱକପ୍ ଜିତିଲା ନ୍ୟୁଜିଲ୍ୟାଣ୍ଡ




**ଦୁବାଇ, ୨୧।୧୦:** ଟି-୨୦ ମହିଳା ବିଶ୍ୱକପରେ ବାଜି ମାରି ନେଇଛି ନ୍ୟୁଜିଲ୍ୟାଣ୍ଡ। ଦକ୍ଷିଣ ଆଫ୍ରିକାକୁ ୩୨ ରନରେ ହରାଇ ଟ୍ରଫି ହାତେଇଛି କିୱି ବାହିନୀ। ଏହି ବିଜୟ ସହ ପ୍ରଥମ ଥର ପାଇଁ ବିଶ୍ୱବିଜୟୀ ତାଲିକାରେ ନିଜ ନାଁ ଯୋଡ଼ିଛି ନ୍ୟୁଜିଲ୍ୟାଣ୍ଡ।

ସେପଟେ ଦକ୍ଷିଣ ଆଫ୍ରିକାର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଛି। ଦଳ ଲଗାତାର ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସଫଳତାର ଦ୍ୱାର ଦେଶରୁ ଫେରି ଆସିଛି। ଫାଇନାଲ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡ ଆଗରେ ଶୋଚନୀୟ ପରାଜୟର ସାମ୍ନା କରିଛି ଦକ୍ଷିଣ ଆଫ୍ରିକା।

ଗତକାଲି ଦୁବାଇର ଇଣ୍ଟରନ୍ୟାସନାଲ ଷ୍ଟାଡ଼ିୟମରେ ଖେଳା ଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା। ଫଳରେ ନ୍ୟୁଜିଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୫ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା। ଆମେଲିଆ କେର୍ ସର୍ବାଧିକ ୪୩ (୩୮) ରନ୍ କରି ଥିବାବେଳେ ବ୍ରୁକି ହାଲିଡେ ୩୮ (୨୮), ସୁଜିଇ ବେଟ୍ସ ୩୨ (୩୧), ଜର୍ଜିଆ ପ୍ଲିମ୍ମେର ୯(୭), ସୋଫି ଡେଭିନ ୬ (୧୦) ଏବଂ ମ୍ୟାଡ୍ଡି ଗ୍ରୀନ୍ ଓ ଇସାବେଲ୍ଲା ଗେଜ୍ ଅପରାଜିତ ରହି ଯଥାକ୍ରମେ ୧୨ ଏବଂ ୩ ରନ୍ ସଂଗ୍ରେହ କରିଥିଲେ।

ଜବାବରେ ୧୨୬ ରନରେ ଅଟକି ଯାଇଥିଲା ଦକ୍ଷିଣ ଆଫ୍ରିକା। ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୬ ରନ କରିଥିଲା। ଫଳରେ ୩୨ ରନରେ ଏହି ମ୍ୟାଚକୁ ଜିତି ନେଇଛି ନ୍ୟୁଜିଲ୍ୟାଣ୍ଡ। ଏଥିସହ ପ୍ରଥମ କରି ବିଶ୍ୱକପ୍ ମୁକୁଟ ପିନ୍ଧିଛି।

# କେଉଁ ଦଳକୁ ମିଳିଲା କେତେ ଟଙ୍କା ?







ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ଐତିହାସିକ ବିଜୟ ହାସଲ କରିଛି ନ୍ୟୁଜିଲ୍ୟାଣ୍ଡ। ଦୁବାଇରେ ଖେଳାଯାଇଥିବା ଫାଇନାଲ ଫାଇଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱକପ ହାତେଇଛି କିୱି ବାହିନୀ। ୨୦୦୯ ଏବଂ ୨୦୧୦ରେ ରନର୍ ଅପ୍ ରହିଥିବା ନ୍ୟୁଜିଲ୍ୟାଣ୍ଡ ଶେଷରେ ଟ୍ରଫି ଭାଗିଦାରୀ ହୋଇଛି। ବିଶ୍ୱକପ ଜିତିବା ପାଇଁ ନ୍ୟୁଜିଲ୍ୟାଣ୍ଡକୁ ମୋଟ ୨୧.୪୦ କୋଟି ଟଙ୍କା ମିଳିଛି, ସେଥିମଧ୍ୟରୁ ୧୯.୬୭ କୋଟି ଟଙ୍କା ଟାଇଟଲ ଜିତିବା ପାଇଁ ଦିଆଯାଇଛି। ସେହିପରି ରନର୍ ଅପ୍ ଦକ୍ଷିଣ ଆଫ୍ରିକାକୁ ୧୧.୫୬ କୋଟି ଟଙ୍କା ଦିଆଯାଇଛି। ସେମିଫାଇନାଲ ଦୌଡ଼ରୁ ବାଦ୍ ରହିଥିବା ଟିମ୍ ଇଣ୍ଡିଆକୁ ୩.୭୪ କୋଟି ଟଙ୍କା ମିଳିଛି। ସେପଟେ, ସେମିଫାଇନାଲରେ ହାରିଥିବା ୬ ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ୭.୬୬ କୋଟି ଟଙ୍କା ଦିଆଯାଇ ଥିବାବେଳେ ପୂର୍ବର ଚାରିଟି ମ୍ୟାଚ୍ ସହ ସେମିଫାଇନାଲ ହାରିଥିବା ୱେଷ୍ଟଇଣ୍ଡିଜ ଦଳ ୭.୪୦ କୋଟି ଟଙ୍କା ପାଇଛି। ପଞ୍ଚମ ସ୍ଥାନରେ ଥିବା ଇଂଲଣ୍ଡକୁ ୪ କୋଟି ଟଙ୍କା ମିଳିଛି। ପାକିସ୍ତାନକୁ ୩.୪୭ କୋଟି ଟଙ୍କା, ବାଂଲାଦେଶକୁ ୩.୪୭ ଏବଂ ଶ୍ରୀଲଙ୍କା ୨.୦୮ କୋଟି ଟଙ୍କା ଦିଆଯାଇଛି। ଦୁବାଇର ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ନ୍ୟୁଜିଲ୍ୟାଣ୍ଡ ଏହି ମ୍ୟାଚକୁ ଦକ୍ଷିଣ ଆଫ୍ରିକାକୁ ୩୨ ରନରେ ପରାସ୍ତ କରିଛି।




# ସଚିନଙ୍କ ଶୈଳୀରେ ପଡ଼ିଆ ଛାଡ଼ିଲେ ରାହୁଲ

**ବେଙ୍ଗାଲୁରୁ, ୨୧।୧୦:** ଟେଷ୍ଟ କ୍ରିକେଟରୁ ଅବସର ନେଇଯିବେ କି କେଏଲ ରାହୁଲ? ଦୀର୍ଘ ଦିନ ଧରି ଖରାପ ଫର୍ମ ଦେଇ ଗତି କରୁଥିବା ରାହୁଲଙ୍କ ଭାଇରାଲ ହେଉଥିବା ଏକ ଫଟୋ ନେଇ ଏବେ ଖୁବ ଚର୍ଚ୍ଚା। ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ପରାଜୟ ପରେ ନିଜ ହୋମ ଗ୍ରାଉଣ୍ଡକୁ ଛୁଇଁ ପ୍ରଣାମ କରି ଷ୍ଟାଡିୟମ ଛାଡ଼ିଥିଲେ ରାହୁଲ। ଯାହାକୁ ନେଇ ସୋଶାଲ ମିଡିଆରେ ଏବେ ତାଙ୍କ ଅବସର ନେଇ ଖୁବ ଚର୍ଚ୍ଚା। ଭାରତୀୟ ଦଳର ଷ୍ଟାର କ୍ରିକେଟର ରାହୁଲ ଏବେ ଦୀର୍ଘ ଦିନ ଧରି ପୁରୁଣା ଲୟ ଫେରି ପାଇବାକୁ ସଂଘର୍ଷ କରୁଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚରେ ଯେତେବେଳେ ଦଳ ପ୍ରଥମ ପାଳିରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା, ତାଙ୍କର ପ୍ରଦର୍ଶନ ଦଳ ପାଇଁ ଜରୁରୀ ଥିଲା। ଏଥିରେ ମଧ୍ୟ ସେ ବିଫଳ ହୋଇଥିଲେ। ଫଳରେ ପ୍ରଶଂସକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ରାହୁଲ। ସାମାଜିକ ଗଣମାଧ୍ୟମରେ ତାଙ୍କୁ ପ୍ରବଳ ସମାଲୋଚନାର ସାମ୍ନା କରିବାକୁ ପଡୁଛି।

ଏହାରି ଭିତରେ ରାହୁଲଙ୍କ ଏକ ଭିଡିଓ ଏବେ ବେଶ ଭାଇରାଲ ହେଉଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପଞ୍ଚମ ଦିନ ଯେତେବେଳେ ଭ୍ରମଣକାରୀ ଦଳ ଟିମ ଇଣ୍ଡିଆକୁ ୮ ୱିକେଟରେ ପରାସ୍ତ କଲା, ଏହାପରେ ରାହୁଲ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମର ପିଚକୁ ପ୍ରଣାମ କରି ମୈଦାନ ଛାଡ଼ିଥିଲେ। ଯେତେବେଳେ ମହାନ କ୍ରିକେଟର ସଚିନ ତେନ୍ଦୁଲକର ନିଜ କ୍ୟାରିୟରର ଶେଷ ମ୍ୟାଚ ଖେଳିଥିଲେ, ସେ ମଧ୍ୟ ସମାନ ଢଙ୍ଗରେ ପିଚକୁ ପ୍ରଣାମ କରି ପଡ଼ିଆ ଛାଡ଼ିଥିଲେ। ତେଣୁ ରାହୁଲ ଏପରି କରୁଥିବାର ଦେଖି ସେ ସନ୍ନ୍ୟାସ ନେଉଥିବା ଗୁଜବ ସୃଷ୍ଟି ହୋଇଛି।

## ପ୍ରଥମ ଟେଷ୍ଟ ହାରିବା ପରେ ଟିମ୍ ଇଣ୍ଡିଆରେ ବଡ଼ ପରିବର୍ତ୍ତନ

# ଦଳକୁ ଆସିଲେ ଷ୍ଟାର ଅଲରାଉଣ୍ଡର




ବେଙ୍ଗାଲୁରୁ, ୨୧।୧୦: ବେଙ୍ଗାଲୁରୁରେ ଅନୁଷ୍ଠିତ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ପରାଜୟ ପରେ ସ୍କ୍ୱାଡରେ ପରିବର୍ତ୍ତନ କରିଛି ଭାରତ। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆରେ ଜଣେ ଅତିରିକ୍ତ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ରଣଜୀ ଟ୍ରଫିରେ ତାମିଲନାଡୁ ପାଇଁ ୧୫୨ ରନର ଦମଦାର ପାଳି ଖେଳିଥିବା ୱାଶିଂଟନ୍ ସୁନ୍ଦର ଟିମ୍ ଇଣ୍ଡିଆର ଟେଷ୍ଟ ଟିମରେ ଯୋଗ ଦେଇଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ବିଚାର ବିମର୍ଷ କରି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଓ ଚୟନକର୍ତ୍ତା ସ୍କ୍ୱାଡରେ ବାମହାତି ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରିଛନ୍ତି। ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ପାଇଁ ୱାଶିଂଟନ ସୁନ୍ଦର ପୁଣେରେ ଭାରତୀୟ ଦଳରେ ଯୋଗଦେବେ। ଏହାର ଅର୍ଥ ଭାରତର ଟେଷ୍ଟ ଟିମରେ ଚାରି ଜଣ ଅଲରାଉଣ୍ଡର ସାମିଲ ହୋଇଛନ୍ତି।

ତେବେ ସୁନ୍ଦର ଯୋଗଦେବା ପୂର୍ବରୁ ଭାରତୀୟ ଦଳରେ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲଙ୍କ ଭଳି ଅଭିଜ୍ଞ ଅଲରାଉଣ୍ଡର ରହିଛନ୍ତି। ତେଣୁ ଚତୁର୍ଥ ଅଲରାଉଣ୍ଡର ଭାବେ ସୁନ୍ଦରଙ୍କୁ ଦଳରେ ସାମିଲ କରିଛି ବିସିସିଆଇ। ଅର୍ଥାତ ପୁଣେ ଓ ମୁମ୍ବାଇରେ ଖେଳାଯିବାକୁ ଥିବା ଶେଷ ଦୁଇ ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ସ୍କ୍ୱାଡ ୧୬ ସଦସ୍ୟ ବିଶିଷ୍ଟ ହୋଇଛି। ୨୪ ଅକ୍ଟୋବରରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ।

### ୱାଶିଂଟନ ସୁନ୍ଦରଙ୍କ ଅନ୍ତର୍ଜାତୀୟ ରେକର୍ଡ

ଭାରତୀୟ ଦଳ ୨୦୨୦-୨୧ରେ ଅଷ୍ଟ୍ରେଲିଆରେ ପାଇଥିବା ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ୱାଶିଂଟନ ସୁନ୍ଦର। ଗାବା ଟେଷ୍ଟର ପ୍ରଥମ ପାଳିରେ ଶାର୍ଦ୍ଦୁଲ ଠାକୁରଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ କରି ଟିମ ଇଣ୍ଡିଆକୁ ସଂକଟରୁ ଉଦ୍ଧାର କରିଥିଲେ ସୁନ୍ଦର। ସେ ଏପର୍ଯ୍ୟନ୍ତ ଭାରତ ପାଇଁ ୪ଟି ଟେଷ୍ଟ ମ୍ୟାଚ୍ ଖେଳି 3ଟି ଅର୍ଦ୍ଧଶତକୀୟ ପାଳି ସହିତ ୬୬.୨୫ ହାରରେ ୨୬୫ ରନ ସଂଗ୍ରହ କରିଛନ୍ତି। କ୍ରିକେଟର ସବୁଠାରୁ ବଡ଼ ଫର୍ମାଟରେ ସେ ମୋଟ ୬ ୱିକେଟ ମଧ୍ୟ ହାସଲ କରିଛନ୍ତି। ଭାରତୀୟ ଜର୍ସିରେ ୨୨ ଏକଦିବସୀୟ ମ୍ୟାଚ୍ ଖେଳିଥିବା ସୁନ୍ଦର ୨୪.୨୩ ହାରରେ ୩୧୫ ରନ୍ ଏବଂ ୫୨ଟି ଟି-୨୦ ମ୍ୟାଚ୍ ଖେଳି ୧୩.୪୨ ହାରରେ ୧୬୧ ରନ ସଂଗ୍ରହ କରିଛନ୍ତି। ତାମିଲନାଡୁର ଏହି କ୍ରିକେଟର ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ୪୭ ଓ ଦିନିକିଆରେ ୨୩ଟି ୱିକେଟ ହାସଲ କରିଛନ୍ତି।

### ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ପାଇଁ ଭାରତୀୟ ସ୍କ୍ୱାଡ୍

ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ, ବିରାଟ କୋହଲି, କେଏଲ ରାହୁଲ, ସର୍ଫରାଜ ଖାନ, ଋଷଭ ପନ୍ତ (ୱିକେଟ କିପର), ଧ୍ରୁବ ଜୁରେଲ (ୱିକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଳଦୀପ ଯାଦବ, ଯଶପ୍ରୀତ ବୁମରା (ଉପ-ଅଧିନାୟକ), ମହମ୍ମଦ ସିରାଜ, ଆକାଶ ଦୀପ ଓ ୱାଶିଂଟନ ସୁନ୍ଦର।

# ତୀରନ୍ଦାଜି ବିଶ୍ୱକପ ଫାଇନାଲରେ ୫ମ ରୌପ୍ୟ ପଦ ହାସଲ କଲେ ଦୀପିକା



**ମେକ୍ସିକୋ ସିଟି, ୨୧।୧୦:** ମେକ୍ସିକୋରେ ଚାଲିଥିବା ତୀରନ୍ଦାଜି ବିଶ୍ୱକପ ଫାଇନାଲ ୨୦୨୪ରେ କମାଲ କରିଛନ୍ତି ଭାରତର ଦୀପିକା କୁମାରୀ। ସେ ବିଶ୍ୱକପ ଫାଇନାଲରେ ହାତେଇଛନ୍ତି ନିଜର ୫ମ ରୌପ୍ୟ ପଦକ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଦୀପିକା ଚାଇନାର ଲି ଜିଆମନଙ୍କ ଠାରୁ ୦-୬ରେ ହାରିବାରୁ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରିକର୍ଭ ତୀରନ୍ଦାଜ ଭାବେ ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ୩ ବର୍ଷ ପରେ ବିଶ୍ୱକପ ଫାଇନାଲ ଖେଳିବାକୁ ମୈଦାନକୁ ଓହ୍ଲାଇଥିଲେ। ୨୦୨୨ରେ ସେ କନ୍ୟା ସନ୍ତାନର ଜନନୀ ହୋଇଥିଲେ। ଏହାର ପ୍ରାୟ ବର୍ଷକ ପୂର୍ବରୁ ସେ ଖେଳ ଠାରୁ ଦୂରେଇ ଯାଇଥିଲେ। ହେଲେ ଦୀପିକା ଅଲିମ୍ପିକ୍ସ ୨୦୨୪ରୁ ପୁଣି ମୈଦାନକୁ ଓହ୍ଲାଇଥିଲେ। ଏବେ ସେ ବିଶ୍ୱକପ ଫାଇନାଲରେ ରୌପ୍ୟ ପଦକ ହାତେଇଛନ୍ତି। ଟପ୍ ୩ ସିଡ୍ ଦୀପିକା ସେମି ଫାଇନାଲରେ ବେଶ ଚମତ୍କାର ପ୍ରଦର୍ଶନ କରିଥିଲେ। ହେଲେ ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେ ସମ୍ଭବତଃ ଚାପ ଅନୁଭବ କରିଥିଲେ। ଫଳରେ ତାଙ୍କୁ ୪ର୍ଥ ସିଡ୍ ଜିଆମନଙ୍କ ଠାରୁ ହାରିବାକୁ ପଡ଼ିଥିଲା। ପ୍ୟାରିସ ଅଲିମ୍ପିକ୍ସରେ ଚାଇନା ତୀରନ୍ଦାଜିରେ ଜିତିଥିବା ରୌପ୍ୟ ପଦକ ମହିଳା ଟିମରେ ଜିଆମନ ରହିଥିଲେ।

ଦୀପିକା ୯ମଥର ପାଇଁ ଚଳିତ ବର୍ଷ ବିଶ୍ୱକପ ଫାଇନାଲରେ ନଜର ଆସିଥିଲେ। ସେ ୫ଥର ରୌପ୍ୟ ପଦକ ଜିତିଥିବା ବେଳେ ଗୋଟିଏ ଥର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତୀରନ୍ଦାଜି ବିଶ୍ୱକପ ଫାଇନାଲରେ ଏକମାତ୍ର ଭାରତୀୟ ଭାବେ ଡୋଲା ବାନାର୍ଜୀ ୨୦୦୭ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେବେଠାରୁ ଭାରତ କେବେ ବି ସ୍ୱର୍ଣ୍ଣ ପଦକ ହାସଲ କରିପାରି ନାହିଁ। ଦୀପିକା ୫ଥର ଫାଇନାଲକୁ ଯାଇଥିଲେ ହେଁ ଏଯାଏ ସ୍ୱର୍ଣ୍ଣ ହାତେଇ ପାରି ନାହାନ୍ତି। ଅନ୍ୟପକ୍ଷରେ ପୁରୁଷ ରିକର୍ଭ ଇଭେଣ୍ଟରେ ଭାରତର ଧୀରଜ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତାଙ୍କର ମୁକାବିଲା ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଦକ୍ଷିଣ କୋରିଆର ଲି ୱୁ ସେଓକଙ୍କ ସହ ହୋଇଥିଲା। ଏକଦା ଧୀରଜ ୪-୨ରେ ଆଗରେ ରହିଥିଲେ। କିନ୍ତୁ ଲି କମବ୍ୟାକ କରିବ ଧୀରଜଙ୍କୁ ୬-୪ରେ ହରାଇ ପୂରା ଟୁର୍ଣ୍ଣାମେଣ୍ଟରୁ ବିଦା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୟଙ୍କର ...

ରହିଛି। ଏସବୁ ଜିଲ୍ଲାରେ ପବନର ବେଗ ଘଣ୍ଟାପ୍ରତି ସର୍ବାଧିକ ୧୦୦ରୁ ୧୨୦ କିମି ରହିବ। ବିଶେଷତଃ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଆଦି ଜିଲ୍ଲାରେ ପବନର ବେଗ ସବୁଠାରୁ ଅଧିକ ରହିବ।

ଆଇଏମ୍‌ଡି ଡିଜି ଡ. ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଏବେ ଯେଉଁ ରେଖାଙ୍କିତ ଚିତ୍ର ଦ୍ୱାରା ବାତ୍ୟାର ଗତିପଥ କିପରି ରହିବ ବୋଲି ପୂର୍ବାନୁମାନ କରିଛୁ, ତାହା ୪ ଦିନ ତଳର ପୂର୍ବାନୁମାନ। ତେଣୁ ଏଥିରେ ଟିକେ ଏପଟ ସେପଟ ହୋଇପାରେ। କିନ୍ତୁ ଏହା ହେଉଛି ସବୁଠୁ ଅଧିକ ସମ୍ଭାବ୍ୟ ଗତିପଥ। ସାଧାରଣତଃ ବାତ୍ୟା ଉପକୂଳ ଅତିକ୍ରମ କଲେ ସମୁଦ୍ରରେ ଜୁଆର ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଜୁଆର କେତେ ଉଚ୍ଚ ଉଠିବ, ସେ ନେଇ ପୂର୍ବାନୁମାନ ଜାରି କରାଯାଇନାହିଁ।

ଅବପାତ ସୃଷ୍ଟି ହେଲା ପରେ ଜୁଆର କେତେ ଉଚ୍ଚକୁ ଉଠିବ ପୂର୍ବାନୁମାନ କରାଯିବ। ମତ୍ସ୍ୟଜୀବୀମାନେ ତୁରନ୍ତ ସମୁଦ୍ରରୁ ଫେରି ଆସିବା ଲାଗି ଡ. ମହାପାତ୍ର ପୂର୍ବ ସୂଚନାକୁ ଦୋହରାଇଛନ୍ତି। ଆହୁରି ମଧ୍ୟ କୁହାଯାଇଛି, ଭିତରକନିକାରୁ ଧାମରା ମଧ୍ୟରେ ଦାନା ମାଡ଼ ହୋଇପାରେ। ଭିତରକନିକା ଉପକୂଳରେ ହେନ୍ତାଳ ବନ ଥିବାରୁ ବତ୍ୟା ପ୍ରଭାବ କମ୍ ରହିପାରେ ବୋଲି ଆକଳନ କରାଯାଉଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ୨୩ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହେବ। ୨୩, ୨୪, ୨୫ ତାରିଖ ୩ ଦିନ ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ୨୦ରୁ ୩୦ ସେମି ବର୍ଷା ଏବଂ ଗୋଟିଏ ଦୁଇଟି ସ୍ଥାନରେ ୩୦ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଅଧିକ ବର୍ଷା ହେବ। ଏହି ୩ ଜିଲ୍ଲାରେ ପବନ ଯୋଗୁ ଗଛ ଉପୁଡ଼ିବା ସହ ତଳିଆ ଅଞ୍ଚଳରେ ପାଣି ଜମିବାର ସମ୍ଭାବନା ରହିଛି। ଲୋକେମାନେ ଭୟଭୀତ ନ ହୋଇ ନିରାପଦ ସ୍ଥାନରେ ରହିବାକୁ ପରାମର୍ଶ ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା।

ଆଇଏମ୍‌ଡି ପକ୍ଷରୁ ଜାରି ପ୍ରେସ୍ ରିଲିଜ୍‌ରେ ୨୩ ତାରିଖ ସକାଳ ସାଢ଼େ ୮ଟାରୁ ୨୪ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

୨୪ ତାରିଖ ସକାଳ ସାଢ଼େ ୮ଟାରୁ ୨୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏସବୁ ଜିଲ୍ଲାର କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୫ ତାରିଖ ସକାଳ ସାଢ଼େ ୮ଟାରୁ ୨୬ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାର କିଛି ସ୍ଥାନରେ ଅତି ଭୀଷଣ ବର୍ଷା ମଧ୍ୟ ହୋଇପାରେ ବୋଲି ଆକଳନ କରାଯାଇଛି।

ଏହାସହିତ ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ଅନ୍ୟପକ୍ଷରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ବିଜେଡିକୁ ଜୀବନ୍ୟାସ...

ସଭାପତି ନବୀନ ପଟ୍ଟନାୟକଙ୍କ ମୁହଁରେ ଜବାବ ଦେବା ସହିତ ପ୍ରଶ୍ନବାଣରେ ଘାଇଲା କରୁଛନ୍ତି। ଦଳର ପରାଜୟ ପାଇଁ ସେମାନେ ସିଧାସଳଖ ନବୀନଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ପଛାଉ ନାହାନ୍ତି । ଅସନ୍ତୋଷରେ ଜର୍ଜରିତ ଦୁଇ ଦୁଇ ଜଣ ସାଂସଦ ଜଳ ଛାଡି ବିଜେପିରେ ଯୋଗଦେଇ ସାରିଲେଣି । ଆହୁରି ଅନେକ ଯିବେ ବୋଲି ବିଜେପି ଘୋଷଣା କଲାଣି ।

ଏଭଳି ସ୍ଥିତିରେ ବିଜୁ ଜନତା ଦଳରେ ଯେଉଁମାନଙ୍କର ଲମ୍ବା ଭବିଷ୍ୟତ ରହିଛି ଓ ସେମାନଙ୍କ ବାପ, ଦାଦାମାନେ ଗଠନ କରିଥିବା ଦଳକୁ ଛାଡିବାକୁ ଚାହୁଁନାହାନ୍ତି ସେମାନେ ଏବେ ମେଳି ହୋଇଛନ୍ତି । ବୈଠକରେ ସାମିଲ ହୋଇଥିବା ଯୁବ ନେତାଙ୍କ ମଧ୍ୟରେ ରହିଛନ୍ତି ସ୍ୱର୍ଗତ ଦାମୋଦର ରାଉତଙ୍କ ପୁଅ ତଥା ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ପୁଅ ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ସ୍ୱର୍ଗତ କଳ୍ପତରୁ ଦାସଙ୍କ ପୁଅ ତଥା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ, ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁତ ଏବଂ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପୁତୁରା ତଥା ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ପୁଅ ତଥା ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ତଥା ପୂର୍ବତନ ବିଦାୟକ ରୁଦ୍ର ପ୍ରସାଦ ମହାରଥୀ ଏବଂ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା। ଏମାନଙ୍କ ବ୍ୟତିତ ଏହି ବୈଠକରେ ବିଜେଡିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ବିଜୟ ମହାପାତ୍ରଙ୍କ ପୁଅ ତଥା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିବା ସୂଚନା ମିଳିଛି ।

ତେବେ ବିଜେପିକୁ ବିରୋଧ କରି ଆସୁଥିବା ବରିଷ୍ଠ ନେତାଙ୍କ ପରିବାରର ବିଜେଡି ସଦସ୍ୟମାନେ ଏକାଠି ହେବା ବିଜୁ ଜନତାଦଳ ପାଇଁ ଏକ ଶୁଭ ସଙ୍କେତ । କାରଣ ଓଡ଼ିଶା ରାଜନୀତି ଆଗାମୀ ୨୦ ବର୍ଷ ଏମାନଙ୍କ କାନ୍ଧରେ ରହିବ । ତେଣୁ ଆଗାମୀ ଦିନରେ ଏମାନେ କେଉଁ ପଦକ୍ଷେପ ଗ୍ରହଣ କରିବେ ଓ ବିଜେଡି ଏହାଦ୍ୱାରା କେତେଦୂର ମଜବୁତ ହେବ ତାହା ଉପରେ ଏବେ ସାରା ଓଡ଼ିଶା ନଜର ରଖିଛି ।

### ୱାର୍ ରୁମ୍‌ରେ ...

ପବନ ବହିବାର ସମ୍ଭାବନା ଅଛି। ବୈଠକ ପରେ ଗଣମାଧ୍ୟମକୁ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାତ୍ୟା ପାଇଁ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ। ବାତ୍ୟାପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ଏନଡିଆରଏଫ ଟିମ୍ ସମସ୍ତେ ପ୍ରସ୍ତୁତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ଆବଶ୍ୟକୀୟ ଖାଦ୍ୟ ପଦାର୍ଥ, ପିଇବା ପାଣି, ଆବଶ୍ୟକୀୟ ଔଷଧ, ଶିଶୁ ଖାଦ୍ୟ ତୁରନ୍ତ ମହଜୁଦ ରଖିବା ସହିତ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବାତ୍ୟାର ତୁରନ୍ତ ପରେ ବିଭିନ୍ନ ରାସ୍ତା ଘାଟରେ ଅବରୋଧ ଦୂର କରି ଯେପରି ବିଦ୍ୟୁତ, ପାଣି ଓ ଟେଲି ଯୋଗାଯୋଗ ପରି ମୌଳିକ ସେବା ତୁରନ୍ତ କାର୍ଯ୍ୟକ୍ଷମ ହେବ, ସେଥିପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଗୁଡିକରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ବାତ୍ୟା ସମୟରେ ଏବଂ ପରେ ଅତ୍ୟାବଶ୍ୟକ ସାମଗ୍ରୀର ଯେପରି ଦର ବୃଦ୍ଧି ନହୁଏ, ସେଥିପାଇଁ କଳାବଜାରୀଙ୍କ ଉପରେ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହା ସହିତ ବିଭିନ୍ନ ଜିଲ୍ଲା ମଧ୍ୟରେ ସମନ୍ୱୟ ରଖି ପ୍ରଭାବିତ ନ ହୋଇଥିବା ଅଞ୍ଚଳରୁ ଯେପରି ପନିପରିବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆସିପାରିବ, ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ।

କୃଷି ବିଭାଗକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ବାତ୍ୟା ପରେ କ୍ଷୟକ୍ଷତିର ଆଗୁଆ ଆକଳନ କରାଯିବ। ବିଭାଗର କଣ୍ଟିଜେନ୍‌ସି ପ୍ଲାନ ତୁରନ୍ତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ସେହିପରି ଆଗୁଆ ରବି ଚାଷ ପାଇଁ ସମସ୍ତ ପ୍ରକାର ଇନ୍‌ପୁଟ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଚାଷୀଙ୍କୁ ପ୍ରଦାନ କରାଯିବା ଉଚିତ। ଗୁଜବ ଓ ମିଥ୍ୟା ସୂଚନାକୁ ରୋକିବା ପାଇଁ ଏସ୍‌ଆର୍‌ସିଙ୍କ ତରଫରୁ ନିୟମିତ ଭାବେ ଗଣମାଧ୍ୟମରେ ସୂଚନା ଦେବା ଆବଶ୍ୟକ। ଏସ୍‌ଆର୍‌ସି, ଓସ୍‌ଡମା, ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ବିଭାଗ, ଗୃହ ବିଭାଗର ସୋସାଲ ମିଡିଆ ହ୍ୟାଣ୍ଡଲରେ ନିୟମିତଭାବେ ଅଧିକୃତ ସୂଚନା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ସବୁଠାରୁ ଅଧିକ ପ୍ରଭାବିତ ସ୍ଥାନକୁ ଚିହ୍ନଟ କରି ଗୋଖାଦ୍ୟ ଓ କୁକୁଡା ଖାଦ୍ୟ ମହଜୁଦ ରଖିବା ବୋଲି ସେ କହିଥିଲେ।

ବିଗତ ଦିନମାନଙ୍କରେ ପବନ ଯୋଗୁ କେହି ମୃତାହତ ହୋଇନାହାନ୍ତି। ମାଟି କାନ୍ଥ ପଡି ମୃତ୍ୟୁ ହେବା ଭଳି ଘଟଣାକୁ ରୋକିବା ପାଇଁ ସମସ୍ତ ଦୁର୍ବଳ ଘରକୁ ଚିହ୍ନଟ କରି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବା ଉଚିତ। ସହରାଞ୍ଚଳରେ ବିଲ୍‌ବୋର୍ଡ କିମ୍ବା ସାଇନ୍‌ବୋର୍ଡ ଉପୁଡି ଲୋକେ ମୃତାହତ ହୁଅନ୍ତି ।

ତେଣୁ ସବୁ ସହରାଞ୍ଚଳ ବିଶେଷ ଭାବେ ଭୁବନେଶ୍ୱର, କଟକ, ପୁରୀ ଏବଂ ବ୍ରହ୍ମପୁର ସହରରୁ ସବୁ ଦୁର୍ବଳ ବିଲବୋର୍ଡକୁ ତୁରନ୍ତ ଚିହ୍ନଟ କରି ସେସବୁକୁ ହଟାଯିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ, ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ।

### ସମୁଦ୍ର କୂଳରେ...

ହୁଏ ଏବଂ ପର୍ଯ୍ୟଟକମାନେ ସମୁଦ୍ରରେ ଯେଭଳି ନ ଗାଧୋଇବେ ସେନେଇ ମଧ୍ୟ ସଚେତନ କରାଯାଉଛି।

ଏସ୍‌ଆରସିଙ୍କ ନିର୍ଦ୍ଦେଶ ପରେ ପୁରୀ ଜିଲ୍ଲାର ତହସିଲଦାର, ବିଡ଼ିଓ ଓ ଥାନା ଅଧିକାରିଙ୍କୁ ଆଲର୍ଟରେ ରଖାଯାଇଛି।

ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା ସହ ଆବଶ୍ୟକ ସ୍ଥଳେ ଲୋକଙ୍କୁ ଅଣାଯାଇ ରଖାଯିବା ପାଇଁ ସବୁ ବ୍ୟବସ୍ଥା ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ହେବାକୁ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ।

### ୧୪ ଜିଲ୍ଲାରେ...

କରାଯାଇଛି। ଏସବୁ ଜିଲ୍ଲାରେ ବର୍ଷା ଓ ପବନ ନେଇ ପାଣିପାଗ ବିଭାଗ ପକ୍ଷରୁ ୱାର୍ଣ୍ଣିଂ ଜାରି କରାଯାଇଛି। ଉପରୋକ୍ତ ଜିଲ୍ଲାରେ ପ୍ରାୟ ୩୦ ମିମି ବର୍ଷା ହେବା ସହିତ ୧୦୦ରୁ ୧୨୦ କିମି ବେଗରେ ପବନ ବହିପାରେ।

ପିଲାମାନେ ସମସ୍ୟାରେ ପଡ଼ିବା ଆଶଙ୍କା ଥିବାରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ପୂର୍ବରୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ପରିସ୍ଥିତିକୁ ଦେଖି ସ୍କୁଲ ଛୁଟି ନିଆଯିବ ବୋଲି ସୂଚନା ଦେଇଥିଲେ।

### ସର୍ବଭାରତୀୟ ବନ କର୍ମଚାରୀ ଜାତୀୟ କ୍ରୀଡା ଉତ୍ସବ

## ଦ୍ୱିତୀୟ ସ୍ଥାନରେ ଖଡ଼ିଆଳ ବନଖଣ୍ଡ ବିଭାଗ



**ନୂଆପଡ଼ା, ୨୧।୧୦ (ସଂଚାର ବ୍ୟୁରୋ) :** ସର୍ବ ଭାରତୀୟ ବନ କର୍ମଚାରୀଙ୍କ ଜାତୀୟ କ୍ରୀଡା ଉତ୍ସବରେ ଖଡିଆଳ ବନଖଣ୍ଡ ବିଭାଗ ସଫଳତା ପାଇଛି। ନୂଆପଡ଼ା ଜିଲ୍ଲା ଖଡିଆଳ ବନଖଣ୍ଡ ବିଭାଗ ନୂଆପଡ଼ା ଫରେଷ୍ଟର ଖଗେଶ୍ୱର ମାଝୀ ୪୦୦ ମିଟର ରିଲେ ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସହ ନିଜ ବିଭାଗ ଓ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଏହା ପୂର୍ବ ରୁ ରାଜ୍ୟ ତଥା ଜାତୀୟ କ୍ରୀଡା ଉତ୍ସବ ରେ ପଦକ ହାସଲ କରିଛନ୍ତି। ଚଳିତ ବର୍ଷ ସର୍ବଭାରତୀୟ ଜାତୀୟ କ୍ରୀଡା ଉତ୍ସବ ପଡୋଶୀ ଛତିଶଗଡ଼ ରାଜ୍ୟରେ ଅନୁଷ୍ଠିତ ହେଉଅଛି। ଆଜି ପ୍ରଥମ ପଦକ ପାଇ ଥିବା ବେଳେ ଅନେକ କ୍ରୀଡା ଅନୁଷ୍ଠିତ ହେବା କୁ ଅଛି। ତାଙ୍କ ଏହି ସଫଳତା ପାଇଁ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅଧିକାରୀ ମାନଙ୍କ ସହ ବିଭାଗ ଏବଂ ଅନେକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି କୃତିତ୍ୱ ହାସଲ ପାଇ ଖଡିଆଳ ଗୋଁଣ୍ଡ ସାଂସ୍କୃତିକ ସମାଜ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛି।

## ପ୍ରଶାସନ ଉପସ୍ଥିତିରେ ବିସର୍ଜନ ହେଲା ମା' ଦୁର୍ଗାଙ୍କ ମୂର୍ତ୍ତି

**ଯାଜପୁର, ୨୧।୧୦ (ସଂଚାର ବ୍ୟୁରୋ) :** ଜମି ବିବାଦ ଯୋଗୁଁ ପାଣିକୁ ନଯାଇ ମଣ୍ଡପରେ ରହିଥିବା ମା ଦୁର୍ଗାଙ୍କ ମୂର୍ତ୍ତି ଶେଷରେ ଜଳରେ ବିସର୍ଜନ କରାଯାଇଅଛି। ସୂଚନା ଅନୁଯାୟୀ ଯାଜପୁର ଥାନା ରମବାଗ ଠାରେ ସାମାନ୍ୟ ଜମି ବିବାଦ ପାଇଁ




ଦଶହରାକୁ ୧୦ ଦିନ ବିତି ଯାଇଥିଲେ ମଧ୍ୟ ମାଆଙ୍କର ମୂର୍ତ୍ତି ମଣ୍ଡପ ଭିତରେ ରହିଥିଲା । ଏହି ଘଟଣା କିଛି ଦିନ ହେବ ସ୍ଥାନୀୟ ଅଞ୍ଚଳରେ ଭକ୍ତଙ୍କ ଧର୍ମୀୟ ଭାବନା କୁ କଷ୍ଟ ଦେଇଥିଲା। ଏହି ଘଟଣାକୁ ନେଇ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଯାଜପୁର ଜିଲ୍ଲା ପକ୍ଷରୁ ମାଆ ଙ୍କୁ ଯଥା ଶୀଘ୍ର ବିସର୍ଜନ କରାଯାଉ ବୋଲି ଯାଜପୁର ଟାଉନ ଥାନାରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଜି ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇ ମଣ୍ଡପ ସମ୍ମୁଖ ରୁ ବାଲି ହଟାଇ ମାଆ ଙ୍କୁ ବିସର୍ଜନ ପାଇଁ ନିଆଯାଇଥିଲା। ବିସର୍ଜନ ସମୟରେ ଦଶରଥପୁର ତହସିଲଦାର ବିକ୍ରମ କିଶୋର ପରିଡ଼ା, ରାମବାଗ ଫାଣ୍ଡି ଅଧିକାରୀ ଲଳିତ ମିଶ୍ର, ସ୍ଥାନୀୟ ସରପଞ୍ଚ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଏତେଦିନ ପରେ ମାଆଙ୍କ ଭାସାଣ ଅନୁଷ୍ଠିତ ହୋଇଥିବାରୁ ସ୍ଥାନୀୟ ଲୋକ ପ୍ରଶାସନକୁ ଧନ୍ୟବାଦ ଦେବା ସହ ବହୁ ଆନନ୍ଦରେ ମାଆଙ୍କୁ ବିସର୍ଜନ କରିଥିଲେ।

## ମା' କୁଞ୍ଜେଶ୍ୱରୀଙ୍କ ୪୫ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଖୁଣ୍ଟି ଅନୁକୂଳ ଓ ଭୂମିପୂଜା

**କଣାସ, ୨୧।୧୦ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କଣାସ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା କୁଞ୍ଜେଶ୍ୱରୀଙ୍କ ୪୫ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଆଜି ମାଙ୍କ ବେଢ଼ା ପରିସରରେ ଭୂମିପୂଜା ସହିତ ଖୁଣ୍ଟି ଅନୁକୂଳ ହୋଇଯାଇଛି। ଗ୍ରାମବାସୀମାନେ ନଦୀଆ ସଂକିର୍ତୀନ କରି ଗ୍ରାମ ପରିକ୍ରମା କରିବା ସହିତ ଭୂମି ପୂଜାର ସାମଗ୍ରୀ ଓ ଲଙ୍ଗଳରେ ବଳଦ ଯୋଡି ମାଙ୍କ ବେଢ଼ା ପରିସରରେ ପହଞ୍ଚିବା ପରେ ପଣ୍ଡିତ ମାନେ ବେଦ ଉଚାରଣ କରି ଭୂମିପୂଜନ ସହିତ ଯଜ୍ଞସ୍ଥଳିକୁ



ହଳକରି ଶସ୍ୟ ବୁଣିବାପରେ ଯଜ୍ଞ ଖୁଣ୍ଟି ପୂଜା କରାଯାଇ ପୋତାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯଜ୍ଞ କମିଟିର କର୍ମକର୍ତ୍ତା ସଭାପତି ଧନେଶ୍ୱର ରାଉତ, ଅରକ୍ଷିତ ଦାସ, ବେଣୁଧର ପାଇକରାୟ, ଗୁଣ୍ଡିଚି ପ୍ରଧାନ, ଶ୍ୟାମବନ୍ଧୁ ଭୋଳ, ସୁଧିର ପ୍ରଧାନ, ଉପେନ୍ଦ୍ର ରାଉତରାୟ, ଭାଗିରଥି ଖୁଣ୍ଟିଆ, କାଳୁ ପ୍ରଧାନ. ସୁବାସ ପ୍ରଧାନ, ପ୍ରକାଶ ବାରିକ, ଶିବ ମାଝି ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ।

**ବାତ୍ୟା ଡର**

# ଅସ୍ତରଙ୍ଗରେ କଳାବଜାରୀ ଆରମ୍ଭ

### ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି, ଗାଡ଼ି ଆସୁନି ବୋଲି କହି ଦୋକାନୀ ଭୁଆଁ ବୁଲାଉଛନ୍ତି



**କାକଟପୁର/ଅସ୍ତରଙ୍ଗ, ୨୧।୧୦ (ସଂଚାର ବ୍ୟୁରୋ) :** ବାତ୍ୟା ନାଁରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପରିବା ଦର ବଢ଼ାଇଲେଣି ଅସାଧୁବ୍ୟବସାୟୀ । କଳାବଜାରୀ ଆରମ୍ଭ।

ସୋମବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ କେତେକ ସ୍ଥାନରେ ଥିବା ଖୁଚୁରା ବ୍ୟବସାୟୀମାନେ ଆଳୁ କିଲୋ ପ୍ରତି ୪୦ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ପିଆଜ ଦର ୬୦ ଟଙ୍କା ଥିବାବେଳେ ତାହା ୬୫ରୁ ୭୦କୁ ବଢ଼ାଇ ଦେଇଛନ୍ତି। ଏ ବାବଦରେ ପଚାରିଲେ ବେପାରୀଙ୍କ ଅଜବ ଉତ୍ତର । 'ବାତ୍ୟା ଆସୁଛି, ଆଳୁ ଗାଡ଼ି ଆସିନପାରେ । ଯେତିକି ଅଛି ସେତିକିରେ ବେପାର କରୁଛୁ ।' ହଠାତ୍ ବେପାରୀମାନେ ମନଇଚ୍ଛା ଏମିତି ଦର ବଢ଼ାଇବାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ସବୁଦିନ ଭଳି ଶନିବାର ଅସ୍ତରଙ୍ଗ ବଜାରକୁ ମଣ୍ଡିରୁ ଆଳୁ, ପିଆଜ ଗାଡ଼ି ଆସିଥିବା ଜଣାପଡ଼ିଛି । ଏହାସତ୍ତ୍ୱେ ବାତ୍ୟା ଆଳରେ କଳାବଜାରୀ କରୁଛନ୍ତି ଅସାଧୁ ବ୍ୟବସାୟୀ । ତେଣୁ ରାଜ୍ୟ ସରକାର ଏଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସମାଜସେବୀ ଅମୀୟ ରଞ୍ଜନ ବାରିକି ଦାବି କରିଛନ୍ତି । କେବଳ ସେତିକି ନୁହେଁ, ବାତ୍ୟା ଆସିବା ଭୟରେ ସୋମବାର ଅସ୍ତରଙ୍ଗ ବଜାର ସହ ଗ୍ରାମାଞ୍ଚଳ ର ବିଭିନ୍ନ ସ୍ଥାନରେ ଥିବା ବଜାରରେ ପରିବା ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ପ୍ରବଳ ଭିଡ଼ ଲାଗିଛି ।

ଚଳିତ ବର୍ଷ ରାଜ୍ୟବାସୀଙ୍କୁ ଅଧିକ କଷ୍ଟ ଦେଇଛି ଆଳୁ ଓ ପିଆଜ । ଏହି ଦୁଇ ନିତିଦିନିଆ ଜରୁରି ସାମଗ୍ରୀର ଦର ଗତ ୬ମାସ ହେବ ନିୟନ୍ତ୍ରଣ ବାହାରେ। ପଶ୍ଚିମବଙ୍ଗ ସରକାର ଆଳୁ ଗାଡ଼ି ଅଟକାଇବା ପରେ ଆଳୁ ଦର ପ୍ରଥମେ ୫୦ ଓ ପରେ ୭୦ଟଙ୍କା ପର୍ଯ୍ୟନ୍ତ ଛୁଇଁଥିଲା। ଖାଉଟିଙ୍କ ଅସନ୍ତୋଷ ଓ ବିରୋଧ ପରେ ରାଜ୍ୟ ସରକାର ଉତ୍ତରପ୍ରଦେଶରୁ ଆଳୁ ଆଣିଲେ । ଏହାପରଠୁ ଗତ ୩ମାସ ହେବ ଆଳୁ କିଲୋ ୩୦ରୁ ୩୫ ଟଙ୍କା ମଧ୍ୟରେ ସୀମିତ ରହିଛି । ତଥାପି ଏଭଳି ଦର ଖାଉଟିଙ୍କୁ ସୁହାଉନି। ସେହିପରି ପିଆଜ ଦର ମଧ୍ୟ ୬୦ଟଙ୍କାରେ ଅଟକିଛି ।

ଯନ୍ତ୍ରଣା ଏତିକିରେ ସରିନି । ଗତ ମାସେ ହେବ ପରିବା ଦର ଅନିୟନ୍ତ୍ରିତ ରହିଛି । ସ୍ଥାନୀୟ ଅଞ୍ଚଳରେ ପରିବା ଉତ୍ପାଦନ ହେଉନଥିବାରୁ ରାଜ୍ୟ ବାହାରୁ ପରିବା ଆସୁଥିବା ଦର୍ଶାଇ ଦର ବଢ଼ାଉଛନ୍ତି ବ୍ୟବସାୟୀ । କାର୍ତ୍ତିକ ମାସ ହେତୁ ସବୁ ପରିବା ଦର ପ୍ରାୟ ୬୦ ଉପରେ । ତା ସାଙ୍ଗକୁ ସମ୍ଭାବ୍ୟ ବାତ୍ୟା ନାଁରେ ଦୋକାନୀଙ୍କ କଳାବଜାରୀ ଗ୍ରାହକଙ୍କ କଟା ଘାରେ ଚୂନ ଲଗାଇବା ଭଳି ହୋଇଛି । ଯଦି ପରିବା ଦର ଆହୁରି ବଢ଼େ ସ୍ଥିତି ଶୋଚନୀୟ ହୋଇପଡ଼ିବ । ଦର ବଢ଼ିବାର କୌଣସି କାରଣ ନାହିଁ । ହେଲେ କେତେକ ଅସାଧୁ ବ୍ୟବସାୟୀଙ୍କ ଯୋଗୁ ସମସ୍ତଙ୍କୁ କ୍ଷତି ସହିବାକୁ ନପଡୁ ବୋଲି ଅନ୍ୟ ବ୍ୟବସାୟୀମାନେ କହିଛନ୍ତି ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ସ୍ଥଗିତ

**ଅସ୍ତରଙ୍ଗ, ୨୧।୧୦ (ସଂଚାର ବ୍ୟୁରୋ) :** ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାମ୍ଭାବ୍ୟ ବାତ୍ୟା ଓ ଅତ୍ୟଧିକ ବର୍ଷାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ହାଇ ଆଲର୍ଟ ଜାରି ହୋଇଥିବା ବେଳେ ପୁରୀ ଉପଜିଲ୍ଲାପାଳ ଗୋପିନାଥ କୁଅଁର, ଅସ୍ତରଙ୍ଗ ତହସିଲଦାର ଅନୁରୋଧ କ୍ରମେ ମା ଲକ୍ଷ୍ମୀ କ୍ଲବର ୩୭ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ସ୍ଥଗିତ ରଖାଯାଇଛି। ଦର୍ଶକ ଆମ ପାଇଁ ଭଗବାନ, ଦର୍ଶକଙ୍କ ସୁରକ୍ଷା ଆମ୍ଭର ପ୍ରାଥମିକତା। ଆସନ୍ତା ୨୩, ୨୪ ତାରିଖରେ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଛି। ପରିବେଶ ସନ୍ତୁଳନତା ଠିକ୍ ରହିଲେ କେବେ ଏବଂ କେଉଁ ଦିନ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ ଗଣମାଧ୍ୟମରେ ସୂଚନା ଦିଆଯିବ ବୋଲି କହିଛନ୍ତି କ୍ଲବ୍‌ର ସଭାପତି ତରୁଣ ତପନ ସ୍ୱାଇଁ, ଉପସଭାପତି ହରିହର ମହାନ୍ତି, ସଂପାଦକ ପବିତ୍ର କୁମାର କାଣ୍ଡି, ସାଂସ୍କୃତିକ ସଂପାଦକ ଦେବାଶିଷ ବାରିକ୍ ।

**କ୍ୱାକ୍‌ଙ୍କୁ ଲଗାମ କେବେ ?**

## ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ସାଜିଛି ନିଦାବିଷ୍ଣୁ

**ପାଟଣାଗଡ, ୨୧।୧୦ (ସଂଚାର ବ୍ୟୁରୋ) :** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ବିଭିନ୍ନ ଗ୍ରାମରେ କ୍ୱାକ ମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ବିନା ଲାଇସେନ୍ସ ରେ ବେଧଡ଼କ ଚାଲିଛି ରୋଗୀ ଚିକିତ୍ସା ତା ସହିତ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି କ୍ୱାକମାନେ । ବିଭିନ୍ନ ଦୁରାରୋଗରେ ପୀଡିତ ନିରୀହ ଲୋକମାନଙ୍କୁ ଚିକିତ୍ସା ନାଁ ରେ ଲୁଟି ଚାଲିଛନ୍ତି । ନକଲି ଡାକ୍ତରମାନେ ଗାଁ ଗାଁ ରେ ଏବେ କ୍ଲିନିକ ଖୋଲି ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସେବା ଦେବା ନାଁ ରେ ଭୁଲ ଚିକିତ୍ସା କରୁଛନ୍ତି। ଯାହାଫଳରେ ରୋଗୀ ସ୍ୱାସ୍ଥ୍ୟ ଅବସ୍ଥା ସାଙ୍ଘାତିକ ହୋଇ ଶେଷ ରେ ଜୀବନ ଯାଉଛି। ଆଉ ଲୋକେ ବାଧ୍ୟ ହୋଇ ଜୀବନ ବିକଳରେ ତାଙ୍କ ପାଖରେ ଚିକିତ୍ସା କରାଇ ଖର୍ଚ୍ଚାନ୍ତ ହେଉଛନ୍ତି । ରୋଗୀ ଆରୋଗ୍ୟନ ହେଲେ ସରକାରୀ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଉଛନ୍ତି। ଲୋକଙ୍କୁ ଖର୍ଚ୍ଚାନ୍ତ କରାଉଛନ୍ତି । ଏଠି ପ୍ରଶ୍ନ ଉଠୁଛି କାହାର ଛତ୍ରଛାୟା ତଳେ ରହି କୌଣସି ଡାକ୍ତରୀ ପ୍ରମାଣ ପତ୍ର ନଥାଇ ଡାକ୍ତରୀ କାମ କରୁଛନ୍ତି କାରଣ ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କରୁନଥିବାରୁ ଉଚ୍ଚସ୍ତରୀୟ ପ୍ରଶାସନ ତଦନ୍ତ କରି କ୍ୱାକ୍ ଡାକ୍ତରୀମାନଙ୍କ ବିରୋଧ ରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ଅମଳ ସମୟରେ ଦାନା ବାନ୍ଧୁଛି ବାତ୍ୟା

### ସମୁଦ୍ରରୁ ଫେରୁଛନ୍ତି ମତ୍ସ୍ୟଜୀବୀ, ସୁରକ୍ଷିତ ସ୍ଥାନକୁ ନେଉଛନ୍ତି ଜାଲ ଓ ଡ଼ଙ୍ଗା
### ଅନେକ ବାତ୍ୟା ଆଶ୍ରୟସ୍ଥଳୀରେ ପାନୀୟ ଜଳ ସହ ବିଦ୍ୟୁତ୍ ଉପକରଣ ନାହିଁ



**କାକଟପୁର/ଅସ୍ତରଙ୍ଗ, ୨୧।୧୦ (ସଂଚାର ବ୍ୟୁରୋ) :** ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇ ବାତ୍ୟାର ରୂପ ନେବା ଆଶଙ୍କା ରହିଥିବା ବେଳେ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଚାଷୀ ମାନେ ଆତଙ୍କିତ ହୋଇ ପଡିଛନ୍ତି। ଏବେ ଧାନ ଗଛରେ କେଣ୍ଡା ବାହାରୁ ଥିବାବେଳେ ଶୀତ ଦିନିଆ ପନିପରିବା ଅମଳ ହେବାକୁ ବସିଛି। ଏହି ସମୟରେ ଯଦି ବାତ୍ୟା ହୁଏ ତେବେ ବର୍ଷା ଓ ପବନରେ ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବ। ଏଣୁ ବାତ୍ୟାକୁ ନେଇ ଅସ୍ତରଙ୍ଗ ଅଂଚଳର ବିଭିନ୍ନ ଛକ ବଜାର, ଗାଁ ରେ ଆଲୋଚନା ଆରମ୍ଭ ହୋଇ ଗଲାଣି। ଅନ୍ୟ ପଟେ ସ୍ଥାନୀୟ ମତ୍ସ୍ୟ ବିଭାଗ ତରଫରୁ ସଚେତନ ପରେ ସମୁଦ୍ରରୁ ଫେରୁଛନ୍ତି ମତ୍ସ୍ୟଜୀବୀ। ସୁରକ୍ଷିତ ସ୍ଥାନକୁ ନିଜ ଜାଲ, ଡ଼ଙ୍ଗା ସହ ଯନ୍ତ୍ରାସ ଆଣୁଛନ୍ତି। ବାତ୍ୟା କେତେ ଭୟଙ୍କର ହେବ ଆଉ ଏହା କେଉଁ ଉପକୂଳ ଦେଇ ଅତିକ୍ରମ କରିବ ତାକୁ ନେଇ ନାନା ପ୍ରକାର ଚର୍ଚ୍ଚା ହେଉଛି। ସମ୍ଭାବ୍ୟ ବାତ୍ୟା ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଗତି କରିବାର ଆଶଙ୍କା ଥିବାରୁ ସମସ୍ତେ ଚିନ୍ତିତ ହୋଇ ପଡିଛନ୍ତି।

୧୯୯୯ମସିହା ପର ଠାରୁ ଗତ ୨୦୧୩ ମସିହା ଠାରୁ ୨୦୨୩ମସିହା ପର୍ଯ୍ୟନ୍ତ ବର୍ଷ ୯ ଥର ବାତ୍ୟା ହୋଇ ଅସ୍ତରଙ୍ଗ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ୨୦୧୩ମସିହା ଅକ୍ଟୋବର ୧୩ ତାରିଖରେ ଫାଇଲିନ, ୨୦୧୪ ମସିହାରେ ହୁଡୁହୁଡୁ, ୨୦୧୮ରେ ତିତିଲି, ୨୦୧୯ ମେ ମାସ ୩ ତାରିଖରେ ଫନି, ସେହି ବର୍ଷ ନଭେମ୍ବର ୭ ତାରିଖରେ ବୁଲବୁଲ ବାତ୍ୟାକୁ ଏହି ଅଞ୍ଚଳର ଚାଷୀ ଓ ଜନସାଧାରଣ ଅଙ୍ଗେ ନିଭାଇଛନ୍ତି । ୨୦୨୦ ମେ ମାସ ୧୬ ତାରିଖରେ ଅମ୍ଫାନ, ୨୦୨୧ ମେ ମାସ ୨୫ରେ ୟାଶ, ୨୦୨୧ ସେପ୍ଟେମ୍ବର ମାସରେ ଗୁଲାବ, ୨୦୨୧ ମସିହା ଡିସେମ୍ବର ମାସରେ ଜୱାଦ ପ୍ରଭାବରେ ଏହି ଅଞ୍ଚଳରେ ବହୁ ପରିମାଣରେ ବର୍ଷା ହୋଇ ବିଭିନ୍ନ ଚାଷ ଉଜାଡି ଦେଇଥିଲା ।

ପୁଣି ଥରେ ବାତ୍ୟା ହେବ ଶୁଣି ସମୁଦ୍ର ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକର ଛୁରିଆନା, ଡ଼ାଲୁଅକଣି, ତଣ୍ଡାହାର, ସହନ, ନୂଆଗଡ, ଝାଡ଼ଲିଙ୍ଗ, କାଳିଆକଣ, ନଗର, ଆଳସାହି, ତାଳଦା ଶିଶୁଅ ଅଂଚଳ ଲୋକେ ଭୟଭୀତ ଥିବା ବେଳେ ଚାଷୀ ଓ ଉପକୂଳ ଅସ୍ତରଙ୍ଗ ଅଂଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ସମସ୍ତେ ଭାରତୀୟ ପାଣିପାଗ ବିଭାଗର ଘୋଷଣାକୁ ଚାତକ ପରି ଅପେକ୍ଷା କରି ରହିଛନ୍ତି।

ଅନ୍ୟ ପଟେ ବ୍ଲକ ପ୍ରଶାସନ ଅଧିକାରୀମାନେ କେବଳ ବିଧି ଅନୁଯାୟୀ ବୈଠକ କରି କାର୍ଯ୍ୟ ସାରିଦେଉଛନ୍ତି। ଅସ୍ତରଙ୍ଗ ବ୍ଲକ ତଳିଆ ଅଂଚଳ ଲୋକଙ୍କ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବାତ୍ୟା ଆଶ୍ରୟସ୍ଥଳୀ ମହାବାତ୍ୟା ପରେ ନିର୍ମାଣ ହୋଇଥିଲା କିନ୍ତୁ ବାତ୍ୟା ଆସିଲା ବେଳେ ପ୍ରଶାସନ ଓ ସରକାରୀ ଅଧିକାରୀମାନଙ୍କର ବାତ୍ୟା ଆଶ୍ରୟସ୍ଥଳୀ କଥା ମନେ ପଡେ। ଅନେକ ବାତ୍ୟା ଆଶ୍ରୟସ୍ଥଳୀ ଭୂତକୋଠି ପାଲଟିଥିବା ବେଳେ ଅନେକ ଆଶ୍ରୟସ୍ଥଳୀରେ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ନାହିଁ। କିପରି ତଳିଆ ଅଂଚଳ ଲୋକେ ସୁରକ୍ଷିତ ରହିବେ ତାହା ହିଁ ପ୍ରଶ୍ନବାଚୀ ?

# ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ



**କଟକ, ୨୧।୧୦ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ କଟକ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଥିବା ସମସ୍ତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖିବା, ଆଶ୍ରୟସ୍ଥଳୀଗୁଡିକରେ ପାନୀୟ ଜଳ, ଖାଦ୍ୟ, ଶୌଚାଳୟ ଓ ବିଜୁଳି ଭଳି ମୌଳିକ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସମସ୍ତ ବିଡିଓ ଏବଂ ସହରାଞ୍ଚଳ ସ୍ୱାୟତ ଶାସନ ସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ଅତିକମରେ ତିନିଜଣ ଲେଖାଏଁ ସରକାରୀ ଅଧିକାରୀ ନିୟୋଜିତ କରିବାକୁ ବିଡିଓ ଓ ତହସିଲଦାରମାନଙ୍କୁ କୁହଯାଇଛି। ପବନ ବହିବା ସମୟରେ ଘରୁ ବାହାରକୁ ନଯିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରିବାକୁ କୁହାଯାଇଛି। ଜିଲ୍ଲାରେ ୨୪ ଘଣ୍ଟିଆ କଂଟ୍ରୋଲ ରୁମ ଖୋଲାଯିବା ସହ ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଆବଶ୍ୟକୀୟ ଔଷଧ ଓ ଡାକ୍ତର ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଚାଷୀମାନେ ସେମାନଙ୍କ ଅମଳ ହୋଇସାରିଥିବା ଫସଲକୁ ସୁରକ୍ଷିତ ସ୍ଥାନକୁ ନେଇଯିବା ସହ ଗୃହପାଳିତ ପଶୁମାନଙ୍କୁ ମାଟି ଘରେ ନ ରଖି ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ପରାମର୍ଶ ଦିଆଯିବା ସହ ଆବଶ୍ୟକ ପରିମାଣର ଗୋଖାଦ୍ୟ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସଡକ, ବିଜୁଳି ଓ ଟେଲି ଯୋଗାଯୋଗ ବ୍ୟବସ୍ଥାରେ ତ୍ୱରିତ ବେଗରେ ସୁଧାର ଆଣିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାର ଯଥେଷ୍ଟ ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ହାଇମାଷ୍ଟ ଲାଇଟ୍ ଓ ବଡ ବଡ ହୋର୍ଡିଂଗୁଡିକୁ ହଟାଇ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉର୍ଦ୍ଧ୍ୱାର ଓ ଥଇଥାନ କାର୍ଯ୍ୟ ନିମନ୍ତେ ସମସ୍ତ ବିଭାଗ ପ୍ରସ୍ତୁତ ରହିବା ସହ ବିଭିନ୍ନ ସ୍ଥାନରେ ଓଡ୍ରାଫ ଟିମ୍ ମୁତୟନ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କଣାସ ବ୍ଲକରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

**କଣାସ, ୨୧।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ସମୁଦ୍ର ଉପକୂଳରେ ଅବସ୍ଥାପିତ ହୋଇଥିବା ୧୯୯୯ ମହାବାତ୍ୟା ଏବଂ ୨୦୨୪ ମଧ୍ୟରେ ଯେତେ ବାତ୍ୟା ଓ ସାମୁଦ୍ରିକ ଝଡ ସୃଷ୍ଟି ହୋଇଛି କଣାସ ବ୍ଲକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଆଗାମୀ ୨୪ ତାରିଖ ଦିନ ବାତ୍ୟା ଦାନା ପୁରୀ ଉପକୂଳରେ ଯାଉଥିବାରୁ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାକୁ ବ୍ୟାପକ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହୁଥିବା ବେଳେ କଣାସ ଅଞ୍ଚଳର ଲୋକମାନେ ଭୟଭିତ ଅବସ୍ଥାରେ ରହିଛନ୍ତି। ଆଜି ପଞ୍ଚାୟତ ସମିତି ସଭାଗୃହରେ ବାତ୍ୟାର ମୁକାବିଲା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ବିଡିଓ ନାରାୟଣ ସାହୁ, ଏବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ୍, କଣାସ ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର ସେଠୀ, ଉପସ୍ଥିତ ରହିଥିବା ବେଳେ ଅଗ୍ନିଶ୍ରମ ବିଭାଗ, ବିଦ୍ୟୁତ୍ ବିଭାଗ, କୃଷି ଭିଭାଗ, ପାନୀୟଜଳ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଶୁଚିକିତ୍ସା ବିଭାଗ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। କିପରି ବାତ୍ୟାର ମୁକାବିଲା କରାଯିବ ସେଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ମତାମତ ବିଭାଗୀୟ ଅଧିକାରୀ ମତାମତ ପ୍ରଦାନ କରିଥିଲେ।

### ପରିବହନ ମନ୍ତ୍ରୀଙ୍କ ବିମାନବନ୍ଦର ପରିଦର୍ଶନ ଓ ସମୀକ୍ଷା

## ଏପ୍ରିଲରୁ ରଙ୍ଗେଇଲୁଣ୍ଡାରୁ ବିମାନସେବା

**ବ୍ରହ୍ମପୁର, ୨୧।୧୦ (ସଂଚାର ବ୍ୟୁରୋ):** ରଙ୍ଗେଇଲୁଣ୍ଡା ବିମାନ ବନ୍ଦରକୁ ସବୁ ଦିନିଆ ବିମାନ ଚଳାଚଳ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିମାନ ବନ୍ଦର ସମ୍ପ୍ରସାରଣ କାମ ଚାଲୁ ରହିଥିବା ବେଳେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ




ଜେନା ପରିଦର୍ଶନ କରି ବିଭାଗୀୟ ପଦାଧିକାରୀଙ୍କ ସହ ଆଲୋଚନା ସହ ସମୀକ୍ଷା କରିଛନ୍ତି। ବିମାନ ବନ୍ଦରର ରନ୍‌ୱେ ୭୫୦ ମିଟର ଥିବା ବେଳେ ଏହାକୁ ସମ୍ପ୍ରସାରଣ କରାଯିବ। ବିମାନ ପଡିଆକୁ ଆର୍ମି ଏଡ଼ି କଲେଜ ରାସ୍ତାପଟକୁ ବଢାଯିବ ଏବଂ ଦରକାର ପଡୁଥିବା ସରକାରୀ ଜମିକୁ ଅଧିଗ୍ରହଣ କରି ରନ୍‌ୱେକୁ ୧୨୦୦ ମିଟର କରାଯାଇ ୮୦ ସିଟ୍ ବିଶିଷ୍ଟ ବିମାନ ଚଳାଚଳ ପାଇଁ ଯୋଜନା ରହିଛି। ଏଥିପାଇଁ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ତୁରନ୍ତ ସାରିବାକୁ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିମାନ ବନ୍ଦରର ସମ୍ପ୍ରସାରଣ କାମ ସରିବା ପରେ ଭୁବନେଶ୍ୱର ଠାରୁ ରଙ୍ଗେଇଲୁଣ୍ଡା ଭାୟା ବିଶାଖାପାଟଣା ବିମାନ ଉଡାଣ କରିବ। ଏପ୍ରିଲ ୨୦୨୫ ରୁ ଏଠାରୁ ବିମାନ ଉଡାଣ ପାଇଁ ଚେଷ୍ଟା କରାଯିବ ବୋଲି ମନ୍ତ୍ରୀ କହିବା ସହ କମ ମୂଲ୍ୟରେ ଯାତାୟାତ ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ଆଲୋଚନା ଚାଲିଥିବା ମନ୍ତ୍ରୀ ଶ୍ରୀଜେନା ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ସମୀକ୍ଷାରେ ଉପସ୍ଥିତ ଥିବା ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ସତ୍ୟବାନ ପଟେଲଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପ୍ରସାରଣ କାମ ସାରିବାକୁ ଲକ୍ଷ୍ୟ ରହିଛି । ମନ୍ତ୍ରୀଙ୍କ ସମୀକ୍ଷାବେଳେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଦିନା ଦସ୍ତଗିର,କରାପଲ୍ଲୀ ଆରଇ ରାଜେଶ ପଟ୍ଟନାୟକ, ଭଞ୍ଜବିହାର ଏସ ଡ଼ି ଓ ତପନ କୁମାର ବେହେରା,କନିଷ୍ଠ ଯନ୍ତ୍ରୀ ନିବେଦିତା ସେଠୀଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# 'ଦାନା' ପାଇଁ ଜଗତସିଂହପୁରରେ ପ୍ରସ୍ତୁତି ବୈଠକ

**ଜଗତସିଂହପୁର, ୨୧।୧୦ (ସଂଚାର ବ୍ୟୁରୋ):** ପୂର୍ବ -ମଧ୍ୟ ବଙ୍ଗୋସାଗରରେ ସୃଷ୍ଟି ହୋଇଥିବା ଅବପାତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମରୁ ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୨ ତାରିଖ ସୁଦ୍ଧା ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯାହାଫଳରେ ଜଗତସିଂହପୁର ଜିଲ୍ଲାରେ ଘଡଘଡି ଓ ବିଜୁଳି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ୧୩୫ କି.ମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ଭି ସି ହଲ୍ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ଜରୁରୀ କାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଦାନା ର ସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ




କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରିବା, ଦୁର୍ବିପାକ ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ କରିବା, ନଳକୂପ ଗୁଡ଼ିକର ମରାମତି କରିବା, ଦୁର୍ଗମ ତଥା ପ୍ରଭାବିତ ଅଞ୍ଚଳରେ ଖାଦ୍ୟ ପଦାର୍ଥ ମହଜୁଦ ରଖିବା, ଶୁଖିଲା ଖାଦ୍ୟ ରଖିବା, ଖାଦ୍ୟ ଯୋଗାଣ ନିମନ୍ତେ ବ୍ୟାପକ ଗାଡିର ବ୍ୟବସ୍ଥା କରିବା, ଓଡ୍ରାଫ ଟିମ୍, କୋଷ୍ଟ ଗାର୍ଡ, ମେରାଇନ ପୋଲିସ, ଅଗ୍ନିଶମ ବିଭାଗକୁ ସତର୍କ ରହିବା, କ୍ଷତିଗ୍ରସ୍ତ ହେବାକୁ ଥିବା ଫସଲ ଆଦିର ଆକଳନ କରିବା, ସ୍ୱାସ୍ଥ୍ୟ, ଗୋଖାଦ୍ୟ ଯୋଗାଣ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା ଜିଲ୍ଲା ରେ ଥିବା ୪୫ ଟି ବାତ୍ୟା ଆଶ୍ରୟ ସ୍ଥଳ ତଥା ୨୨୪ ଟି ଅନ୍ୟ ଆଶ୍ରୟ ସ୍ଥଳରେ ଆବଶ୍ୟକୀୟ ସାଧନ ବ୍ୟବସ୍ଥା କରିବା, ଜରୁରୀ ପରିସ୍ଥତିରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର କରିବା, ବିଶେଷ କରି ଗର୍ଭବତୀ ମହିଳା ମାନଙ୍କୁ ନିରାପଦ ଭାବେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମା ଗୃହ କୁ ସ୍ଥାନନ୍ତରିତ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରେଇବା ଆଦି ବିଷୟରେ ଗୁରୁତ୍ୱ ଦେଇଥିଲେ ଜିଲ୍ଲାପାଳ। ବାଲିକୁଦା, କୁଜଙ୍ଗ, ଏରସମା, ନାଉଗାଁ ବ୍ଲକ ରେ ବାତ୍ୟା ଆଶଙ୍କା ଥିବାରୁ ବିଡ଼ିଓ ତହସିଲଦାର ମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ ଜିଲ୍ଲାପାଳ।

## ଅକ୍ଟୋବର ୩୦ରେ ବିଜେଡି ଜନସମ୍ପର୍କ ପଦଯାତ୍ରା

**ନୟାଗଡ଼, ୨୧।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିଫଳତା ଓ ବିଜେପିର ମିଥ୍ୟା ପ୍ରତିଶ୍ରୁତିକୁ ପ୍ରସଙ୍ଗ କରି ବିଜେଡି ମଇଦାନକୁ ଓହ୍ଲାଇବ। ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରିବେ ଦଳୀୟ କର୍ମକର୍ତ୍ତା। ଆସନ୍ତା ଅକ୍ଟୋବର ମାସ ୩୦ ତାରିଖ ବୁଧବାର ଦିନ ଓଡ଼ଗାଁ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଓଡ଼ଗାଁ ବ୍ଲକରୋଡ଼ସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଉକ୍ତ ପଦଯାତ୍ରା ରଘୁନାଥ ମନ୍ଦିର ପରିସରରୁ ବାହାରି ଖେଳପଡିଆ ସାହି ଦେଇ ଆମ୍ବତୋଟା ଠାରେ ପହଞ୍ଚିବ ଓ ସେଠାରେ ଦଳୀୟ କର୍ମକର୍ତ୍ତାଙ୍କ ସମାବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିରୀକୃତ ହୋଇଛି। ଏହି ଅବସରରେ ବିଧାୟକ ସାହୁ ସାମାଜିକ ଗଣମାଧ୍ୟମକୁ ଅଧିକ ସକ୍ରିୟ କରିବା ସହିତ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନର ବିପୁଳ ସଫଳତା ଦିଗରେ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।



# ସିଙ୍ଗାପୁର ସହ ଶିକ୍ଷା ଓ ଗବେଷଣା ସହଯୋଗ ଉପରେ ଗୁରୁତ୍ୱ

## ଭାରତ-ସିଙ୍ଗାପୁର ମଧ୍ୟରେ ଶିକ୍ଷାଗତ ସହଯୋଗ ଓ ଇଣ୍ଟର୍ନସିପ୍ ଉପରେ ଫଳପ୍ରଦ ଆଲୋଚନା

- ଦୁଇ ଦେଶର ପ୍ରାଥମିକତାକୁ ଆଗକୁ ବଢ଼ାଇବାରେ ସିଙ୍ଗାପୁରକୁ ଜ୍ଞାନ ସହଯୋଗୀ ରାଷ୍ଟ୍ର ଭାବେ ଦେଖୁଛି ଭାରତ




**ନୂଆଦିଲ୍ଲୀ,୨୧।୧୦:** ଗୁରୁତ୍ୱପୂର୍ଣ୍ଣ ବିଦେଶ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କୁ ଭେଟି ଭାରତ ଓ ସିଙ୍ଗାପୁର ମଧ୍ୟରେ ବିଦ୍ୟାଳୟ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି ଏବଂ ବ୍ୟାପକ କରିବା ଉପରେ ଫଳପ୍ରଦ ଆଲୋଚନା କରିଛନ୍ତି । ପ୍ରତିଭା, ସମ୍ବଳ ଓ ମାର୍କେଟ୍ ଭଳି ତିନୋଟି ପ୍ରମୁଖ ସ୍ତମ୍ଭ ମାଧ୍ୟମରେ ଦୁଇ ଦେଶର ଭାଗିଦାରୀକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଶେଷଭାବରେ ଅତ୍ୟାଧୁନିକ ଜ୍ଞାନକୌଶଳ ବା ଡିପଟେକ୍, ଷ୍ଟାର୍ଟଅପ୍ ଏବଂ ଇନୋଭେସନ ପରିସଂସ୍ଥାନକୁ ଆଗକୁ ବଢ଼ାଇବାରେ ଭାରତ ସିଙ୍ଗାପୁରକୁ ଏକ ବିଶ୍ୱସନୀୟ ଜ୍ଞାନ ସହଯୋଗୀ ରାଷ୍ଟ୍ର ଭାବରେ ଦେଖୁଛି ବୋଲି ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଏବଂ ଉଭା ହେଉଥିବା କ୍ଷେତ୍ରରେ ସହଯୋଗ ସମେତ ଭାରତ-ସିଙ୍ଗାପୁର ସମ୍ପର୍କକୁ ଏକ ବ୍ୟାପକ ଭାଗିଦାରୀରେ ପରିଣତ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଶ୍ରୀ ୱଙ୍ଗ ଏକ ସୁଦୃଢ଼ ଢାଞ୍ଚା ପ୍ରସ୍ତୁତ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ଜିଏଏନ୍ କିମ୍ ୟୋଙ୍ଗଙ୍କୁ ସାକ୍ଷାତ କରି ଶ୍ରୀ ପ୍ରଧାନ ଭବିଷ୍ୟତ ପିଢ଼ିର ସହଭାଗିତା ସୃଷ୍ଟି କରିବା ପାଇଁ ଦକ୍ଷତାଭିତ୍ତିକ ଶିକ୍ଷା ଏବଂ ପ୍ରଶିକ୍ଷଣରେ ସହଯୋଗ ଉପରେ ଆଲୋଚନା କରିଥିଲେ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ସିଙ୍ଗାପୁରର ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂଙ୍କୁ ଭେଟି ଶିକ୍ଷାର ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ । ଭାରତର ଶିକ୍ଷା ବ୍ୟବସ୍ଥାର ଅନ୍ତର୍ଜାତୀୟକରଣ ପାଇଁ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ଉପରେ ଚର୍ଚ୍ଚା କରିଥିଲେ। ଦୁଇ ମନ୍ତ୍ରୀ ଓଭରସିଜ୍ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ, ଯାହା ଦ୍ୱାରା ଭାରତୀୟ ଛାତ୍ରଛାତ୍ରୀମାନେ ସିଙ୍ଗାପୁର କମ୍ପାନୀରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିପାରିବେ।

# ୨୪,୨୫ରେ ଭକ୍ତଙ୍କୁ ପୁରୀ ମନା



**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** 'ଦାନା' ମୁକାବିଲା ଲାଗି ସରକାର ସବୁପ୍ରକାରର ପଦକ୍ଷେପ ନେଉଛନ୍ତି। ପୁରୀରୁ ପର୍ଯ୍ୟଟକମାନଙ୍କୁ ଫେରିଯିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ଏହାସହିତ ଆସନ୍ତାକାଲିଠୁ ଯେଭଳି କୌଣସି ପର୍ଯ୍ୟଟକ ପୁରୀ ନ ଯିବେ ସେଥିପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ଆଉ ଯେଉଁମାନେ ପୁରୀର ବାସିନ୍ଦା ନୁହଁନ୍ତି ଓ ରହିବାର ଆବଶ୍ୟକତା ଥିବ ସେମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ରାଜ୍ୟ ସରକାର କହିଛନ୍ତି। ସମ୍ଭାବ୍ୟ ବାତ୍ୟା ମୁକାବିଲା ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବାତ୍ୟାର ଗତିପଥ ଏପର୍ଯ୍ୟନ୍ତ ସ୍ପଷ୍ଟ ନ ଥିଲେ ସୁଦ୍ଧା ପୁରୀ ସହରରୁ ଆସନ୍ତାକାଲିଠୁ ପର୍ଯ୍ୟଟକମାନଙ୍କୁ ନିଜ ନିଜ ଘରକୁ ଫେରିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ଆଶଙ୍କା ଦୂର ନ ହେବା ପର୍ଯ୍ୟନ୍ତ ପୁରୀକୁ ଯେଭଳି ପର୍ଯ୍ୟଟକମାନେ ନ ଯିବେ ସେଥିପାଇଁ ଜିଲ୍ଲାପାଳମାନେ ପଦକ୍ଷେପ ନେବାକୁ କୁହାଯାଇଛି। ଯେଉଁମାନେ ପୁରୀରେ ରହିବେ ସେମାନଙ୍କୁ ନିରାପଦ ସ୍ଥାନକୁ ଯିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେହିପରି ପୁରୀରେ ଥିବା ହବିଷ୍ୟାଳିଙ୍କ ସୁରକ୍ଷା ପାଇଁ ସରକାର ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ସେ କହିଛନ୍ତି । ଆଜିଠୁ ଓଡ୍ରାଫ ଟିମକୁ ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାକୁ ପଠାଇ ଦିଆଯାଇଛି । ସେମାନେ ଜିଲ୍ଲା ମୁଖ୍ୟାଳୟ ଓ ପ୍ରମୁଖ ସ୍ଥାନମାନଙ୍କରେ ଆଲର୍ଟ ରହିବେ। ସେହିପରି ଓଡ଼ିଶାରେ ଥିବା ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମଧ୍ୟ ଆସନ୍ତାକାଲିଠୁ ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ପଠାଯିବ । ବାତ୍ୟା ସ୍ଥିତିର ମୁକାବିଲା ପାଇଁ ଅଧିକ ଏନଡିଆରଏଫ୍ ଟିମ୍ ଓ ହେଲିକପ୍ଟର ଯୋଗାଇ ଦେବାକୁ କେନ୍ଦ୍ର ସରକାର ସମ୍ମତି ଦେଇଛନ୍ତି। ୨୩ତାରିଖ ସୁଦ୍ଧା ଓଡ଼ିଶାକୁ ଏହା ମିଳିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଯେଉଁ ଜିଲ୍ଲାପାଳମାନଙ୍କର ଅଭିଜ୍ଞତା ରହିଛି ସେମାନଙ୍କୁ ନିଜ ନିଜର ପୂର୍ବ ସ୍ଥାନକୁ ଯାଇ କାର୍ଯ୍ୟ କରିବାକୁ ମଧ୍ୟ ସରକାର ପରାମର୍ଶ ଦେଇଛନ୍ତି । ବାତ୍ୟା ସ୍ଥିତିରେ ସୁଧାର ନଆସିବା ପର୍ଯ୍ୟନ୍ତ ଜିଲ୍ଲାପାଳମାନେ ୨୪ଘଣ୍ଟିଆ କଂଟ୍ରୋଲରୁମ୍ ଖୋଲି ପରିସ୍ଥିତି ଉପରେ ନଜର ରଖିବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସରକାରୀ ଛୁଟି ଆଦିର ନିଷ୍ପତ୍ତି ଜିଲ୍ଲାପାଳମାନେ ନେଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

- ପର୍ଯ୍ୟଟକଙ୍କୁ ପରାମର୍ଶ: ୨୩ ପୂର୍ବରୁ ପୁରୀ ଛାଡ଼
- ଜିଲ୍ଲାପାଳମାନେ ୨୪ ଘଣ୍ଟିଆ କଂଟ୍ରୋଲରୁମ୍ ଖୋଲି ନଜର ରଖିବେ

# କୃଷି ବିଭାଗର ପ୍ରସ୍ତୁତି



- ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ପରାମର୍ଶ
- କୃଷି ଅଧିକାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ସୋମବାର କୃଷି ଭବନସ୍ଥିତ ବୋର୍ଡରୁମରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସମସ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀବୃନ୍ଦ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ। ଶ୍ରୀ ସିଂହଦେଓ ସମସ୍ତ ଅଧିକାରୀଙ୍କୁ ଆତଙ୍କିତ ନ ହୋଇ ସତର୍କ ତଥା ପ୍ରସ୍ତୁତ ରହିବା ଏବଂ ବାତ୍ୟା ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିବା ପାଇଁ ପରାମର୍ଶ ଦେଇଛନ୍ତି । ଯେକୌଣସି ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ମୁକାବିଲା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି । ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ଯୋଗାଇ ଦେବା ପାଇଁ କୃଷି ଭବନ ତଥା ସମସ୍ତ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ଏହି ପରିପ୍ରେକ୍ଷୀରେ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ୨୫ ତାରିଖ ପର୍ଯ୍ୟନ୍ତ ଅଧିକାରୀମାନେ ଛୁଟି ନ ନେବାକୁ ପରାମର୍ଶ ଦେଇଥିବାବେଳେ ଫସଲ ସମ୍ବନ୍ଧୀୟ ଯେକୌଣସି ପରାମର୍ଶ ପାଇଁ ଚାଷୀମାନେ କୃଷକ ସମୃଦ୍ଧ ହେଲ୍‌ପଲାଇନ (୧୫୫୩୩୩) ଏବଂ ସୋସାଲ ମିଡିଆ ସହାୟତା ନେବା ପାଇଁ କହିଛନ୍ତି ।ଫସଲ ସ୍ଥିତି ବିଶେଷ କରି ଅମଳକ୍ଷମ ଧାନ, ମକା, କପା, ମାଣ୍ଡିଆ ଓ ରବି ଜାତୀୟ ପନିପରିବା ଚାଷର ସ୍ଥିତି ଓ ଏହାର ସୁରକ୍ଷା ନେଇ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଉପକୂଳ ଅଞ୍ଚଳର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନଙ୍କୁ ନିଜ ଅଞ୍ଚଳରେ ଏହି ସତର୍କତାମୂଳକ ପରାମର୍ଶ ଚାଷୀଙ୍କୁ ପ୍ରଦାନ କରିବା ନିମନ୍ତେ କୁହାଯାଇଥିଲା । ବୈଠକରେ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ସପ୍ତାହେ ବଢ଼ିଲା ବିଜେଡି ପଦଯାତ୍ରା



**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା କାର୍ଯ୍ୟକ୍ରମ ରୂପାନ୍ତରୀକରଣ କମିଟିର ଆବାହକ ସଞ୍ଜୟ ଦାସବର୍ମା ଜନ ସମ୍ପର୍କ କାର୍ଯ୍ୟକ୍ରମକୁ ଏକ ସପ୍ତାହ ପାଇଁ ବୃଦ୍ଧି କରାଗଲା ବୋଲି ସୂଚନା ଦେଇଛନ୍ତି। ଦଳ ତରଫରୁ ଆୟୋଜିତ ପ୍ରଥମ ପର୍ଯ୍ୟାୟ ଜନ ସମ୍ପର୍କ ପଦଯାତ୍ରାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିପୁଳ ଜନ ସମର୍ଥନ ମିଳୁଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ୨୧ ଅକ୍ଟୋବରରୁ ୩୦ ଅକ୍ଟୋବର ଯାଏଁ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ସମ୍ପ୍ରତି ରାଜ୍ୟରେ ବାତ୍ୟାର ଭୟ ସୃଷ୍ଟି ହୋଇଥିବା ପରିପ୍ରେକ୍ଷୀରେ, ଦଳର ସଭାପତିଙ୍କ ନିଷ୍ପତ୍ତି କ୍ରମେ ପଦଯାତ୍ରାକୁ ଏକ ସପ୍ତାହ ଅର୍ଥାତ ନଭେମ୍ବର ୧ ତାରିଖରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବଢାଗଲା। ତେବେ, ଯେଉଁ ଜିଲ୍ଲାରେ ବାତ୍ୟାର ପ୍ରଭାବ ପଡିବ ନାହିଁ, ସେହି ଜିଲ୍ଲା ଗୁଡିକରେ ପଦଯାତ୍ରା ଜାରି ରହିବ ବୋଲି ଶ୍ରୀ ଦାସବର୍ମା କହିଥିଲେ।

ସମ୍ଭାବ୍ୟ ବାତ୍ୟା ଉପରେ ସାମ୍ବାଦିକମାନଙ୍କୁ ଶ୍ରୀ ଦାସବର୍ମା କହିଲେ, ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବାତ୍ୟା ମୁକାବିଲା ପାଇଁ ରାଜ୍ୟରେ ଏକ ସୁଦୃଢ଼ ବ୍ୟବସ୍ଥା ପ୍ରତିଷ୍ଠା ହୋଇ ପାରିଛି। ୧୯୯୯ ମହାବାତ୍ୟା ପରେ ରାଜ୍ୟରେ ଅନେକ ବାତ୍ୟା ଆସିଛି କିନ୍ତୁ ଓଡ଼ିଶା ଏହି ସବୁ ବାତ୍ୟାକୁ ଦୃଢ଼ତାର ସହିତ ମୁକାବିଲା କରିବାରେ କେବଳ ଦେଶରେ ନୁହେଁ, ସାରା ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଛି । ମିଳିତ ଜାତିସଂଘ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଛି। ଆଶାକରୁ, ବର୍ତ୍ତମାନର ସରକାର ବାତ୍ୟା ମୁକାବିଲା କ୍ଷେତ୍ରରେ ନିଜର ଉତ୍ତରଦାୟିତ୍ୱ ବହନ କରିବେ ଓ ବାତ୍ୟାକୁ ସଫଳତାର ସହିତ ମୁକାବିଲା କରିବେ।

# ମାନବିକତା ଦେଖାଇଲେ ମୁଖ୍ୟମନ୍ତ୍ରୀ

## ଅଭିଯୋଗର ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ପଞ୍ଚମ ପାଳି। କାର୍ଯ୍ୟକ୍ରମରେ ଏକ ନିଆରା ମାନବିକତା ଦେଖାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଗାଡିରୁ ଓହ୍ଲାଇ ପ୍ରଥମେ ଯାଇଥିଲେ ଅପେକ୍ଷାରତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଖକୁ। ପ୍ରାୟ ୫୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଅପେକ୍ଷାରେ ବସିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତଂକ ପାଖକୁ ଯାଇ ବସିବା ପାଇଁ କହି ନିଜେ ଠିଆ ହୋଇ ସେମାନଙ୍କର ଅଭିଯୋଗ ଶୁଣିଥିଲେ ଏବଂ ଦରଖାସ୍ତ ଗ୍ରହଣ କରିଥିଲେ। କେତେକ ଅଭିଯୋଗକାରୀଙ୍କ ଗୁହାରୀ ଶୁଣି ତତକ୍ଷଣାତ୍ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଦିବ୍ୟାଙ୍ଗ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କର ଏଭଳି ମାନବିକତା ପୂର୍ଣ୍ଣ ବ୍ୟବହାରରେ ଆନନ୍ଦିତ ହୋଇଥିଲେ। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ସମବାୟ, ହସ୍ତ ତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେମାନଙ୍କ ସହିତ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିଲେ।




ଅଭିଯୋଗକାରୀଙ୍କ ମଧ୍ୟରେ ଥିଲେ ନୟାଗଡ଼ ଜିଲ୍ଲାର ବୟସ୍କ ମହିଳା କେତକୀ ନନ୍ଦ। ପୁଅ ତାଙ୍କୁ ଘରୁ ବାହାରକୁ ବାହାର କରିଦେଇଛି। ତାଙ୍କ ଦୁଃଖ କାହାଣୀ ଶୁଣି ମୁଖ୍ୟମନ୍ତ୍ରୀ ବ୍ୟଥିତ ହୋଇଥିଲେ। ତୁରନ୍ତ ମା'ଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ଜିଲ୍ଲା ବଡମ୍ବା ଅଞ୍ଚଳର ବନିତା ପ୍ରଧାନ ଓ ଅମିତା ପ୍ରଧାନ ଦୁଇ ଭଉଣୀ ଆସିଥିଲେ ନିଜ ଅସହାୟତା ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ସାହାଯ୍ୟ ପାଇଁ। ବାପା ମରିଯାଇଛନ୍ତି, ଦଶାହ କାର୍ଯ୍ୟ କରିବା ପାଇଁ ଦୁଇ ଛୋଟ ଝିଅଙ୍କ ପାଖେ ପଇସା ନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କ ଦୁଃଖ ଶୁଣି ଜିଲ୍ଲାପାଳଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ଦୁର୍ଘଟଣା ପୀଡ଼ିତ ପରିବାରରୁ ପାଞ୍ଚ ଜଣ ମହିଳା ସଦସ୍ୟା ଆସିଥିଲେ ସେମାନଙ୍କ ଅଭିଯୋଗ ଓ ଦୁଃଖ ଜଣାଇବା ପାଇଁ। ଘରର ରୋଜଗାରିଆ ସଦସ୍ୟ ମାନଙ୍କୁ ହରାଇ ବହୁ ଦୁଃଖରେ ଚଳୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ମହିଳାମାନଙ୍କୁ ରୋଜଗାର ଯୋଗାଇଦେଇ ଥଇଥାନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଟଣୀର ପ୍ରୀତି ମହାନ୍ତି ଓ ଲକ୍ଷ୍ମୀପ୍ରିୟା ନାୟକଙ୍କ ସମସ୍ୟାର ସମାଧାନ ନିମନ୍ତେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ପୁଲିସ ବାବୁ



**ଖଣ୍ଡପଡ଼ା,୨୧।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଏସଆଇ ଏସକେ ରେହମାନ। ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଅଞ୍ଚଳରେ ବେଆଇନ ଭାବେ ମଦ ବ୍ୟବସାୟ କରୁଥିବା ଜନୈକ ମଦ ବେପାରୀଙ୍କୁ ପ୍ରୋତ୍ସାହନ ଦେବାପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଏସଆଇ ଏସ କେ ରେହମାନ। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ ଅଧୀନ କୋଟପୋଖରୀ ଗ୍ରାମର ବେଆଇନ ଦେଶୀ ମଦ ବ୍ୟବସାୟୀ ସୁଦର୍ଶନ ସାହୁଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ମାସିକିଆ ଚାନ୍ଦା ନେଉଥିଲେ ଏସଆଇ ଏସକେ ରେହେମାନ। ତେବେ ବାରମ୍ବାର ଚାନ୍ଦା ମାଗିବାକୁ ନେଇ ସୁଦର୍ଶନ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ପୂର୍ବଯୋଜନା ମୁତାବକ ଆଜି ସକାଳେ ସୁଦର୍ଶନ ୩ ହଜାର ଟଙ୍କା ନେଇ ଏସଆଇ ରେହେମାନ ରହୁଥିବା ଖଳିସାହି ତୋଟା ହନୁମାନ ସ୍ଥିତ ଭଡ଼ା ଘରେ ପହଞ୍ଚିଥିଲେ। ସୁଦର୍ଶନ ଏସଆଇ ଏସକେ ରେହେମାନଙ୍କୁ ଲାଞ୍ଚ ଟଙ୍କା ଦେବାକ୍ଷଣି ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ ରେଡ଼ ହାଣ୍ଡରେ ମାଡ଼ି ବସି ଟଙ୍କା ଜବତ କରିଥିଲା। ଅନ୍ୟପକ୍ଷେ ଭିଜିଲାନ୍ସ ଟିମ ଲାଞ୍ଚ ନେଉଥିବା ଅଭିଯୋଗରେ ଏସଆଇ ଏସକେ ରେହେମାନଙ୍କୁ ଗିରଫ କରିଥିବା ବେଳେ ଲାଞ୍ଚ ଦେଉଥିବା ବେଆଇନ ମଦ ବ୍ୟବସାୟୀଙ୍କ ପ୍ରତି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ହେଲେ ଅବାଧ ମଦ କାରବାରରେ ରୋକ ଲାଗିବା ସହ ବହୁ ଯୁବପିଢ଼ୀ ନିଶା ଠାରୁ ଦୂରେଇ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରନ୍ତେ ବୋଲି ଜଣାପଡିଛି। ଏହି ଚଢ଼ାଉରେ ନୟାଗଡ଼ ଭିଜିଲାନ୍ସ ଡିଏସପି ପ୍ରତ୍ୟୁଷ ମହାପାତ୍ରଙ୍କ ସମେତ ଅନ୍ୟ ଭିଜିଲାନ୍ସ ପୋଲିସ କର୍ମଚାରୀ ମାନେ ସାମିଲ ଥିଲେ।

# ଘାଟିରେ ସିରିଜ୍ ଦୁର୍ଘଟଣା

**ଭୁବନେଶ୍ୱର/ପାରଳାଖେମୁଣ୍ଡି, ୨୧।୧୦ (ସଂଚାର ବ୍ୟୁରୋ):** ଗତ ବିଳମ୍ବିତ ରାତିରେ ଗଜପତି ଜିଲ୍ଲା ମୋହନା ଥାନା ରାମଗଡ଼ ଘାଟିରେ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ୨୦ରୁ ଅଧିକ ବସ୍ ଯାତ୍ରୀ ଆହତ ହୋଇଥିବା ବେଳେ ୬ ଜଣଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ସମସ୍ତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ବିଳମ୍ବିତ ରାତିରେ ପୁରୀରୁ ମାଲକାନଗିରି ଯାଉଥିବା ଜଗନ୍ନାଥ ବସ୍ ରାମଗଡ ବୁଲାଣିଆ ଘାଟିରେ ଏକ ବାଇକ୍‌କୁ ଧକ୍କା ଦେଇରାସ୍ତାକଡ଼କୁ ଖସି ଯାଇଥିଲା। ବସ୍‌ରେ ଥିବା ଯାତ୍ରୀମାନେ ଅନ୍ୟ ବସ୍ ମାଧ୍ୟମରେ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ। ଏହି ସମୟରେ ଭୁବନେଶ୍ୱରରୁ ଯାତ୍ରୀମାନଙ୍କୁ ନେଇ ମାଲିକାନଗିରି ଅଭିମୁଖେ ଯାଉଥିବା ମହାକାଳ ନାମକ ଏକ ବସ୍ ରାମଗଡ଼ ଘାଟିରେ ପ୍ରଥମେ ରାସ୍ତାକଡ଼କୁ ଖସିଯାଇଥିବା ଜଗନ୍ନାଥ ବସ୍‌କୁ ଧକ୍କା ଦେଇଥିଲା। ପରେ ଏକ ପିକ୍‌ଅପ୍ ଭ୍ୟାନକୁ ଧକ୍କା ଦେଇ ରାମଗଡ଼ ଘାଟିର ୧୫ ଫୁଟ୍ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛଥିଲେ। ସେମାନଙ୍କୁ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

# ବାତ୍ୟା ଚିନ୍ତାରେ ଚାଷୀ, କୂଳକୁ ଫେରିଲେ ଧୀବର

**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** ଚାଷୀଙ୍କ ଚିନ୍ତା ବଢ଼ାଇଲା ବାତ୍ୟା ଭୟ। ଚାଷୀମାନେ 'ଦାନା' ପାଇଁ ଭୟଭୀତ ହୋଇପଡିଥିବା ବେଳେ କିଏ ପାନ ବରଜରେ ଠେଲ ଦେଉଛି ତ, ଆଉ କିଏ ବାଉଁଶ ଲଗାଇ ପାନ ବରଜକୁ ସଜାଡୁଛି। ପାଚିଯାଇଥିବା ଧାନ ତରବରରେ କାଟିବାରେ ଲାଗିଛନ୍ତି ଚାଷୀ। ଅସ୍ତରଙ୍ଗ, ପିପିଲି, ମାଲକାନଗିରି, କୋରାପୁଟ ଆଦି ଅଞ୍ଚଳରେ ଦରପାଚିଲା ଧାନକୁ ଚାଷୀ ତରବରିଆ ଭାବରେ ଜମିରୁ କାଟି ଅମଳ କରୁଛି । ବିକଳ ହୋଇ କିଏ ମେସିନ ଲଗାଇ ଧାନ ଅମଳ କରୁଛନ୍ତି, ଆଉ କେଉଁ ଚାଷୀ କଟା ଧାନକୁ ଜମିରେ ବାହିଆ କରୁଛି। ଚାଷୀଙ୍କ ମନରେ ପୁଣି ୧୯୯୯ ମହାବାତ୍ୟା କ୍ଷୟକ୍ଷତିର ସ୍ମୃତି ଉଦ୍ରେକ ହୋଇଛି। ସେବର୍ଷ ଅକ୍ଟୋବରରେ ମହାବାତ୍ୟା ଚାଷୀକୁଳକୁ ତଳିତଳାନ୍ତ କରିଦେଇଥିଲା। ଏବେ ପୁନର୍ବାର ଅକ୍ଟୋବରରେ ଗୀଷଣ ବାତ୍ୟା ଆସୁଛି। ଯାହାକି ଚାଷୀଙ୍କ ପାଇଁ କାଳ ହେବ ବୋଲି ଆଶଙ୍କା କରାଯାଉଛି। ଉପକୂଳି ଅଞ୍ଚଳରେ ଛନକା ପସିଛି। ମତ୍ସ୍ୟଜୀବୀ ବି ସତର୍କ ହେଲେଣି । ମହାକାଳପଡା, ରାଜନଗର, ତାଳସାରୀ, ଉଦୟପୁର, ଦୀଘା, ଅସ୍ତରଙ୍ଗ, କୋଣାର୍କ, ପୁରୀ, ଗୋପାଳପୁର ଆଦି ଅଞ୍ଚଳରେ ମତ୍ସ୍ୟଜୀବୀ ଘରମୁହାଁ ହୋଇଛନ୍ତି। ମାଛ ଧରିଥିବା ଜାଲକୁ ଶୁଖାଉଛନ୍ତି ଓ ବୁଣୁଛନ୍ତି। ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଥିବାରୁ ଡଙ୍ଗା ଧରି ମତ୍ସ୍ୟଜୀବୀ କୂଳକୁ ଫେରୁଛନ୍ତି।



## ବାତ୍ୟାକୁ ଦୃଷ୍ଟିରେ ରଖି ହାଇ ଆଲର୍ଟରେ ପୌର ସଂସ୍ଥା

# ପ୍ରସ୍ତୁତିର ସମୀକ୍ଷା କଲେ ଗୃହ ଓ ନଗର ଉନ୍ନୟନ ସଚିବ

**ଭୁବନେଶ୍ୱର, ୨୧।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ଝଡ଼ 'ଦାନା'କୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ପୌରସଂସ୍ଥାର ପ୍ରସ୍ତୁତି ସମୀକ୍ଷା କରିଥିଲେ। ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ, ୫ଟି ମହାନଗର ନିଗମର କମିଶନର, ସମସ୍ତ ପୌରପାଳିକା ଓ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମୀକ୍ଷା ସମୟରେ ଶ୍ରୀମତୀ ପାଢ଼ୀ ଜିଲ୍ଲା ପ୍ରଶାସନ ସହ ନିରନ୍ତର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିବା ସହ ତୁରନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ଆହ୍ୱାନର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସେ ସମସ୍ତ ୟୁଏଲବିମାନଙ୍କୁ ଅନୁରୋଧ କରିଛନ୍ତି, ବିଶେଷକରି ଏହି ପରି କ୍ଷେତ୍ରରେ ଜଳ ଯୋଗାଣ: ବାତ୍ୟା ସମୟରେ ଓ ପରେ ବିଶୁଦ୍ଧ ଜଳ ନିରବଚ୍ଛିନ୍ନ ଭାବେ ଉପଲବ୍ଧ ହେବ।



ଜଳବନ୍ଦୀ ପରିଚାଳନା ପାଇଁ ତଳିଆ ଅଞ୍ଚଳରେ ବନ୍ୟା ରୋକିବା ଏବଂ ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ଶୀଘ୍ର ମୁକାବିଲା କରିବା ପାଇଁ ଉତ୍ସର୍ଗୀକୃତ ଟିମ୍ ଗଠନ କରିବା। ନୋଡାଲ ଅଫିସରମାନଙ୍କୁ ହାଇ ଆଲର୍ଟରେ ରହିବା, ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ଏବଂ ନିୟମିତ ଅପଡେଟ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଶ୍ରୀମତୀ ପାଢ଼ୀ ନାଗରିକମାନଙ୍କ ଉପରେ ଏହାର ପ୍ରଭାବ କୁ ହ୍ରାସ କରିବା ପାଇଁ ଦକ୍ଷ ସମନ୍ୱୟ ଏବଂ ତ୍ୱରିତ ପ୍ରତିକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କଠିନ ସମୟରେ ଅତ୍ୟାବଶ୍ୟକ ସେବା ବଜାୟ ରଖିବା କୁ ସୁନିଶ୍ଚିତ କରିବା ସହ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପୌର ସଂସ୍ଥା ଗୁଡ଼ିକ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

## ଆଇଟିରେ ଫେରିଲା ନିଯୁକ୍ତି ଯୁଗ

# ୩ମାସରେ ୧୭,୫୦୦ ନୂଆ ନିଯୁକ୍ତି



**ନୂଆଦିଲ୍ଲୀ, ୨୧।୧୦:** ମାନ୍ଦାବସ୍ଥା ଦେଇ ଗତି କରୁଥିବା ସୂଚନା ପ୍ରଯୁକ୍ତି (ଆଇଟି) ଶିଳ୍ପରେ ପୁଣି ଥରେ ନିଯୁକ୍ତି ଧାରା ଆରମ୍ଭ ହୋଇଛି। ପାଖାପାଖି ଦୁଇ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତିକୁ ଏଡ଼ାଉଥିବା ପ୍ରମୁଖ ଭାରତୀୟ ଆଇଟି କମ୍ପାନିରେ କର୍ମଚାରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନେ ପୁଣି ଥରେ ନୂଆ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍), ଇନ୍‌ଫୋସିସ୍, ଓ୍ୱିପ୍ରୋ, ଟେକ୍ ମହିନ୍ଦ୍ରା ଓ ଏଲ୍‌ଆଣ୍ଡଟିମାଇଣ୍ଡଟ୍ରି ପକ୍ଷରୁ ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ଭିତରେ ୧୭,୫୦୦ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଭାରତୀୟ ଆଇଟି ଶିଳ୍ପର ସିଂହ ଭାଗ ରାଜସ୍ୱ ପାଶ୍ଚାତ୍ୟ ଦେଶରୁ ଆସୁଥିବା ବେଳେ ସେଠାରେ ମାନ୍ଦାବସ୍ଥା ଦେଖାଦେବା କାରଣରୁ ଭାରତୀୟ ଆଇଟି କମ୍ପାନିଗୁଡ଼ିକ ନୂଆ କର୍ମଚାରୀ ନିଯୁକ୍ତିକୁ ଟାଳି ଦେଇଥିଲେ। କ୍ୟାମ୍ପସ୍‌ରୁ ଚୟନ କରାଯାଇଥିବା ଛାତ୍ରଛାତ୍ରୀଙ୍କୁ ଅଫର ଲେଟର୍ ଦେବା ପରେ ମଧ୍ୟ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବା ଲାଗି ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିଥିଲା। କିନ୍ତୁ ଆଇଟି ଶିଳ୍ପରେ ଦେଖାଦେଇଥିବା ଅସ୍ଥିରତା ଦୂର ହେବା ପରେ କମ୍ପାନିଗୁଡ଼ିକ ପୁଣି ଥରେ ନିଜ ମାନବ ସମ୍ବଳକୁ ଦୃଢ଼ କରିବା ଉପରେ ମନୋନିବେଶ କରିଛନ୍ତି।

୨୦୨୩-୨୪ ଆର୍ଥିକ ବର୍ଷରେ ଭାରତୀୟ ଆଇଟି କମ୍ପାନିଗୁଡ଼ିକରେ କର୍ମଚାରୀ ସଂଖ୍ୟା ୭୦,୦୦୦ ହ୍ରାସ ପାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ କର୍ମଚାରୀ ସଂଖ୍ୟାରେ ମାତ୍ର ୧୭୫୦ ହ୍ରାସ ଘଟିଥିଲା। କିନ୍ତୁ ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ସେଥିରେ ସମ୍ପୂର୍ଣ୍ଣ ସୁଧାର ହେବା ସହ ୧୭ ହଜାରରୁ ଅଧିକ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି। ଏହା ଇଞ୍ଜିନିୟରିଂ ଗ୍ରାଜୁଏଟ୍, ବିଶେଷ କରି କମ୍ପ୍ୟୁଟର ସାଇନ୍ସ ପାଠପଢ଼ୁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ନିଶ୍ଚିତ ରୂପେ ଉତ୍ସାହଜନକ ଖବର। ଚଳିତ ବର୍ଷର ଜୁଲାଇ-ସେପ୍ଟେମ୍ବର (ଦ୍ୱିତୀୟ ତ୍ରୈମାସିକ)ରେ ଟେକ୍ ମହିନ୍ଦ୍ରା ସର୍ବାଧିକ ୬୬୫୩ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ସେହି ସମୟରେ ଦେଶର ଏକ ନମ୍ବର ଆଇଟି କମ୍ପାନି ଟିସିଏସ୍ ୫୭୨୬ ନୂଆ କର୍ମଚାରୀ ଯୋଡ଼ିଛି। ଫଳରେ କମ୍ପାନିର ମୋଟ୍ କର୍ମଚାରୀ ସଂଖ୍ୟା ୬ ଲକ୍ଷରୁ ଅଧିକ ହୋଇପାରିଛି। ଆଲୋଚ୍ୟ ତିନି ମାସରେ ଇନ୍‌ଫୋସିସ୍ ୨୪୫୬ ଓ ଓ୍ୱିପ୍ରୋ ୯୭୮ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। ୨୦୨୨ ଓ ୨୦୨୩ରେ କ୍ୟାମ୍ପସ୍‌ରୁ ଚୟନ କରାଯାଇଥିବା ପିଲାମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସାମିଲ କରିବାକୁ ଇନ୍‌ଫୋସିସ୍ ଓ ଓ୍ୱିପ୍ରୋ କର୍ତ୍ତୃପକ୍ଷ ଯୋଜନା ରଖିଛନ୍ତି। ଦେଶର ପ୍ରମୁଖ ଚାରି ଆଇଟି କମ୍ପାନି ଚଳିତ ଆର୍ଥିକ ବର୍ଷରେ ୮୨ ହଜାର ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଯୋଜନା ରଖିଛନ୍ତି। କେବଳ ଟିସିଏସ୍ ୪୦ ହଜାର ନୂଆ କର୍ମଚାରୀ ଚୟନ କରିବ। ଚଳିତ ଆର୍ଥିକ ବର୍ଷ ସାରାରେ ଭାରତୀୟ ଆଇଟି ଶିଳ୍ପରେ ନୂଆ ନିଯୁକ୍ତି ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଗତ ଆର୍ଥିକ ବର୍ଷରେ ନିଯୁକ୍ତି ସ୍ଥିତି ଅତ୍ୟନ୍ତ ନିରୁତ୍ସାହଜନକ ଥିଲା ଯାହା ୨୦୦୦ ମସିହା ପରେ ସବୁଠୁ ଖରାପ ଭାବେ ବିଚାର କରାଯାଉଛି।

## ବିମାନକୁ ବୋମା ଧମକ ଦେବା ଏକ ଅପରାଧ: କେନ୍ଦ୍ରମନ୍ତ୍ରୀ



**ନୂଆଦିଲ୍ଲୀ, ୨୧।୧୦:** ଗତ କିଛି ଦିନ ହେବ ଭାରତୀୟ ବିମାନଗୁଡ଼ିକୁ ଲଗାତର ବୋମା ଧମକ ମିଳୁଛି। ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ସୋମବାର କହିଛନ୍ତି ଯେ ଏୟାରଲାଇନ୍ସକୁ ବୋମା ଧମକ ଦେବା ଏକ ଅପରାଧ। ଗତ କିଛି ଦିନ ମଧ୍ୟରେ ଏକାଧିକ ପରିବହନକାରୀ ଏହିପରି ଅନେକ କଲ ପାଇଛନ୍ତି। ଯାହାକି ସମଗ୍ର ଦେଶରେ ବିମାନ କାର୍ଯ୍ୟକଳାପ ଉପରେ ବାଧା ଉପୁଜାଇଛି।

ଏହାକୁ ଏକ ସମ୍ବେଦନଶୀଳ ପରିସ୍ଥିତି ବୋଲି କହି ମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ମଧ୍ୟ କହିଛନ୍ତି ଯେ ଯେଉଁମାନେ ଏଭଳି ଠକାମି କରୁଛନ୍ତି ସେମାନେ ବିମାନ ସେବା ନୋ-ଫ୍ଲାଏ ତାଲିକାରେ ସ୍ଥାନିତ ହେବେ।

"ଆମେ ଏହି ପ୍ରସଙ୍ଗରେ ଏକାଧିକ ବୈଠକ କରିଛୁ ଏବଂ ସିଦ୍ଧାନ୍ତ ନେଇଛୁ ଯେ ନିୟମ ଏବଂ ନିୟମରେ ସଂଶୋଧନ ଆବଶ୍ୟକ। ଅପରାଧୀମାନେ ଧରାଯିବା ପରେ ସେମାନଙ୍କୁ ନୋ-ଫ୍ଲାଏ ତାଲିକାରେ ରଖାଯିବ।'' ନାଇଡୁ କହିଛନ୍ତି ଯେ ରହିଥିବା ଆଇନକୁ ମଜବୁତ କରିବା ପାଇଁ ବିମାନ ମନ୍ତ୍ରଣାଳୟ ଅନ୍ୟ ମନ୍ତ୍ରଣାଳୟ ସହିତ ଯୋଗାଯୋଗ କରୁଛି। ବିଗତ କିଛି ଦିନ ମଧ୍ୟରେ ୭୫ ରୁ ଅଧିକ ବିମାନ ସୋସିଆଲ ମିଡିଆ, ଇମେଲ୍ କିମ୍ବା କଲ୍ ମାଧ୍ୟମରେ ଧମକ ବାର୍ତ୍ତା ଗ୍ରହଣ କରିଛନ୍ତି। କେବଳ ଶନିବାର ଦିନ ୩୦ ରୁ ଅଧିକ ବିମାନ ଏହିପରି ବାର୍ତ୍ତା ଗ୍ରହଣ କରିଥିବା ସୂଚନା ରହିଛି।

## ଭାଙ୍ଗିଲା ଟାଟା ଗ୍ରୁପର ଏହି ପୁରୁଣା ପରମ୍ପରା! ନୋଏଲ ଆସିବା ପରେ ହେଲା ପରିବର୍ତ୍ତନ



**ମୁମ୍ବାଇ.୨୧।୧୦:** ରତନ ଟାଟାଙ୍କ ମୃତ୍ୟୁ ପରେ ଟାଟା ଟ୍ରଷ୍ଟ ନିଯୁକ୍ତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ଲାଇଭ ମିଣ୍ଟ ରିପୋର୍ଟ ଅନୁଯାୟୀ, ସାର୍ ରତନ ଟାଟା ଟ୍ରଷ୍ଟ ଏବଂ ସାର୍ ଦୋରାବଜୀ ଟାଟା ଟ୍ରଷ୍ଟର ଟ୍ରଷ୍ଟିମାନେ ସ୍ଥାୟୀ ସଦସ୍ୟ ହୋଇପାରିଛନ୍ତି, ଯାହା ଫଳରେ ନିର୍ଦ୍ଦିଷ୍ଟ ସମୟର ନିଯୁକ୍ତି ବ୍ୟବସ୍ଥା ଶେଷ ହେବ। ରିପୋର୍ଟ ଅନୁଯାୟୀ, ଅନୁଷ୍ଠିତ ଉଭୟ ଟ୍ରଷ୍ଟର ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଏହି ପଦକ୍ଷେପ ପରେ ବୋର୍ଡ ସଦସ୍ୟମାନେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଲେ ଅବସର ନେବେ ନାହିଁ ଏବଂ ନୂତନ ସଦସ୍ୟଙ୍କ ନିଯୁକ୍ତି କେବଳ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସହମତି ପରେ କରାଯିବ। ବିଜନେସ ଡେଲି ଅନୁଯାୟୀ, ଏହି ଦୁଇ ଟ୍ରଷ୍ଟ ମିଳିତ ଭାବରେ ୧୬୫ ବିଲିୟନ ଡଲାରର ହୋଲଡିଂ କମ୍ପାନୀ ଟାଟା ସନ୍ସର ଅଧାରୁ ଅଧିକ ଅଂଶଧନ ଧାରଣ କରିଛନ୍ତି। ଏଥିରେ ଟାଟା ଗ୍ରୁପର ଅନେକ ନାମୀଦାମୀ କମ୍ପାନୀର ସେୟାର ଅନ୍ତର୍ଭୁକ୍ତ । ଟାଟା ଟ୍ରଷ୍ଟ ଗୋଷ୍ଠୀର ସମସ୍ତ ପରୋପକାରୀ କାର୍ଯ୍ୟକଳାପ ପରିଚାଳନା କରେ। ରିପୋର୍ଟ ଅନୁଯାୟୀ, ସାର୍ ରତନ ଟାଟା ଟ୍ରଷ୍ଟର ଟାଟା ସନ୍ସର ୨୭.୯୮ ପ୍ରତିଶତ ଅଂଶଧନ ଥିବାବେଳେ ସାର୍ ଦୋରାବଜୀ ଟାଟା ହୋଲଡିଂ ଫାର୍ମର ୨୩.୫୬ ପ୍ରତିଶତ ଅଂଶଧନ ଧାରଣ କରିଛନ୍ତି। ଅକ୍ଟୋବର ୧୧ରେ ନୋଏଲ ଟାଟା ଟାଟା ଟ୍ରଷ୍ଟର ମୁଖ୍ୟ ଭାବରେ ନିଯୁକ୍ତ ହେବା ପରେ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହା ଦ୍ୱିତୀୟ ବୋର୍ଡ ବୈଠକ ଥିଲା। ତଥାପି, ମନି କଣ୍ଟ୍ରୋଲ ସ୍ୱାଧୀନ ଭାବରେ ରିପୋର୍ଟ ଯାଞ୍ଚ କରିପାରିଲା ନାହିଁ। କର୍ପୋରେଟ ଆଇକନ ରତନ ଟାଟାଙ୍କ ଦେହାନ୍ତ ପରେ ନୋଏଲ ଟାଟାଙ୍କୁ ନିଯୁକ୍ତ କରାଯାଇଥିଲା। ସମ୍ପର୍କ ଅନୁଯାୟୀ, ନୋଏଲ ଟାଟା ହେଉଛି ରତନ ଟାଟାଙ୍କ ସାବତ ଭାଇ।

## ଦୃଢ଼ ପ୍ରତ୍ୟାବର୍ତ୍ତନ ପଥରେ ଅନୀଲ

# ୬୦୦୦ କୋଟି ସଂଗ୍ରହ କରିବେ




**ମୁମ୍ବାଇ, ୨୧।୧୦:** ଲୋକଲୋଚନରୁ ଦୂରେଇ ଯାଇଥିବା ଶିଳ୍ପପତି ଅନୀଲ ଅମ୍ବାନି ଦୃଢ଼ ପ୍ରତ୍ୟାବର୍ତ୍ତନ ପଥରେ ଆଗକୁ ବଢ଼ିଛନ୍ତି। ନିଜର ଅନେକ ପୁରୁଣା କମ୍ପାନିକୁ ହରାଇବା ପରେ ପୁଣି ଥରେ ହଜିଯାଇଥିବା ଗୌରବ ଫେରିପାଇବା ଲାଗି ସେ ଜୋରଦାର ଉଦ୍ୟମ କରୁଛନ୍ତି। ତାଙ୍କ କମ୍ପାନି ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍‌ଚର୍ ୬୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯାଉଛି। ସେହି ପ୍ରସ୍ତାବ ସପକ୍ଷରେ କମ୍ପାନିର ୯୮ ପ୍ରତିଶତରୁ ଅଧିକ ଅଂଶଧନକାରୀ ମତଦାନ କରିଛନ୍ତି ଯାହା ଅନୀଲଙ୍କ ନେତୃତ୍ୱ ଉପରେ ସେମାନଙ୍କ ଭରସାକୁ ପ୍ରତିଫଳିତ କରୁଛି।

ରିଲାଏନ୍ସ ଇନଫ୍ରାଷ୍ଟ୍ରକଚର୍‌ର ବୋର୍ଡ ମଞ୍ଜୁର କରିଥିବା ଯୋଜନା ଅନୁସାରେ ସେୟାର ଆବଣ୍ଟନ ଜରିଆରେ ୩୦୧୪ କୋଟି ଟଙ୍କା ଏବଂ ଯୋଗ୍ୟ ସଂସ୍ଥାଗତ ପ୍ଲେସ୍‌ମେଣ୍ଟ ଜରିଆରେ ୩୦୦୦ କୋଟି ଟଙ୍କା ସଂଗ୍ରହ କରାଯିବ। କମ୍ପାନି ପ୍ରଥମ ପର୍ଯ୍ୟାୟରେ ଏହାର ୧୨.୫୬ ପ୍ରତିଶତ ଅଂଶଧନକୁ ବିକ୍ରି କରି ୩୦୧୪ କୋଟି ଟଙ୍କା ଯୋଗାଡ଼ କରିବ। ସେୟାର ପିଛା ୨୪୦ ଟଙ୍କାରେ କମ୍ପାନି ଏହି ପାଣ୍ଠି ସଂଗ୍ରହ କରିବ। ଏଥିରେ ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍‌ଚର୍‌ର ପ୍ରତିଷ୍ଠାତା ୧୧୦୪ କୋଟି ଟଙ୍କା ନିବେଶ କରିବେ। ରାଇଜ୍ ଇନ୍‌ଫିନିଟି ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ଏହା ୪.୬୦ କୋଟି ସେୟାର ହାସଲ କରିବ। ଏହା ବ୍ୟତୀତ ମୁମ୍ବାଇର ସଂସ୍ଥା ଫର୍ଚୁନ୍ ଫାଇନାନ୍ସିଆଲ ଆଣ୍ଡ ଇକ୍ୱିଟିଜ୍ ସର୍ଭିସେସ୍ ଓ ଫ୍ଲୋରିନ୍‌ଟ୍ରି ଇନୋଭେସନ୍ସ ଏଲ୍‌ଏଲ୍‌ପି ମଧ୍ୟ ନିବେଶ କରିବେ। ଫର୍ଚୁନ୍ ଫାଇନାନ୍ସିଆଲ୍ ୧୦୫୮ କୋଟି ଟଙ୍କା ଏବଂ ଫ୍ଲୋରିନ୍‌ଟ୍ରି ଇନୋଭେସନ୍ସ ୮୫୨ କୋଟି ଟଙ୍କା ନିବେଶ କରିବେ। ଏହି ପାଣ୍ଠି ସଂଗ୍ରହ ହେବା ପରେ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକଚର୍‌ର ମୂଲ୍ୟ ୯୦୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୨,୦୦୦ କୋଟି ଟଙ୍କା ହେବ। କମ୍ପାନିର ଋଣ ସମ୍ପୂର୍ଣ୍ଣ ଶୂନ ହୋଇଯିବ। ସଂଗୃହୀତ ପାଣ୍ଠିକୁ କମ୍ପାନି ବ୍ୟବସାୟ ସମ୍ପ୍ରସାରଣ କରିବାରେ ବ୍ୟବହାର କରିବ ଯାହା ଏହାକୁ ଏକ ଅଗ୍ରଣୀ ଭିତ୍ତିଭୂମି କମ୍ପାନିରେ ପରିଣତ କରିବ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟବୀମାରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ସରକାରଙ୍କ ନିଷ୍ପତ୍ତି



**ନୂଆଦିଲ୍ଲୀ, ୨୧।୧୦ :** ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ସମ୍ପୂର୍ଣ୍ଣ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ମନ୍ତ୍ରୀସ୍ତରୀୟ କମିଟି ସୁପାରିଶ କରିଛି । ଜିଏସ୍‌ଟି ପରିଷଦକୁ ସୁପାରିଶ କରାଯାଇଥିବା ନିଷ୍ପତ୍ତି ଅନୁସାରେ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଏବଂ ବରିଷ୍ଠ ନାଗରିମାନଙ୍କ ସ୍ୱାସ୍ଥ୍ୟବୀମା ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରାଯାଇଛି। ହେଲେ, ୫ ଲକ୍ଷରୁ ଅଧିକ ଟଙ୍କାର ସ୍ୱାସ୍ଥ୍ୟବୀମା ଉପରେ ୧୮ ପ୍ରତିଶତ ଜିଏସ୍‌ଟି ପୂର୍ବଭଳି ଲାଗୁ ରହିବ। ଏହାବ୍ୟତୀତ ୨୦ ଲିଟର ପାଣିବୋତଲ, ସାଇକେଲ ଏବଂ ନୋଟ୍‌ବୁକ୍ ଉପରେ ଜିଏସ୍‌ଟି ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ମନ୍ତ୍ରୀସ୍ତରୀୟ କମିଟି ପ୍ରସ୍ତାବ ଦେଇଛି । ସୂଚନାଯୋଗ୍ୟ, ଗତକାଲି ନୂଆଦିଲ୍ଲୀରେ ଜିଏସ୍‌ଟି ସମ୍ପର୍କିତ ମନ୍ତ୍ରୀ ପରିଷଦର ବୈଠକ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

## ଜିଏସଟି ମନ୍ତ୍ରୀ ଗୋଷ୍ଠୀର ସୁପାରିଶ

# ମହଙ୍ଗା ହୋଇପାରେ ଦାମୀ ଘଡ଼ି ଓ ଜୋତା

**ନୂଆଦିଲ୍ଲୀ, ୨୧।୧୦:** ଜିଏସଟି ହାରକୁ ନେଇ ଗଠିତ ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) ଶନିବାର ୨୦ ଲିଟର ପାଣି ବୋତଲ, ସାଇକେଲ୍ ଏବଂ ଅଭ୍ୟାସ ନୋଟବୁକ୍ ଉପରେ ଟିକସ ହାର ୧୮%ରୁ ୫%କୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏହାବ୍ୟତୀତ ସ୍ୱାସ୍ଥ୍ୟବୀମା ଉପରେ ଜିଏସଟି କମାଇବାକୁ ସୁପାରିଶ କରାଯାଇଛି। ସେପଟେ ଜିଓଏମ୍ ଦାମୀ ଘଡ଼ି ଓ ଜୋତା ଉପରେ ଟିକସ ବଢ଼ାଇବାକୁ ପରାମର୍ଶ ଦେଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସଟି ହାର କୁ ନେଇ ଜିଓଏମର ନିଷ୍ପତ୍ତି ଦ୍ୱାରା ୨୨,୦୦୦ କୋଟି ଟଙ୍କାର ରାଜସ୍ୱ ଲାଭ ହେବ ବୋଲି ଆଶା କରାଯାଉଛି। ୨୦ ଲିଟର କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପାଣି ବୋତଲ ଉପରେ ଜିଏସଟି ୧୮%ରୁ ୫%କୁ ହ୍ରାସ କରିବାକୁ ମନ୍ତ୍ରୀ ଗୋଷ୍ଠୀ ସୁପାରିସ କରିଛି। ଏହାବ୍ୟତୀତ ଅଭ୍ୟାସ ନୋଟବୁକ୍ ଉପରେ ଜିଏସ୍ ଟି ୧୨%ରୁ ୫%କୁ ହ୍ରାସ କରିବାକୁ ସୁପାରିସ କରାଯାଇଥିଲା। ସେହିପରି ୧୦ ହଜାର ଟଙ୍କାରୁ କମ୍ ମୂଲ୍ୟର ସାଇକେଲ ଉପରେ ଜିଏସଟି ୧୨%ରୁ ୫%କୁ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଛି। ଜିଏସଟି କାଉନସିଲ ଏହି ସୁପାରିସ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା, ରାଜସ୍ଥାନ ସ୍ୱାସ୍ଥ୍ୟ ସେବା ମନ୍ତ୍ରୀ ଗଜେନ୍ଦ୍ର ସିଂହ, କର୍ଣ୍ଣାଟକ ରାଜସ୍ୱ ମନ୍ତ୍ରୀ କ୍ରିଷ୍ଣା ବାଇରେ ଗୌଡ଼ା ଏବଂ କେରଳ ଅର୍ଥମନ୍ତ୍ରୀ କେଏନ୍ ବାଳଗୋପାଳଙ୍କୁ ନେଇ ଗଠିତ ୬ ଜଣିଆ ଜିଏସଟି ପ୍ୟାନେଲ ୧୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଜୋତା ଏବଂ ୨୫,୦ ଟଙ୍କାରୁ ଅଧିକ ମୂଲ୍ୟର ହାତଘଡ଼ି ଉପରେ ଜିଏସଟି ୧୮%ରୁ ୨୮%କୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।



## ମଥାରେ ସିନ୍ଦୂର ଭରି ପରୀଣିତୀଙ୍କ କରୱାଚୌତ ବ୍ରତ ଭାଙ୍ଗିଲେ ସ୍ୱାମୀ ରାଘବ

**ମୁମ୍ବାଇ, ୨୧।୧୦:** ଗତକାଲି କରୱାଚୌତ ବ୍ରତ ଅବସରରେ ବଲିଉଡର ଅନେକ ଲଭ୍-ବାର୍ଡଙ୍କୁ ଏହି ବ୍ରତ ପାଳନ କରୁଥିବାର ଦେଖିବାକୁ ମିଳିଥିଲା। ମୁମ୍ବାଇର ଅନୀଲ କପୁରଙ୍କ ଘରେ ପୂଜା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ଏବଂ ସିନେମା ଶିଳ୍ପ ସହ ଜଡିତ ସମସ୍ତ ଲୋକ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ଅଭିନେତ୍ରୀ ପରିଣୀତି ଚୋପ୍ରା ଦିଲ୍ଲୀରେ ଥିବା ତାଙ୍କ ଶାଶୂଙ୍କ ଘରକୁ ଆସିଥିଲେ। ଏଠାରେ ସେ ତାଙ୍କ ସ୍ୱାମୀ ତଥା ଆପ୍ ନେତା ରାଘବ ଚାଢ଼ାଙ୍କ ହାତରେ ନିଜର ଉପବାସ ଭାଙ୍ଗିଥିଲେ। ତାଙ୍କର ଅନେକ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପରିଣୀତି ଚୋପ୍ରା ଏବଂ ରାଘବ ଚଢ଼ା ୨୪ ସେପ୍ଟେମ୍ବର ୨୦୨୩ରେ ଦିଲ୍ଲୀରେ ବିବାହ କରିଥିଲେ। ସେମାନଙ୍କ ବିବାହର ଏକ ବର୍ଷ ବିତିଗଲାଣି। ଏଥର ଥିଲା ତାଙ୍କର ଦ୍ୱିତୀୟ କରବାଚୌତ। ଯେଉଁଥିପାଇଁ ସେ ଉପବାସ କରିଥିଲେ। ଯେତେବେଳେ ସେ ତାଙ୍କ ଶାଶୂ ଘରେ ପହଞ୍ଚିଲେ, ତାଙ୍କୁ ଏକ ଭବ୍ୟ ସ୍ୱାଗତ କରାଯାଇଥିଲା। ସେ ଏହାର ଭିଡିଓ ଇନଷ୍ଟାଗ୍ରାମରେ ମଧ୍ୟ ପୋଷ୍ଟ କରିଛନ୍ତି। ଗତବର୍ଷ କରବାଚୌତରେ ପରୀଣିତୀ ଚୋପ୍ରା ଏକ ମେରୁନ୍ ରଙ୍ଗର ପୋଷାକ ପିନ୍ଧିଥିଲେ। ଏଥର ତାଙ୍କୁ ଗୋଲାପୀ ସାଲୱାର ସୁଟରେ ଦେଖିବାକୁ ମିଳିଥିଲା। ସେ ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଫଟୋଗୁଡ଼ିକରେ ଅଭିନେତ୍ରୀ ନିଜ ମେହେନ୍ଦୀ ଓ ସ୍ୱାମୀ ରାଘବ ତାଙ୍କୁ ସିନ୍ଦୂର ପିନ୍ଧାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ସୁନ୍ଦରଗଡ,୨୧।୧୦(ସଂଚାର ବ୍ୟୁରୋ):** ସୋମବାର ସକାଳ ୯ ଟାରୁ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଅଲେଇକେରା ରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି- ୨୦୨୪ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଯୋଗଦାନ କରି ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ରାଜେଶ୍ୱରି ବୁଢ଼ା ଓ ସାଂସଦ ପ୍ରତିନିଧି ପରକ୍ଷିତ ସାହୁ ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ତାର୍ଜନ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରତିଭାବାନ ଛାତ୍ର ଛାତ୍ରୀ ମଧ୍ୟରେ ଲୁକ୍କାୟିତ ରହିଥିବା ପ୍ରତିଭାକୁ ବ୍ଲକ ସ୍ତରରେ ଚୟନ କରି ଜିଲ୍ଲା ସ୍ତରକୁ ପ୍ରେରଣ ପାଇଁ ଏକ ମାଧୂର୍ଯ୍ୟ ପୂର୍ଣ୍ଣ ପରିବେଶ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ସବ-ଜୁନିଅର, ଜୁନିଅର, ସିନିଅର ଓ ସୁପର ସିନିଅର ପ୍ରତିଯୋଗୀ ମାନଙ୍କର ପ୍ରତ୍ୟେକ କ୍ଷେତ୍ରରେ ଚୟନ କରଯାଇଥିଲା । ସାଧାରଣ ଜ୍ଞାନ, ରଚନା ଲିଖନ, ବକ୍ତବ୍ୟ ପ୍ରଦାନ, ତର୍କ ପ୍ରତିଯୋଗିତା, ପିଏମ ପୋଷଣ, ଚିତ୍ରକଳା, ଶିଳ୍ପକଳା, ସଙ୍ଗୀତ ଓ ସାଂସ୍କୃତିକ ପରିବେଷଣ ବିଷୟରେ ଚୟନ କରାଯାଇ ଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ଚୟନ ପାଇଁ ବିଭାପା ସୁନ୍ଦରଗଡର ବୃନ୍ଦାବନ ଦାଶ, ଅମରେଶ ସାମଲ ଓ ଲତିକା ପଟ୍ଟନାୟକ ବିଚାରକ ଦାୟିତ୍ୱ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୨୫୭ ଜଣ ପ୍ରତିଯୋଗୀ ଭାଗ ନେଇ ନିଜର ପାରଦର୍ଶିତା ଦେଖାଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଟିପିଏସ ଉଚ୍ଚ ବିଦ୍ୟାଳୟ ବନ୍ଧପାଲି, ଦ୍ୱିତୀୟ ସ୍ଥାନ ସରକାରି ଉଚ୍ଚ ବିଦ୍ୟାଳୟ ମେଘଡେଗା ଓ ତୃତୀୟ ସ୍ଥାନ ସରକାରି ଉଚ୍ଚ ବିଦ୍ୟାଳୟ ଅଲେଇକେରା କୁ ଚୟନ କରାଯାଇ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରଯାଇଥିଲା । କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପଟେଲ, ଲିନାମୟୀ ପଟେଲ ଓ ଟିକେଶ୍ୱର ବାଦି ମଞ୍ଚ ପରିଚାଳନା କରିଥିଲେ ।

# ଗଛରେ ଝୁଲୁଛି ନାବାଳକର ଶବ



**ସୁନ୍ଦରଗଡ଼,୨୧।୧୦(ସଂଚାର ବ୍ୟୁରୋ):** ଗତକାଲି ଯାତ୍ରା ଦେଖିବାକୁ ଯାଇଥିଲେ ନାବାଳକ। ଆଜି ସକାଳେ ଗାଁ ନିକଟ ଗଛରୁ ମିଳିଲା ନାବାଳକଙ୍କ ଝୁଲନ୍ତା ମୃତଦେହ। ନାବାଳକଙ୍କୁ କିଏ ହତ୍ୟା କରି ଟାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ଥାନା ଅଞ୍ଚଳରେ। ଗାଁରେ ଯାତ୍ରା ହେଉଥିଲା। ନାବାଳକ ଜଣଙ୍କ ଯାତ୍ରା ଦେଖିବାକୁ ଯାଇଥିଲେ, ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରିବାର ଲୋକେ ନାବାଳକଙ୍କୁ ବହୁତ ଖୋଜାଖୋଜି କରିଥିଲେ, ହେଲେ ପାଇ ନଥିଲେ। ଆଜି ସକାଳେ ଲହୁଣିପଡ଼ା ଥାନା ଅନ୍ତର୍ଗତ ହଳଦିକାଞ୍ଚ ସ୍କୁଲ୍ ନିକଟରେ ଥିବା ବର ଗଛରେ ନାବାଳକଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖିଥିଲେ। ଏନେଇ ପରିବାର ଲୋକଙ୍କୁ ଖବର ଦେବା ସହ ପୁଲିସକୁ ଘଟଣା ସଂପର୍କରେ ଜଣାଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ନାବାଳକଙ୍କୁ କିଏ ହତ୍ୟା କରି ଟାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଚିତ୍ରାଙ୍କନ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣପଦକ ହାସଲ




**ଯୋଡ଼ା,୨୧।୧୦(ସଂଚାର ବ୍ୟୁରୋ):** ଟାଟା ଡି, ଏ, ଭି ଯୋଡ଼ା ର ସାତ ବର୍ଷ ର କୁନି ବାଳିକା ସାନଭି ବେହେରା, ପିତା ପାର୍ଥ ସାରଥୀ ବେହେରା ୨୦୨୩-୨୪ପାଇଁ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଚିତ୍ରାଙ୍କନ ଅଲିମ୍ପିଆଡ଼ରେ ଭାଗ ନେଇ ନବମ ସ୍ଥାନ ହାସଲ କରିଥିବା ବେଳେ ଆମ ରାଜ୍ୟ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଏହି କୁନି ଛାତ୍ରୀ ଙ୍କୁ ସ୍ୱର୍ଣ ପଦକ ମିଳିବା ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଅଛି. ପ୍ରତିବର୍ଷ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କର ଅନ୍ତଃନିହିତ ଗୁଣାବଳୀ ର ବିକାଶ ନିମନ୍ତେ ଚିତ୍ରାଙ୍କନ, ପେଣ୍ଟିଙ୍ଗ, ଓ ସ୍କେଚିଂ ପରି ପ୍ରତିଯୋଗିତା କରାଯାଇ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବା ସହିତ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ. ପ୍ରତିବର୍ଷ କେନ୍ଦୁଝର ଜିଲ୍ଲା ର ଖଣି ଖାଦାନ ପରିବେଷ୍ଟିତ ଆଦିବାସୀ ଅଧୁଷିତ ଅଂଚଳରୁ ଏହିପରି ମେଧାବୀ ଛାତ୍ର ଛାତ୍ରୀ ମାନେ ଆନ୍ତର୍ଜାତୀୟ ସ୍ତରରେ ଭାଗ ନେଇ ଏହି ଅଞ୍ଚଳ ପାଇଁ ଓ ରାଜ୍ୟ ପାଇଁ ଗୌରବ ବଢ଼ାଇଥିବା ବେଳେ ଚଳିତ ବର୍ଷ ସାନଭି ବେହେରା ଏହି କୃତିତ୍ୱ ହାସଲ କରିଥିବାରୁ ଯୋଡ଼ା ତଥା ଜିଲ୍ଲା ରୁ ଶୁଭେଚ୍ଛା ର ସୁଅ ଛୁଟି ଆସୁଥିବାର ଦେଖିବାକୁ ମିଳୁଥିଲା. ଏହାଦ୍ୱାରା ଅନ୍ୟ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏହା ପ୍ରେରଣା ସାଜିଥିବାରୁ ସାନଭି ବେହେରା ଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଜନସାଧାରଣ ତାଙ୍କୁ ଅଧିକ ପ୍ରୋତ୍ସାହିତ କରିଥିଲେ.. ବଣ ମଲ୍ଲୀ ବଣ ରେ ଫୁଟିବା ପରି ଏହି ସାତ ବର୍ଷ ରକୁନି ଅଲିମ୍ପିୟାଡ଼ ସାନଭି ବେହେରା ର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଥିଲେ ଓ ଦେଶ ପାଇଁ ଗୌରବ ଆଣିବା ପାଇଁ ଉଦ୍ୟମ ଜାରି ରଖିବାକୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ।

# କାର୍ତ୍ତିକ ଆରମ୍ଭରୁ ପରିବା ଦର ଆକାଶଛୁଆଁ



**ସୁବର୍ଣ୍ଣପୁର,୨୧।୧୦(ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ଆରମ୍ଭରୁ ହିଁ ପରିବା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ପୂଣ୍ୟ ମାସ ଭାବେ କଥିତ ଏହି ମାସରେ ସଂଖ୍ୟାଧିକ ଘରେ ଆମିଷ ନିଷେଧ। ଏଣୁ ସାଦା ବା ନିରାମିଷ ଖାଦ୍ୟ ପାଇଁ ପନିପରିବା ଉପରେ ଅଧିକ ନିର୍ଭରଶୀଳ ହୋଇ ପଡୁଛନ୍ତି ଲୋକେ। ହେଲେ ଗତ କିଛି ଦିନରେ ପନିପରିବା ଦର ବେଶ୍ ଦର ବୃଦ୍ଧି ପାଇଛି, ଯାହାକୁ ନେଇ ଗ୍ରାହକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଅନ୍ୟ ଉପାୟ ନହୋଇ ଲୋକେ ପୂର୍ବାପେକ୍ଷା କମ୍ ପରିମାଣର ପନିପରିବା ନେଇ କାମ ଚଳାଇବାକୁ ବାଧ୍ୟ ହେଉଛନ୍ତି। ପକେଟରୁ ଅଧିକ ଟଙ୍କା ଯାଉଛି, ମାତ୍ର ବ୍ୟାଗରେ ପରିବା ଭର୍ତ୍ତି ହେଉନି। ଏକଦା ବୀରମହାରାଜପୁର ଅଞ୍ଚଳରୁ ପ୍ରଚୁର ପରିମାଣରେ ପରିବା ଆମଦାନୀ ହୋଇ ସୁବର୍ଣ୍ଣପୁର ଜିଲ୍ଲା ସମେତ ନିକଟବର୍ତ୍ତୀ ଅଞ୍ଚଳକୁ ବହୁଳ ପରିମାଣରେ ପନିପରିବା ରପ୍ତାନି କରାଯାଉଥିଲା କିନ୍ତୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳର ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇପଡ଼ିଛି। ଏହା ଛଡା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷୀ ବର୍ତ୍ତମାନ ଧାନ ଚାଷ ଓ କପା ଚାଷ କରୁଛନ୍ତି। ଯାହା ଫଳରେ ପରିବା ପାଇଁ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ପରିବା ଦର ବଢ଼ିବାରେ ଲାଗିଛି ବୋଲି ବ୍ୟବସାୟୀ ମାନେ ଯୁକ୍ତି ଦର୍ଶାଇଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ପରିବା ଆମଦାନୀ ପରେ ଦର କମିବ ବୋଲି ବ୍ୟବସାୟୀ ମାନେ ଆଶା କରିଛନ୍ତି। ଅନ୍ୟ ପକ୍ଷରେ ସ୍ଥାନୀୟ ଅଞ୍ଚଳରୁ ଆମଦାନୀ ହେଉଥିବା ପନିପରିବା ବହୁଳ ପରିମାଣରେ ବାହାର ଅଞ୍ଚଳକୁ ରପ୍ତାନି କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପରିବା ଦର ବୃଦ୍ଧି ପାଉଛିଯ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଓଷା ବ୍ରତ ତଥା ପୂଣ୍ୟ ଅର୍ଜନର ମାସ କାର୍ତ୍ତିକରେ ଅଧିକାଂଶ ଘରେ ଆମିଷ ପଶୁନି। ତେଣୁ ଏହି ମାସରେ ସାଧାରଣତଃ ଆମିଷ ଅପେକ୍ଷା ପନିପରିବାର ଚାହିଦା ବେଶ୍ ଅଧିକ। ଗତ କିଛି ଦିନରେ ପରିବା ଦର ଢେର ଅଧିକ ରହିଥିବାରୁ ଖାଉଟିଙ୍କ ପକେଟକୁ ଢିଲା କରୁଛି ପରିବା ଦର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପରିବା ବଜାରରେ ଆଳୁ ଦର କିଲୋ ପିଛା ୩୫ ଟଙ୍କା ରହିଥିବା ବେଳେ ପିଆଜ ୬୦, ଟମାଟୋ ୬୦ରୁ ୭୦, ଫୁଲକୋବି ୮୦, ବିନ ୧୦୦ ରୁ ୧୨୦, ପୋଟଳ ୬୦, ସାରୁ ୬୦, ଭେଣ୍ଡି ୬୦, ବନ୍ଧାକୋବି ୪୦ଟଙ୍କା, ଦେଶୀ ଆଳୁ ୫୦ ଟଙ୍କା, ବାଇଗଣ ୬୦, ଓ ଜହ୍ନି ୬୦, କଖାରୁ ଓ ଭଣ୍ଡା ୨୫ରୁ ୩୦ ଟଙ୍କା , କଞ୍ଚା ଲଙ୍କା ୧୦୦ ଟଙ୍କା ଦରରେ ବିକ୍ରି ହେଉଛି। କାର୍ତ୍ତିକରେ ହବିଷ୍ୟାଳୀଙ୍କ ରୋଷେଇରେ ବ୍ୟବହୃତ କଞ୍ଚା କଦଳୀ ଗୋଟାକୁ ୧୦ ଟଙ୍କା ରହିଛି। ଏପରିକି ଶାଗ ବିଡା ୨୦ ଟଙ୍କା ରହିଥିବା ଦେଖିବାକୁ ମିଳିଛି। ଗତ କିଛି ଦିନ ତଳେ ପରିବା ଦର ଯାହା ଥିଲା କାର୍ତ୍ତିକରେ ପ୍ରାୟ ଦୁଇ ଗୁଣା ହୋଇଛି। କାର୍ତ୍ତିକରେ ଆମିଷ ଖିଆ ବନ୍ଦ ଥିବାରୁ ପରିବା ଦର ବାଧୁଛି, ଆବଶ୍ୟକ ଠାରୁ କମ୍ ପରିମାଣରେ ନେଇ କାମ ଚଳାଇବାକୁ ପଡୁଛି ବୋଲି କିଛି ଗ୍ରାହକ କହିଛନ୍ତି। ଗରିବ ପରିବାରର ହାଣ୍ଡିଶାଳରେ ସତେଯେମିତି ବଜ୍ରପ୍ରହାର ପଡ଼ିଛି। ଗୃହିଣୀ ମାନେ ଏବେ ବଜାରର ପରିବା ଦରକୁ ଦେଖି ତାକୁ ନେଇ ପରିବାର ଚଳାଇବା କାଠିକର ପାଠ। ପରିବା ଦୋକାନ ରୁ ପାଏ ନେଇ କାମ ଚଳାଇବାକୁ ପଡୁଛି। ଏଭଳି ସ୍ଥିତିରେ ଆଗକୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବ।



# ଉଦ୍‌ଘାଟିତ ହେଲା ଫୁଟବଲ ମହାକୁମ୍ଭ

**ନୂଆପଡ଼ା,୨୧।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆ ରେ ଜିଲ୍ଲାପାଳ ମଧୁସୂଦନ ଦାଶ ଙ୍କ ଦ୍ୱାରା ଉଦଘାଟିତ ହେଲା ଫୁଟବଲ ମହାକୁମ୍ଭ। ଏହା ଗ୍ରାମାଞ୍ଚଳ ରେ ଫୁଟବଲ ଚାହିଦା ବୃଦ୍ଧି ସାଙ୍ଗକୁ ଯୁବ ଗୋଷ୍ଠୀ ମଧ୍ୟରେ ଏକତା ସମ୍ପର୍କ ର ମହାକୁମ୍ଭ ବୋଲି ମତବ୍ୟକ୍ତ କରିଛନ୍ତି।

ଆଜି ଉଦଘାଟନୀ ଖେଳ ଗୋର୍ଲା ଏବଂ ତୁକଲା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମାର୍ଦ୍ଧ ରେ ତୁକଲା ୪-୦ ଗୋଲ ରେ ବିଜୟୀ। ଏହି ଫୁଟବଲ ମହାକୁମ୍ଭ କେ.ସି.ଏସ.ଏ ଦ୍ୱାରା ଆୟୋଜିତ ହେଉଅଛି। ଉଦ୍ଘାଟନୀ ସଭା ରେ ଖଡିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଁଲ, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡିଆଳ ଏନ.ଏ.ସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ଜିଲ୍ଲା ପରିଷଦ ସଭ୍ୟ ତନୟା ଶବର,ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା,ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସରପଞ୍ଚ ସନ୍ତୋଷ ମିଶ୍ର ଆବାହକ ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ଛବି ସାଗର, ପ୍ରମୁଖ ଯୋଗ ଦେଇଥିଲେ।

ଏହି ଫୁଟବଲ ମହାକୁମ୍ଭ ରେ ଖଡିଆଳ, ସିନାପାଲି, ବୋଡ଼େନ ବ୍ଲକ ୬୮ ଗୋଟି ପଞ୍ଚାୟତର ୭୦ ଦଳ ଦେବେ ଯୋଗଦାନ କରିବେ।

## ସ୍ତ୍ରୀର ତଣ୍ଟି ଚିପି ହତ୍ୟା କଲା ସ୍ୱାମୀ

# ଚାରି ଦିନ ପରେ ପୋଖରୀରୁ ଶବ ଉଦ୍ଧାର



**ରାଇଘର,୨୧।୧୦(ସଂଚାର ବ୍ୟୁରୋ):** ଚରିତ୍ରକୁ ସନ୍ଦେହ କରି ସ୍ତ୍ରୀର ତଣ୍ଟି ଚିପି ହତ୍ୟା କଲା ସ୍ୱାମୀ । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀକୁ ପ୍ରଥମେ ତଣ୍ଟି ଚିପି ହତ୍ୟା କରିବା ପରେ ପୋଖରୀରେ ଶବ ସହ ପଥର ବାନ୍ଧି ଫୋପାଡି ଦେଇଥିବା ବେଳେ ଚାରି ଦିନ ପରେ ଶବ ଉଦ୍ଧାର ହୋଇଛି। କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କ ତଥ୍ୟ ଅନୁଯାୟୀ ରାଇଘର ବ୍ଲକ କୁନ୍ଦେଇ ଥାନା ଅନ୍ତର୍ଗତ ଖୁଲି ଗ୍ରାମର ସୁକୁରାମ ଗଣ୍ଡଙ୍କ ପୁଅ ମାହାଙ୍କୁ ଗଣ୍ଡ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଗତ ୧୬ ତାରିଖ ବୁଧବାର ଦିନ ସ୍ତ୍ରୀ ରଜନ ବାଇ ଗଣ୍ଡ (୩୫) କୁ ବାପ ଘରେ ଛାଡି ଦେବି କହି ଦୁହେଁ ସେମରଡିହି ଅଭିମୁଖେ ବାହାରିଥିଲେ। ବାଟରେ ସ୍ୱାମୀ ମାହାଙ୍କୁ ସ୍ତ୍ରୀର ତଣ୍ଟି ଚିପି ହତ୍ୟା କରିବା ପରେ ରାତିରେ ସେମରଡିହି ଗ୍ରାମର ବଜରଙ୍ଗି ବନ୍ଧରେ ପଥର ବାନ୍ଧି ଫିଙ୍ଗି ଦେଇଥିଲା । ଏହା ପରେ ମାହାଙ୍କୁ ଘରେ ଆସି ରହିଥିବା ବେଳେ ସେମରଡିହି ଗ୍ରାମରେ ଚାରି ଦିନ ପରେ ଅର୍ଥାତ ଶନିବାର ଦିନ ପୋଖରୀରେ ଗାଧୋଇବା ସମୟରେ ଏକ ଶବ ଭାସିବା ଦେଖି ଗ୍ରାମରେ ଅବଗତ ପରେ ସମସ୍ତେ ଆସି ଦେଖୁବା ବେଳକୁ ଉକ୍ତ ଶବ ରଜନ୍ ବାଇ ବୋଲି ଜଣାପଡ଼ିଥିଲା । ଏହା ପରେ ମୃତ ରଜନ୍ ବାଇ ଗଣ୍ଡର ସାନ ଭାଇ ଭୋଲା ରାମ ଗଣ୍ଡ କୁନ୍ଦେଇ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ କେଶ ନମ୍ବର ୧୦୨/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତରେ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ହତ୍ୟା କରିଥିବା ସ୍ୱୀକାର କରିଛି ।

# ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଉଦ୍ୟମ

**ନୂଆପଡା ,୨୧।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ନୁଆମାଳପଡା ଗ୍ରାମ ପଞ୍ଚାୟତ ପୋର୍ଟିପଡା ଗ୍ରାମରେ ଗୁଣି ଗାରେଡ଼ି ସନ୍ଦେହ ରେ ଗ୍ରାମର ଖାମ ସିଂ ମାଝି (୬୫) ନାମକ ବ୍ୟକ୍ତି ଙ୍କୁ ଶରୀର ରେ ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ରେ ୧୪ ଜଣ ଅଭିଯୁକ୍ତ ଙ୍କୁ ସିନାପାଲି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଗ୍ରାମର ଗିରିଧାରୀ ମାଝି (୨୨), ହୁକୁମ ମାଝି (୪୯), ଭୁବନେଶ୍ୱର ମାଝି (୨୫), ଡୁମଲ ମାଝି (୨୭), ଲଳିତ ମାଝି (୫୫), ଗିରିଧାରୀ ମାଝି (୨୧), କ୍ଷୀରସିନ୍ଧୁ ମାଝି (୨୧), ଗୁନେଶ୍ୱର ମାଝି (୨୦), ଡକେନ୍ଦ୍ର ମାଝି (୧୯), ତେଜମନ ମାଝି ( ୨୬), ରାଇବାରୁ ମାଝୀ (୨୭), ତ୍ରିନାଥ ମାଝି (୧୯), ପୁସ୍ତମ ମାଝି (୧୯) ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି । ଏ ନେଇ ସିନାପାଲି ଥାନାରେ କେସ ନଂ ୩୪୬/୨୪ ଅନୁସାରେ ମାମଲା ରୁଜୁ କରାଯାଇଥିବା ବେଳେ ଦଫା ୧୨୬(୨),୧୦୯,୧୧୮(୨),୧୯୧,୧୯୦ ବିଏନଏସ ଅନୁସାରେ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗ୍ରାମର ଖାମସିଂ ମାଝି ଗୁଣି ଗାରେଡ଼ି କରୁଥିବା ସନ୍ଦେହ କରି ଗ୍ରାମରେ ବୈଠକ ଡକାଯାଇଥିଲା। ସେଠାରେ ଗ୍ରାମବାସୀ ଙ୍କ ଉପସ୍ଥିତି ରେ ସମାଧାନ ହୋଇଥଲା। ସମସ୍ତେ ନିଜ ଘରକୁ ଫେରିଥିଲେ ହେଲେ କିଛି ବ୍ୟକ୍ତି ଖାମସିଂ ମାଝି ଙ୍କୁ ଅନ୍ୟତ୍ର ଜାଗାକୁ ଡାକି ନେଇଥିଲେ। ଗ୍ରାମର ଏକ ସ୍ଥାନରେ ଦେହ ରେ ପାଳ ନଡ଼ା ଗୁଡ଼ାଇ ଦେହରେ ପେଟ୍ରୋଲ ଢ଼ାଳି ଦେଇଥିଲେ। ଜୀବନ ବିକଳ ରେ ନିକଟରେ ଥିବା ପୋଖରୀ କୁ ଡେଇଁ ଜୀବନ ବଞ୍ଚାଇବା ରେ ସଫଳ ହୋଇଥିବା ୱେଳେ ମରଣ ସହ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏହି ଘଟଣା କୁ ନେଇ ଗୁରୁତର ଖାମସିଂ ମାଝି ଙ୍କ ପୁଅ ହେମଲାଲ ମାଝି ସିନାପାଲି ଥାନା ରେ ଲିଖିତ ଅଭିଯୋଗ କରିବା ପରେ ସିନାପାଲି ପୋଲିସ ଅଧିକ ତଦନ୍ତ ଚଳାଇଛି ଏହି ଘଟଣାର ଅଭିଯୁକ୍ତ ଙ୍କ ତରଫରୁ ବରିଷ୍ଠ ଆଇନଜିବୀ ବୈଶମ୍ପାୟନ ମେହେର ଓ ଋଷଭ ମେହେର ପରିଚାଳନା କରୁଥିବା ବେଳେ ଅନ୍ୟ ପକ୍ଷ ତରଫରୁ ସରକାରୀ ଓକିଲ ଇନ୍ଦ୍ରଦ୍ୟୁମ୍ନ ମାଝି ପରିଚାଳନା କରୁଥିବା ଜଣାପଡିଛି।

## ଗ୍ରାହକ ସେବା କେନ୍ଦ୍ର ଅଧିକାରୀଙ୍କ ନିକଟରୁ ଝାମ୍ପିନେଲେ ଟଙ୍କା ବ୍ୟାଗ




**ସୁନ୍ଦରଗଡ଼,୨୧।୧୦(ସଂଚାର ବ୍ୟୁରୋ):** ଗ୍ରାହକ ସେବା କେନ୍ଦ୍ର ବନ୍ଦ କରି ଘରକୁ ଫେରୁଥିଲେ ମହିଳା। ଅଧବାଟରେ ମହିଳାଙ୍କ ପାଖରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ଚମ୍ପଟ ମାରିଲେ ଦୁର୍ବୃତ୍ତ। ବ୍ୟାଗରେ ୪୦ରୁ ୫୦ ହଜାର ଟଙ୍କା ଥିଲା ବୋଲି କହିଛନ୍ତି ମହିଳା। ସୁନ୍ଦରଗଡ଼ ଜିଲ୍ଲା ଟେନସା ଫାଣ୍ଡି ଅଧିନସ୍ଥ ସିଜୋନ ଚର୍ଚ୍ଚ ନିକଟରେ ଏପରି ଘଟଣା ଘଟିଛି। ଏନେଇ ଥାନାରେ ଅଭିଯୋଗ କରିଛନ୍ତି ମହିଳା। ଗତକାଲି ରାତି ପ୍ରାୟ ୯ଟା ସମୟରେ ମହିଳା ଜଣଙ୍କ ପ୍ରତିଦିନ ପରି ଗ୍ରାହକ ସେବା କେନ୍ଦ୍ର ବନ୍ଦ କରି ଘରକୁ ଫେରୁଥିଲେ। ଘରକୁ ଯିବାବେଳେ ହାତରେ ବ୍ୟାଗଟି ଧରିଥିଲେ। ସେହି ବ୍ୟାଗରେ ୪୦ରୁ୫୦ ହଜାର ଟଙ୍କା ଥିଲା। ଏହି ସମୟରେ କିଛି ଦୁର୍ବୃତ୍ତ ବାଇକରେ ଆସି ମହିଳାଙ୍କ ପାଖରୁ ଟଙ୍କା ବ୍ୟାଗ ନେଇ ଚମ୍ପଟ ମାରିଥିଲେ। ଏନେଇ ମହିଳା ଜଣଙ୍କ ଟେନସା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ଖୋଳାତାଡ଼ ଆରମ୍ଭ କରିଛି।

# ରାସ୍ତାରେ ଓଲଟିଲା ଅଟୋ

**ରାୟଗଡ଼ା,୨୧।୧୦(ସଂଚାର ବ୍ୟୁରୋ):** ମହାଦେବଙ୍କ ଦର୍ଶନ କରିବା ପାଇଁ ଅଟୋରେ ଆସୁଥିଲେ ୧୨ ଜଣ ଶ୍ରଦ୍ଧାଳୁ। ଅଧବାଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟିଲା ଅଟୋ। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଡନବସ୍କ ସ୍କୁଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବତୀଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଯୁବତୀ ଜଣଙ୍କ ହେଲେ ତୁଳସୀ କୁସୁଲିଆ। ଆଜି କାର୍ତ୍ତିକ ମାସର ପ୍ରଥମ ସୋମବାର ଥିବାରୁ ଏକ ଅଟୋରେ ଚନ୍ଦ୍ରପୁର ବ୍ଲକ୍ ପିସ୍କାପଙ୍ଗା ପଞ୍ଚାୟତ ହିରବା ଗାଁରୁ ୧୨ ଶ୍ରଦ୍ଧାଳୁ ମୁନିଗୁଡା ବ୍ଲକ କୁମୁଡ଼ାବାଲି ଗାଁରେ ଥିବା ଶିବ ମନ୍ଦିରକୁ ଦର୍ଶନ କରିବା ପାଇଁ ଆସୁଥିଲେ। ବାଟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା।

# ଦେପୁର ଧାନ ମଣ୍ଡି ପରିସରରେ ଅଣଧାନ ଚାଷ ପାଇଁ ତାଲିମ ଶିବିର



**କଳାହାଣ୍ଡି,୨୧।୧୦(ସଂଚାର ବ୍ୟୁରୋ):** ଧାନ ଫସଲ ବ୍ୟତିତ ଅଣ ଧାନ ଫସଲ କଲେ ଚାଷୀ ଲାଭାନ୍ୱିତ ହେବା ସହିତ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ସମ୍ବନ୍ଧରେ ଚାଷି ଙ୍କୁ ସଚେତନତା ସହିତ ତାଲିମ ପ୍ରଦାନ କରାଯାଇଛି।ସିଡିପି,ମେଘା ଲିଫ୍ଟ ଏରିଗେସନ ପ୍ରୋଜେକ୍ଟ,ଏମଏଲଆଇପି, କୃଷି ଓ ଉଦ୍ୟାନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଅଣଧାନ ଚାଷ ପାଇଁ ଏହି ତାଲିମ ଶିବିର କଲମପୁର ବ୍ଲକ ଦେପୁର ଧାନ ମଣ୍ଡି ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ୫୦ ଜଣ ଚାଷୀ ଅଂଶଗ୍ରହଣ କରିଥିବା ବେଳେ କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଏହାର ଆୟୋଜକ ଥିଲେ। ଏଥିରେ ପେକ୍ସ ସଭାପତି ଶଙ୍କର୍ଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବ୍ଲକ କୃଷି ଅଧିକାରୀ ଅନନ୍ତ ଚରଣ ଦାସ, ସହକାରୀ କୃଷି ଅଧିକାରୀ ଅଜୟ କୁମାର ବେମାଲ,ଭିଏଡବ୍ଲୁ ପ୍ରକାଶିନି ପାତ୍ର, ଛାତ୍ରୀ ସ୍ନେହା ସାହୁ ,ବିଶ୍ୱ ପ୍ରକାଶ ମୁଣ୍ଡ ଯୋଗଦେଇ ଅଣଧାନ ଫସଲ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।ଆବେଦନର ପ୍ରଣାଳୀ, ପ୍ରୋତ୍ସାହନ ରାଶିର ପରିମାଣ, ରୋଗପୋକର କାରଣ ଓ ନିରାକରଣ ସମେତ ଜୈବିକ ସାରର ବ୍ୟବହାର ଓ ତାହାର ଉପକାରିତା ନେଇ ଆଲୋକପାତ କରିଥିଲେ, ଆୟୋଜକ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ କୋର୍ଡିନେଟର ଶଙ୍କର ପ୍ରସାଦ ରାଉତ, ପ୍ରଶାନ୍ତ ମାଝିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଯେ କଲମପୁର ବ୍ଲକ ଅଞ୍ଚଳରେ ସମୁଦାୟ ଅମଲକ୍ଷମ ଜମି ୧୪ ହଜାର ୬ ଶହ ହେକ୍ଟର ରହିଛି। ସେଥି ମଧ୍ୟରୁ ୧୧ ହଜାର ୪୫୦ ହେକ୍ଟର ଜମିରେ ଧାନଚାଷ କରାଯାଇ ଥିବା ବେଳେ ୬ ଶହ ହେକ୍ଟର ଜମିରେ ଡାଲି ଜାତୀୟ ଓ ୫୨ ହେକ୍ଟର ଜମିରେ ପନିପରିବା ଫସଲ ଚାଷ କରାଯାଇଥିବା କୃଷି ବିଭାଗରୁ ସୂଚନା ମିଳିଛି। ସମୁଦାୟ ଚାଷ ଜମି ମାନଙ୍କ ମଧ୍ୟରେ ପ୍ରାୟ ୧୫ ଶହ ହେକ୍ଟର ଜମିରେ ଜଳ ସେଚନ ହୋଇ ପାରୁନଥିବା ଜଣାପଡ଼ିଛି। ସେହି ୧୫ ଶହ ହେକ୍ଟର ଅଣ ଜଳସେଚିତ ଜମି ମଧ୍ୟରୁ ୬ ଶହ ୨୫ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ବ୍ଲକ କୃଷି ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

# ଓଏଏସ ପାଇଥିବା ଜ୍ୟୋତି ଓ ସମୁଦ୍ରଙ୍କୁ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୨୧।୧୦(ସଂଚାର ବ୍ୟୁରୋ):** ଓପିଏସଇ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସୋନପୁରର ଜ୍ୟୋତି ରଂଜନ ଭୋଇଙ୍କୁ ଆଜି ସାନଝିଙ୍କୀ ବାସ ଭବନରେ ପରିବାର, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋନପୁର ବ୍ଲକରେ କିରାଣୀ ଭାବେ କାର୍ଯ୍ୟରତ ଥିବା ବାପା ଦୈତ୍ୟଦେବ ଭୋଇ ଓ ମାତା ଜୟଶ୍ରୀ ଭୋଇଙ୍କ ସୁପୁତ୍ର ଅଟନ୍ତି ଜ୍ୟୋତି। ପ୍ରଥମେ ସୋନପୁରର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀ, ମା ରାମଚଣ୍ଡୀ, ମା ମାଉଳି ଏବଂ ଅଜା ସମେତ ବାପା ଓ ମାଙ୍କୁ ଏହି ସଫଳତାର ଶ୍ରେୟ ଦେବି ବୋଲି ଆଜି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ଜ୍ୟୋତି। ପ୍ରଥମ ଥର ଓଏଏସ ପରୀକ୍ଷାରେ ୩୭୨ ନମ୍ବର୍ ରେଙ୍କ ରେ ଓ ଜନ ସୂଚିତ ଜାତି ଭାବେ ୪ ନମ୍ବର୍ ରେଙ୍କରେ ସଫଳ ହୋଇଥିବା ଜ୍ୟୋତି ପ୍ରଥମେ ବୃଦ୍ଧ ବୃଦ୍ଧା, ତଳସ୍ତର ର ସାଧାରଣ ଜନତାଙ୍କୁ ଉତ୍ତମ ସେବା ଦେବାକୁ ଓ ବିଶେଷ କରି ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଛି ବୋଲି କହି ଭାବ ପ୍ରବଣ ହୋଇ ଯାଇଥିଲେ। ପୁଅ ଆଗକୁ ଜଣେ ଆଇଏଫ୍‌ଏସ ଅଫିସର ହୋଇ ଜଙ୍ଗଲ ପରିବେଶ ସୁରକ୍ଷାର ଗୁରୁ ଦାୟିତ୍ୱ ବହନ କରିବାକୁ ଶୁଭ କାମନା ଜଣାଇଛନ୍ତି ବାପା ଦୈତ୍ୟଦେବ। ପୁଅର ସଫଳତା ଖବର ପରେ ଶ୍ରୀ ଭୋଇଙ୍କ ପରିବାର ଓ ସାନ ଝୀଙ୍କୀ ଗାଁ ଗତକାଲି ଠୁଁ ଉତ୍ସବ ମୁଖର ହୋଇ ଉଠିଛି। ସେହିପରି ବୌଦ୍ଧ ଜିଲ୍ଲା ମୂଳ ନିବାସୀ ସୋନପୁର ଗ୍ରିଡକୋ ଅଞ୍ଚଳରେ ରହୁଥିବା ସୁରଥ ମିଶ୍ର ଓ ବେବିଙ୍କ ସୁପୁତ୍ର ସମୁଦ୍ର ମିଶ୍ର ୩୩ ରେଙ୍କ ହାସଲ କରି ବୌଦ୍ଧ ଜିଲ୍ଲାର ତଥା ବର୍ତ୍ତମାନ ବାସ କରୁଥିବା ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ବଢାଇଛନ୍ତି। ମୋର ପ୍ରଥମ ଚେଷ୍ଟାରେ ଏ ସଫଳତା ହାସଲ କରିଥିବା ଓ ଏହାର ଶ୍ରେୟ ମୋ ବାପା ମାଆ କାକା ଖୁଡି ସାଙ୍ଗ ସାଥି ଓ ସିନିଅରଙ୍କୁ ଦେବି ବୋଲି ସମୁଦ୍ର ମିଡ଼ିଆ ଙ୍କୁ କହିଥିଲେ। ସୋନପୁର ସେଣ୍ଟ ଆନି ସ୍କୁଲ ରେ ମେଟ୍ରିକରେ ଟପ୍ପର ହୋଇଥିବା ସମୁଦ୍ର ଯେଉଁଠି ଦାୟିତ୍ୱ ମିଳିବ ମୁଁ ଭଲରେ ଓ ଉତ୍ସର୍ଗୀ କୃତ ସର୍ଭିସ୍ ଦେବି ବୋଲି କହିଥିଲେ।

# ମରଣଯନ୍ତା ପାଲଟିଛି ବିଜୁ ଏକ୍ସପ୍ରେସ ୱେ

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ



**ସିନାପାଲି,୨୧।୧୦(ସଂଚାର ବ୍ୟୁରୋ):** ଯୁଗେନପଦର ନିକଟ ଉଦନ୍ତି ବ୍ରିଜ୍ ଠାରେ ଏକ ସଡକ ଦୁର୍ଘଟଣା ହୋଇଥିବା ବେଳେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ ଘଟିଥିବା ଜଣାପଡ଼ିଛି। ମୃତ ବ୍ଯକ୍ତି ଜଣକ ସିନାପାଲି ଥାନା ମଖାପଦର ଗ୍ରାମର ନବିନ ମାଝି(୪୨) ବୋଲି ଜଣାପଡିଛି। ପ୍ରାପ୍ତ ଖବର ଅନୁସାରେ ଗତ ଶୁକ୍ରବାର ସଂନ୍ଧ୍ୟା ରେ ନବିନ ତାଙ୍କ ଶ୍ୱଶୁର ଘର କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗେଣ୍ଡୁଲ ଯାଇଥିଲେ। ସେଠାରୁ ନିଜ ଘର କୁ ନ ଆସି ସିଧା ବୋଡେନ ବ୍ଲକ ସୁନାପୁର ଗାଁ ତାଙ୍କ ସୋଡୁଭାଇ ଘରକୁ କୌଣସି ବିଶେଷ କାର୍ଯ୍ୟ ରେ ବାଇକ (ଓଡ଼ି ୨୬ ବି ୫୫୮୨) ରେ ବାହାରି ଥିଲେ। ହେଲେ ବିଳମ୍ବିତ ରାତି ପ୍ରାୟ ୧୧ ରୁ ୧୨ଟା ମଧ୍ୟରେ ଯୁଗେନପଦର ନିକଟ ଉଦନ୍ତି ନଦୀ ବ୍ରିଜ୍ ଠାରେ କୌଣସି କାରଣ ରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ରକ୍ତାକ୍ତ ଅବସ୍ଥାରେ ତଳେ ମୁହଁମାଡି ପଡିଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣା ହୋଇଥିବା ଦେଖି ସିନାପାଲି ପୁଲିସ କୁ ଖବର ଜଣାଇଥିଲେ। ସିନାପାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତୁରନ୍ତ ଦୁର୍ଘଟଣା ଗ୍ରସ୍ତ ବ୍ଯକ୍ତି ଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ହେଲେ ସେହି ବାଇକ ଆରୋହୀ ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସିନାପାଲି ଥାନା ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି । ମର ଶରୀର ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ ମୃତ ବ୍ଯକ୍ତିର ସ୍ତ୍ରୀ ସସ୍ମିତା ମାଝୀ ବର୍ତ୍ତମାନ ଅସହାୟ ହୋଇପଡିଛି। ତାଙ୍କ ଦୁଇପୁଅ ଓ ଗୋଟିଏ ଝିଅ ଥିବା ଜଣାପଡିଛି। ଏହି ଘଟଣା ପରେ ପରିବାର ଲୋକ ଭାଙ୍ଗି ପଡିଥିବା ବେଳେ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଯୋଗ୍ୟ ଯେ ସିନାପାଲି ମଧ୍ୟ ଦେଇ ଅତିକ୍ରମ କରିଥିବା ବିଜୁ ଏକ୍ସପ୍ରେସ ନିର୍ମାଣରେ ବିଭାଗୀୟ ଅଧିକାରୀ ଙ୍କ ଅବହେଳା କାରଣ ରୁ ଏଭଳି ଦୁର୍ଘଟଣା ଘଟି ବାରମ୍ବାର ଲୋକଙ୍କ ଜୀବନ ହାନି ହେଉଥିବା ଅଭିଯୋଗ ହେଉଛି। ଅଞ୍ଚଳରେ ବିଜୁ ଏକ୍ସପ୍ରେସ ୱେ ଏକ ମରଣ ଯନ୍ତା ବୋଲି ଚର୍ଚ୍ଚା ଜୋର ଧରିଛି। ଯେହେତୁ କୋଟିକୋଟି ଟଙ୍କା ବ୍ୟୟ ବରାଦ ରେ ନିର୍ମାଣ ହୋଇଥିବା ଉଦନ୍ତୀ ପୋଲ ଦୀର୍ଘ ବର୍ଷ ବିତିଯାଇଥିଲେ ବି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ନିର୍ମାଣ କାର୍ଯ୍ୟ ନସରୁଣୁ ପୋଲ ଖୁଣ୍ଟ ଦବିଯିବା ଫଳରେ ତିରିଶ ବର୍ଷ ପୁରୁଣା ପୋଲରେ ଯାତାୟାତ ଚାଲିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ରାସ୍ତା ଉପରେ ସ୍ୱତନ୍ତ୍ର ବେରୀଗେଟ କିମ୍ବା ଡାଇଭର୍ଶନ ର ବ୍ୟବସ୍ଥା କରାଯାଇ ନାହିଁ। ନାମକୁ ମାତ୍ର ମୋରମ ମାଟି ଦେଇ ରାସ୍ତାକୁ ବ୍ଲକ କରାଯାଇଛି।